

ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା
ନମଃତସ୍ୟୈ ନମଃତସ୍ୟୈ ନମଃତସ୍ୟୈ ନମୋନମଃ ।

# ଆମର ପ୍ରୟାସ

AAMAR PRAYAS

PRGI NO - ORORI/26/A1298



୩୫୦ କିମି ବେଗରେ ଦୌଡୁଥିବା ଟ୍ରେନ ନିର୍ମାଣ କରିବ ଭାରତ

ବର୍ଷ-୦୧,ସଂଖ୍ୟା-୧୭୭, ସୋମବାର, ୨୧ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର ମୂଲ୍ୟ - ଟ. ୫.୦୦ (ପୃଷ୍ଠା-୦୮)

VOl- 01, Issue- 177 Monday , 21 Septeber 2026, Bhubaneswar, Rs. 5.00 (Page - 08)


## କୁକି ଯୁବକଙ୍କୁ ଅଟକ ପ୍ରତିବାଦରେ ମଣିପୁରରେ ହିଂସାତ୍ମକ ବିକ୍ଷୋଭ, ଟାୟାର ଜାଳି ରାସ୍ତା ଅବରୋଧ



ଇମ୍ଫାଲ: ମଣିପୁରର କାଙ୍ଗପୋକପି ଜିଲ୍ଲାରେ ସୁରକ୍ଷା ବାହିନୀ ଦ୍ୱାରା ୬ ଜଣ ଗ୍ରାମବାସୀଙ୍କୁ ଅଟକ ରଖାଯିବା ଅଭିଯୋଗ ନେଇ କୁକି ସମ୍ପ୍ରଦାୟର ଲୋକମାନେ ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ ରାତିରେ ମୋଟବୁଙ୍ଗ ଏବଂ ଆଖପାଖ ଅଞ୍ଚଳରେ ଏହି ବିକ୍ଷୋଭ ଓ ହିଂସା ଜାରି ରହିଥିଲା। ଆନ୍ଦୋଳନକାରୀମାନେ ରାସ୍ତାରେ ଟାୟାର ଜାଳିବା ସହ ସରକାରୀ ଗାଡ଼ି ଉପରକୁ ପଥରମାଡ଼ କରିଥିଲେ। ବିନା କାରଣରେ ଖୋଲେନ୍ ଗ୍ରାମର ୬ ଜଣ ଯୁବକଙ୍କୁ ସୁରକ୍ଷା ବାହିନୀ ଅଟକ ରଖିଥିବା ଅଭିଯୋଗ ହୋଇଥିଲା ଏବଂ ଏହା ବିରୋଧରେ ପ୍ରାୟ ୧ ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ। ସୂଚନାଯୋଗ୍ୟ, ନାଗାବହୁଳ ଚାଓ୍ୱାଙ୍ଗକିନିଙ୍ଗ ଗ୍ରାମ ନିକଟରେ ଥିବା ଖୋଲେନ୍ ଗ୍ରାମ ଉପରେ ନିକଟରେ ସଶସ୍ତ୍ର ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଆନ୍ଦୋଳନକାରୀଙ୍କୁ ଛତ୍ରଭଙ୍ଗ ଦେବା ପାଇଁ ସୁରକ୍ଷା ବାହିନୀ ତୁହାକୁ ତୁହା ଲୁହବୁହା ଗ୍ୟାସ୍ ସେଲ୍ ପ୍ରୟୋଗ କରିଥିଲେ। ଏଥିସହିତ ସୁରକ୍ଷା ବାହିନୀଙ୍କ ଗାଡ଼ି ଚଳାଚଳ ବନ୍ଦ କରିବା ପାଇଁ ବିକ୍ଷୋଭକାରୀମାନେ ଭାରୀ ନିର୍ମାଣ ଯନ୍ତ୍ରପାତି ବ୍ୟବହାର କରି ମୋଟବୁଙ୍ଗଠାରେ ୨ ନମ୍ବର ଜାତୀୟ ରାଜପଥର (ଇମ୍ଫାଲରୁ ଡିମାପୁର) କିଛି ଅଂଶ ଖୋଳି ଦେଇଥିଲେ।ଏହି ସଂଘର୍ଷ ଏବଂ ପ୍ରଦର୍ଶନ ସମୟରେ କିଛି ଆନ୍ଦୋଳନକାରୀ ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରବର୍ତ୍ତୀ ସମୟରେ ସୁରକ୍ଷା ବାହିନୀ ଦ୍ୱାରା ଅଟକ ରଖାଯାଇଥିବା ବ୍ୟକ୍ତିଙ୍କୁ ଛାଡ଼ି ଦିଆଯିବା ପରେ ଏହି ବିକ୍ଷୋଭ ପ୍ରଦର୍ଶନ ଶେଷ ହୋଇଥିଲା। ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ପ୍ରବଳ ବର୍ଷାହ; ୮ ଜିଲ୍ଲାକୁ ଅରେଞ୍ଜ ଓ ୧୨ ଜିଲ୍ଲାକୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର : ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବଳୟ ପ୍ରଭାବରେ ଓଡ଼ିଶାରେ ପାଗ ପରିବର୍ତ୍ତନ ହେବା ସହ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ବିଶେଷକରି ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କ କରିଛି ପାଣିପାଗ ବିଭାଗ। ଆଜି ପାଇଁ ୮ ଜିଲ୍ଲାକୁ ଅରେଞ୍ଜ ଓ ୧୨ ଜିଲ୍ଲାକୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ ।ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାର ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଏବଂ ଗଞ୍ଜାମ ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ୩୦ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଉପକୂଳ ଏବଂ ଉତ୍ତର ଓଡ଼ିଶାର ଅନେକ ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ପାଇଁ ସତର୍କତା ଜାରି ହୋଇଛି ।ଆସନ୍ତା ମଙ୍ଗଳବାର ଠାରୁ ବର୍ଷାର ପରିମାଣ ବଢ଼ିବ। ଲଘୁଚାପ ଅବପାତର ରୂପ ନେଉଥିବାରୁ ସେପ୍ଟେମ୍ବର ୨୧ ସୁଦ୍ଧା ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରୁ ଫେରିଆସିବାକୁ ପରାମର୍ଶ ଦିଆଯାଇଛି। ୨୧ରେ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଅବପାତରେ ପରିଣତ ହେବ। ପରେ ୨୨ରେ ଏହା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଗଭୀର ଅବପାତ ହେବା ସମ୍ଭାବନା ରହିଛି। ବାତ୍ୟା ନେଇ ଏଯାଏଁ କୌଣସି ସ୍ପଷ୍ଟ ଆକଳନ କରାଯାଇନଥିବାବେଳେ ୨୨ରୁ ୨୫ ଯାଏଁ ଓଡ଼ିଶାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ତେବେ ବିଭିନ୍ନ ମଡେଲ୍ ଆଣ୍ଡାମାନ ସାଗରରେ ବାତ୍ୟା ସୃଷ୍ଟି ନେଇ ପାଗ ଅନୁକୂଳ ଥିବା କହୁଛନ୍ତି।

## ଶ୍ରୀମନ୍ଦିର ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ

ପୁରୀ, : ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ, ଯନ୍ତ୍ରୀ ଓ ବିଭିନ୍ନ ଉପବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ରତ୍ନଭଣ୍ଡାରରେ ଗଚ୍ଛିତ ମୂଲ୍ୟବାନ ସାମଗ୍ରୀର ଡିଜିଟାଇଜେସନ୍, ଡିଜିଟାଲ ହୁଣ୍ଡି, ଦିବ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାଟେରି ଚାଳିତ ଯାନ, ଶ୍ରୀମନ୍ଦିର ପତ୍ରିକାର କାର୍ତ୍ତିକ ବିଶେଷାଙ୍କ ଓ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ଏଥିସହ ଶ୍ରୀଜଗନ୍ନାଥ ମନ୍ଦିର ଭୂମି ପରିଚାଳନା ଆଇନରେ ହୋଇଥିବା ସଦ୍ୟ ସଂଶୋଧନ ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଶ୍ରୀମନ୍ଦିର ରେଡିଓ ଓ ୟୁଟ୍ୟୁବ୍ ଷ୍ଟୁଡିଓ ସ୍ଥାପନ ସହ ଶ୍ରୀବିଗ୍ରହଙ୍କ ତିନି ରଥର ବିଭିନ୍ନ ଅଂଶର ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତା ୨୬ ସେପ୍ଟେମ୍ବରରେ ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକର ଆଲୋଚ୍ୟସୂଚୀ ନେଇ ମଧ୍ୟ ପ୍ରସ୍ତୁତି କରାଯାଇଥିଲା। ବୈଠକ ପରେ ମୁଖ୍ୟ ପ୍ରଶାସକଙ୍କ ସମେତ ବରିଷ୍ଠ ଅଧିକାରୀ ଓ ପୂର୍ତ୍ତ ବିଭାଗର ଟିମ୍ ଶ୍ରୀଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିରରେ ଦିବ୍ୟାଙ୍ଗଙ୍କ ପାଇଁ ରାମ୍ପ ନିର୍ମାଣ, ରୋଷଘର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ, ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ପ୍ରବେଶ ଓ ପ୍ରସ୍ଥାନ ମାର୍ଗ, ଦାନବାକ୍ସ ଗଣତି ସ୍ଥାନରେ ସିସିଟିଭି ସ୍ଥାପନ ଏବଂ ବିଭିନ୍ନ ସ୍ଥାନରେ ସୂଚନା ଫଳକ ଲଗାଇବା ନେଇ ଆଲୋଚନା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରାଯାଉଥିବା ବେଳେ ଖୁବ୍‌ଶୀଘ୍ର ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତମାନଙ୍କ ପାଇଁ ଖୋଲିବା ନେଇ ପଦକ୍ଷେପ ନିଆଯାଉଥିବା ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି।

# ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଛତିଶଗଡ଼ର ମୁଖ୍ୟମନ୍ତ୍ରୀବିଷ୍ଣୁଦେଓ ସାଏ ଓଡ଼ିଶା ଗସ୍ତ ଅବସରରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ସୌଜନ୍ୟମୂଳକ ଆଲୋଚନା କରିଛନ୍ତି। ଆଜି ସକାଳେ ଭୁବନେଶ୍ୱରରେ ପହଞ୍ଚିଥିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ। ବିମାନବନ୍ଦରରୁ ବାହାରି ସେ ସିଧା ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବିଷ୍ଣୁଦେଓ ସାଏ ପ୍ରାୟ ଏକ ଘଣ୍ଟା ଧରି ଆଲୋଚନା କରିଛନ୍ତି। ଏହି ବୈଠକରେ ମହାନଦୀ ଜଳ ବିବାଦ ସମେତ ଦୁଇ ରାଜ୍ୟର ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିବା ବୋଲି ଚର୍ଚ୍ଚା ହେଉଛି । ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୮ରେ ହେବ ସୂଚନାଯୋଗ୍ୟ, ମହାନଦୀଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ବୈଷୟିକ ଆଲୋଚନା ଜାରି ରହିଛି । ସେପ୍ଟେମ୍ବର ୨୧ରେ କେନ୍ଦ୍ରୀୟ ଜଳ ଆୟୋଗ (ଉଡଉ) ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଦୁଇ ରାଜ୍ୟର ବୈଷୟିକ ଟିମ୍‌ର ପରବର୍ତ୍ତୀ ବୈଠକ ହେବ । ସେହିପରି ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୮ରେ ହେବ । ଏହା ପୂର୍ବରୁ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ଓ ବୈଷୟିକ ତଥ୍ୟ ଆଧାରରେ ସମାଧାନର ରାସ୍ତା ଖୋଜାଯାଉଛି । ଏହା ପୂର୍ବରୁ ଜୁଲାଇ ୩୦ରେ ନୂଆଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲଙ୍କ ଅଧ୍ୟକ୍ଷତାରେ ମୋହନ ମାଝୀ ଓ ବିଷ୍ଣୁଦେଓ ସାଏ ମହାନଦୀ ଜଳ ବଣ୍ଟନ ଓ ପରିଚାଳନା ନେଇ ଆଲୋଚନା କରିଥିଲେ ।



## ସମ୍ଭାବ୍ୟ ବାତ୍ୟାକୁ ନେଇ ସଜାଗ ଗଞ୍ଜାମ ପ୍ରଶାସନ

ଗଞ୍ଜାମ: ସମ୍ଭାବ୍ୟ ବାତ୍ୟା ଓ ଏହାର ପ୍ରଭାବରେ ହେବାକୁ ଥିବା ପ୍ରବଳ ବର୍ଷାକୁ ମୁକାବିଲା କରିବାକୁ ସଜାଗ ହୋଇଛି ଗଞ୍ଜାମଜିଲ୍ଲା ପ୍ରଶାସନ। ଆସନ୍ତାକାଲିଠାରୁ ଜିଲ୍ଲାରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ଥିବାରୁ ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ସମ୍ଭାବ୍ୟ ପରିସ୍ଥିତିରେ ଯେପରି ଜନଜୀବନ



ପ୍ରଭାବିତ ନହୁଏ, ସେଥିପାଇଁ ବିଭିନ୍ନ ବିଭାଗକୁ ସଜାଗ ରଖାଯାଇଛି। ଗଞ୍ଜାମ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିଜ ହେଡ୍‌କ୍ୱାର୍ଟର ନଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରୁରୀ ପରିସ୍ଥିତିରେ ତୁରନ୍ତ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅଧିକାରୀମାନେ ପ୍ରସ୍ତୁତ ରହିବେ। ସ୍ଥାନୀୟ ପ୍ରଶାସନକୁ ମଧ୍ୟ ପରିସ୍ଥିତି ଉପରେ ନଜର ରଖିବାକୁ କୁହାଯାଇଛି ।ଆଶ୍ରୟସ୍ଥଳୀ ପ୍ରସ୍ତୁତପାଗକୁ ଦୃଷ୍ଟିରେ ରଖି ଲୋକଙ୍କୁ ମଧ୍ୟ ସତର୍କ କରାଯାଇଛି। ବିନା କାରଣରେ ଘରୁ ବାହାରକୁ ନବାହାରିବା ସହ ଘଡ଼ଘଡ଼ି ସମୟରେ ନିରାପଦ ସ୍ଥାନରେ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଶେଷକରି ବର୍ଷା ଓ ବଜ୍ରପାତ ସମୟରେ ଅତ୍ୟାବଶ୍ୟକ କାମ ନଥିଲେ ବାହାରକୁ ନଯିବାକୁ କୁହାଯାଇଛି। ଜିଲ୍ଲା ପ୍ରଶାସନ ସହ ତହସିଲ, ବ୍ଲକ, ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ସଜାଗ କରାଯାଇଛି। ଯେକୌଣସି ଆପତ୍‌କାଳୀନ ପରିସ୍ଥିତିରେ ତୁରନ୍ତ ସେବା ଯୋଗାଇବା ଓ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗଗୁଡ଼ିକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି।

## ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସଙ୍ଗରେ ବିଧାନସଭା ଘେରାଉ ହେବ

ଭୁବନେଶ୍ୱର : ରାଜ୍ୟର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଧାନସଭା ଘେରାଉ କରାଯିବ । ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସଙ୍ଗ ନେଇ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଶ୍ରୀ ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଇପ୍ସିତା ସାହୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି ଥିବା ବେଳେ ତାହା ରାଜ୍ୟ ସରକାର ପ୍ରତ୍ୟାହାର କରିଲେ ନାହିଁ । ଆସନ୍ତା କିଛି ଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବ । ତେବେ ତ୍ରୁଟି ପୂର୍ଣ୍ଣ ପୁସ୍ତକ ପଢ଼ି ଛାତ୍ରଛାତ୍ରୀ ମାନେ କିପରି ପରୀକ୍ଷା ଦେବେ । ଚଳିତ ଶିକ୍ଷା ବର୍ଷ ଆରମ୍ଭରୁ ଛାତ୍ରଛାତ୍ରୀ ମାନେ ତ୍ରୁଟି ଶୂନ୍ୟ ପୁସ୍ତକ ପାଇଲେ ନାହିଁ । ବିଜେପି ସରକାର ଏନ୍‌ଇପି ଲାଗୁ କରି ଅହେତୁକ ବିଳମ୍ବରେ ପାଠ୍ୟ ପୁସ୍ତକ ପ୍ରଦାନ କରିଥିଲେ । ପିଲାଙ୍କ ଭବିଷ୍ୟତ ସହ ଖେଳି ବିଳମ୍ବରେ ମଧ୍ୟ ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରଦାନ କରିଲେ ।ତ୍ରୁଟି ପୂର୍ଣ୍ଣ ପୁସ୍ତକ ବାବଦରେ ରାଜ୍ୟ ସରକାର ସବୁ ଜାଣି ସୁଦ୍ଧା ମାଳ ମାଳ ତ୍ରୁଟି ଥିବା ପୁସ୍ତକ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରିଛନ୍ତି । ନୂତନ ପୁସ୍ତକ ପ୍ରକାଶନ କରିବା ଟେଣ୍ଡର ମଧ୍ୟ କେନ୍ଦ୍ର ସରକାରଙ୍କ ପ୍ରଭାବଶାଳୀ ବିଜେପି ନେତାଙ୍କୁ ପ୍ରଦାନ କରାଯାଇଥିଲା । ଉକ୍ତ ପ୍ରକାଶନ ଟଙ୍କାକୁ ସୁରୁଖୁରୁରେ ପ୍ରଦାନ କରାଇବା ପାଇଁ ତ୍ରୁଟି ଗୁଡିକ ପ୍ରତି ରାଜ୍ୟ ସରକାର ଆଖି ବୁଜି ଦେଇଛନ୍ତି । ପିଲା ମାନଙ୍କୁ ଅପାଠୁଆ କରିବା ପାଇଁ ପୁସ୍ତକ ଗୁଡ଼ିକରେ ମାଳ ମାଳ ତ୍ରୁଟି ରହିଛି । ପୁସ୍ତକ ପ୍ରକାଶନରେ ୩୮୦କୋଟି ଟଙ୍କାର ଦୁର୍ନୀତି ହୋଇଛି । ଏହି ଦୁର୍ନୀତିରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ସାମିଲ୍ ରହିଛନ୍ତି ।ପୁସ୍ତକ



ପ୍ରତ୍ୟାହାର, ଉଚ୍ଚସ୍ତରୀୟ ତଦନ୍ତ ଓ ମନ୍ତ୍ରୀଙ୍କୁ ବହିଷ୍କାର ଦାବିରେ ରାଜ୍ୟ ବ୍ୟାପି ଶିକ୍ଷା ବଞ୍ଚାଅ ଆନ୍ଦୋଳନ କରି ବିଜେଡି ପ୍ରତିବାଦ ପ୍ରଦର୍ଶନ କରିଥିଲା । କିନ୍ତୁ ଏଥିରେ ମଧ୍ୟ ମୁଖ୍ୟମନ୍ତ୍ରୀ ଚୁପ୍ ହୋଇ ବସିଛନ୍ତି । ଉକ୍ତ ଘଟଣାରେ ରାଜ୍ୟ ସରକାରଙ୍କୁ ନିନ୍ଦିତ କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଛି ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ସ୍ୱୀକାର କରିଛନ୍ତି । କିନ୍ତୁ ପଦକ୍ଷେପ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛନ୍ତି । ତଳତଳିଆ ଅଧିକାରୀ ମାନଙ୍କୁ ଗିରଫ କରି ବଡ଼ ବଡ଼ିଆ ମାନଙ୍କୁ ଛାଡ଼ି ଦିଆଯାଉଛି । ତେବେ ବିକ୍ଷୋଭ ଓ ଜନଜାଗରଣ ସତ୍ତ୍ୱେ ବିଜେପି ସରକାର ତିଳେ ହେଲେ ଭ୍ରୂକ୍ଷେପ କରୁନାହିଁ ।ଏ ଯାଏ ଛାତ୍ରଛାତ୍ରୀ ମାନଙ୍କୁ ତ୍ରୁଟି ଶୂନ୍ୟ ପୁସ୍ତକ ମିଳିପାରିଲା ନାହିଁ । ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କ ଅଧିକାର ପାଇଁ ବିଜେଡି ଲଢେଇ କରିବ । ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସେପ୍ଟେମ୍ବର ୨୨ ଓ ୨୩ ତାରିଖରେ ବିଧାନସଭା ଘେରାଉ କରାଯିବ ବୋଲି କହିଛନ୍ତି । ଆସନ୍ତା ୨୨ ତାରିଖ ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଯଦି ଇସ୍ତଫା ପ୍ରଦାନ ନକରିବେ । ଆସନ୍ତା ୨୨ ତାରିଖ ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବ ଯୁବ ଓ ଛାତ୍ର ବିଜେଡି । ରାଜ୍ୟସାରା ଯୁବ ଓ ଛାତ୍ର ଏଥିରେ ଅଂଶଗ୍ରହଣ କରିବା ପାଇଁ ଆହ୍ୱାନ ପ୍ରଦାନ କରିଛନ୍ତି । ଏହା ସହିତ ସାମାଜିକ ସଂଗଠନ, ଅଭିଭାବକ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନଙ୍କ ସମର୍ଥନ ଲୋଡିଛନ୍ତି ।ସେହିପରି ଛାତ୍ର ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ, ବିଜେପି ସରକାର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଜରିଆରେ ରାଜ୍ୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିଛନ୍ତି । ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସଙ୍ଗ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଉଦବେଗ ପ୍ରକାଶ କରିଛନ୍ତି । ତାଙ୍କ ଶାସନ କାଳରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଏକ ମାଇଲଖୁଣ୍ଟ ହାସଲ କରି ବିଶ୍ୱ ଦରବାରରେ ପ୍ରଶଂସିତ ହୋଇଥିଲା । ୫-ଟି ଯୋଜନାରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିଥିଲା । କିନ୍ତୁ ବର୍ତ୍ତମାନ ବିଜେପି ସରକାରରେ ତାହା ବିପର୍ଯ୍ୟସ୍ତ ହୋଇଛି । ତ୍ରୁଟିପୂର୍ଣ୍ଣ ପୁସ୍ତକ ପାଇଁ ଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହୋଇଛି । ଏହାକୁ ବିରୋଧ କରି ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟସାରା ପ୍ରତିବାଦ ପ୍ରଦର୍ଶନ କରିଥିଲା ।ରାଜ୍ୟ ସାରା ପ୍ରତି ଜିଲ୍ଲାରେ ବିକ୍ଷୋଭ ସମୟରେ ଅଭିଭାବକ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମାନେ ସମର୍ଥନ ମଧ୍ୟ ଜଣାଇଥିଲେ । କିନ୍ତୁ ଏତେ ପରେ ମଧ୍ୟ ରାଜ୍ୟର ବିଜେପି ସରକାର ଚେତିଲା ନାହିଁ ।

# ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ କେବେ

ଭୁବନେଶ୍ୱର : ଦେଶର କେତେକ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଥିବାବେଳେ ଆଉ କେତେକ ସ୍ଥାନରେ ନିର୍ବାଚନ ପ୍ରଚାର ପାଇଁ ବିଶ୍ୱବିଦ୍ୟାଳୟ ଓ କଲେଜ୍‌ଗୁଡ଼ିକର ପରିବେଶ ସରଗରମ ରହିଛି । କିନ୍ତୁ ପ୍ରାୟ ୮ବର୍ଷ ଧରି ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ହେଉନଥିବାବେଳେ ଏଯାବତ୍ ନିର୍ବାଚନୀ କାର୍ଯ୍ୟସୂଚୀ ପ୍ରକାଶ ପାଇନାହିଁ । ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ସେଥିଘେନି ମଧ୍ୟ କେହି ସ୍ପଷ୍ଟ ଭାବେ ସୂଚନା ଦେଇପାରୁ ନାହାନ୍ତି ।ଇତିମଧ୍ୟରେ ପଞ୍ଜାବରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ବିଭିନ୍ନ ଅଗ୍ରଣୀ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ର ସଂସଦ ନିର୍ବାଚନ ସରିଛି । ପଞ୍ଜାବରେ ଆପ୍ ସରକାର ଥିବାବେଳେ ଦିଲ୍ଲୀରେ ବିଜେପି ସରକାର ରହିଛି । କ୍ଷମତାସୀନ ଦଳ ସମର୍ଥିତ ଛାତ୍ର ସଂଗଠନ ନିର୍ବାଚନରେ ଜିଣୁ କି ହାରୁ ତାହାର ହିସାବ ନିକାସ ନକରି ସେଠାକାର ସରକାରମାନେ ଛାତ୍ର ସଂସଦ ନିର୍ବାଚନ କରାଉଛନ୍ତି । କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲେଙ୍ଗାନା ଆଦିରେ ବି ଛାତ୍ର ସଂସଦ ନିର୍ବାଚନ ହେଉଥିବା ଖବର ମିଳିଛି ।ବିଜେଡି ସରକାର ସମୟରେ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନକୁ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଓ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ଆଳରେ ବନ୍ଦ ରଖାଯାଇଥିଲା । ପରେପରେ କରୋନା ଯୋଗୁ ଛାତ୍ର ସଂସଦ ନିର୍ବାଚନ କରାଯାଇନଥିଲା । କରୋନାର କୋପ ପ୍ରଶମିତ ହେବା ପରେ ବି ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ନିର୍ବାଚନ ବନ୍ଦ ରଖାଯାଇଥିଲା । ଅଥଚ ଦେଶର ବହୁ ରାଜ୍ୟରେ କରୋନା ପୂର୍ବରୁ ଓ ପରେ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା । ସେତେବେଳେ ଏବିଭିପି, ଡିଏସ୍‌ଓ, ଛାତ୍ର କଂଗ୍ରେସ, ଏସ୍‌ଏଫ୍‌ଆଇ, ଏଆଇଏସ୍‌ଏଫ୍ ସମେତ ବିଭିନ୍ନ ଛାତ୍ର ସଂଗଠନ ଏହାର କଟୁ ସମାଲୋଚନା କରିଥିଲେ । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବି ଛାତ୍ର ସଂସଦ ନିର୍ବାଚନ ପାଇଁ ଲଗାତାର ଦାବି ହେଉଥିଲା । ଏସବୁ ସତ୍ତ୍ୱେ ବିଜେଡି ସରକାର ଛାତ୍ର ସଂସଦ ନିର୍ବାଚନକୁ ଅଗ୍ରାହ୍ୟ କରିଥିବାବେଳେ ଶାସନ କ୍ଷମତାକୁ ଆସିଲେ ଛାତ୍ର ସଂସଦ ନିର୍ବାଚନ କରାଯିବ ବୋଲି ବିଜେପି ନେତାମାନେ ବାରମ୍ବାର ଘୋଷଣା କରିଆସୁଥିଲେ ।୨୦୨୪ରେ ଓଡ଼ିଶାର ବିଜେପି ସରକାର ଗଢ଼ାଯିବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଘୋଷଣା କରିବା ପରେ ପରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କିନ୍ତୁ ନିର୍ବାଚନ ପାଇଁ ପ୍ରସ୍ତୁତି ପ୍ରକ୍ରିୟା ଆଳରେ ପରବର୍ଷ ନିର୍ବାଚନ କରାଯିବ ବୋଲି କହିଥିଲେ । ୨୦୨୫ରେ ବି ଛାତ୍ର ସଂସଦ ନିର୍ବାଚନକୁ ସରକାର ଏଡ଼ାଇ ଯାଇଥିଲେ । ୨୦୨୬-୨୭ର କ୍ୟାଲେଣ୍ଡରରେ ଉଚ୍ଚଶିକ୍ଷା ବିଭାଗ ଛାତ୍ର ସଂସଦ ନିର୍ବାଚନ ପାଇଁ କୌଣସି ତାରିଖ ରଖିନାହାନ୍ତି । ତେବେ ଉଚ୍ଚଶିକ୍ଷା ମନ୍ତ୍ରୀ କହିଆସୁଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ ସଂପର୍କରେ ଠିକଣା ସମୟରେ ରାଜ୍ୟ ସରକାର ଠିକଣା ନିଷ୍ପତ୍ତି ନେବେ ।ଏଠାରେ ଉଲ୍ଲେଖନୀୟ ଯେ ଛାତ୍ର ସଂସଦ ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ଲିଙ୍ଗ୍‌ଡୋ଼ କମିଶନ ଅନେକଗୁଡ଼ିଏ ଉପାଦେୟ ସୁପାରିସ କରିଥିଲେ । ଏହି ଆଧାରରେ କିଛିବର୍ଷ ଧରି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ହେଉଥିଲା । ବିଶେଷକରି ଏହି ନିର୍ବାଚନକୁ ବାହୁବଳ ଓ ଅର୍ଥ ବଳରୁ ଦୂରରେ ରଖିବା ପାଇଁ ଲିଙ୍ଗ୍‌ଡୋ଼ କମିଶନ ସୁପାରିସ ବେଶ ଉପାଦେୟ ହେଉଥିଲା । ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ପାଇଁ ନାକ୍ ମାନ୍ୟତା ପ୍ରଦାନ ଲାଗି ଆସୁଥିବା କମିଟି ଅନେକ ସମୟରେ ଛାତ୍ର ସଂସଦ ନିର୍ବାଚନ କରାନଯିବାକୁ ନାପସନ୍ଦ କରିଆସୁଛନ୍ତି । ଏଥିପାଇଁ ଅନେକ ଶିକ୍ଷାନୁଷ୍ଠାନର ନାକ୍ ରେଟିଂ କମ୍ ରହୁଥିବାରୁ ଅପେକ୍ଷାକୃତ ଭାବେ କେନ୍ଦ୍ରୀୟ ଅନୁଦାନ ବି କମୁଛି । ବିଜେପି, କଂଗ୍ରେସ, ବିଜେଡି ଓ ବାମପନ୍ଥୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ବହୁ ନେତା ଛାତ୍ର ସଂସଦ ନିର୍ବାଚନ ପୃଷ୍ଠଭୂମିରେ ତିଆରି ହୋଇଥିବା ପରିପ୍ରେକ୍ଷୀରେ ସେମାନେ ବି ଏହି ପ୍ରସଂଗକୁ ଏବେ ସେତେଟା ଗୁରୁତ୍ୱ ଦେଉ ନାହାନ୍ତି ।

ଆମର
# ପ୍ରୟାସ
AAMAR PRAYAS

ସୋମବାର, ୨୧ ସେପ୍ଟେମ୍ବର ୨୦୨୬ ● ଭୁବନେଶ୍ୱର
Monday, 21 September 2026 ● Bhubaneswar



## ବଜ୍ରାଘାତରେ ଆଉ ଜଣେ ମୃତ



ବରଗଡ଼, : ବରଗଡ଼ ଜିଲ୍ଲାରେ ବଜ୍ରାଘାତ ଆଉ ଏକ ଜୀବନ ନେଇଛି। କଟାପାଲି ଗ୍ରାମର ଦେବକୀ ଗରିୟା (୪୩)ଙ୍କ ବଜ୍ରାଘାତରେ ମୃତ୍ୟୁ ଘଟିଛି। ସ୍ୱାମୀ ସୁଶାନ୍ତ ଗରିୟାଙ୍କ ସହ ପରିବାର ଚଳାଇବା ପାଇଁ ଦେବକୀ ଅନ୍ୟର ଜମିରେ ମୁଲିଆ ଭାବେ କାମ କରୁଥିଲେ। ସୂଚନା ଅନୁଯାୟୀ, ଆଜି ପ୍ରାୟ ଦିନ ୨ଟା ସମୟରେ ଅଞ୍ଚଳରେ ପ୍ରଚଣ୍ଡ ଘଡ଼ଘଡ଼ି ସହ ବଜ୍ରପାତ ହେଉଥିଲା। ଏହି ସମୟରେ ଚାଷଜମିରେ କାମ କରୁଥିବା ଦେବକୀଙ୍କ ଉପରେ ବଜ୍ରାଘାତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ଦେବକୀଙ୍କୁ ମୃତ ଘୋଷଣା କରିଥିଲେ। ଦେବକୀଙ୍କ ଅକାଳ ମୃତ୍ୟୁରେ କଟାପାଲି ଗ୍ରାମ ସମେତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅତ୍ୟନ୍ତ ଗରିବ ପରିବାରର ଦେବକୀ ମୁଲିଆ ଭାବେ କାମ କରି ପରିବାରର ଜୀବିକା ଚଳାଉଥିଲେ। ପରିବାର ପାଇଁ ରୋଜଗାର କରିବାକୁ ଘରୁ ବାହାରିଥିବା ବେଳେ ତାଙ୍କ ଜୀବନ ଦୁର୍ଭାଗ୍ୟଜନକ ଭାବେ ଶେଷ ହୋଇଛି। ଉଲ୍ଲେଖଯୋଗ୍ୟ, ଗତକାଲି ସୋହେଲା ଅଞ୍ଚଳର କୁସୁର୍ଡାରେ ଚାଷଜମିରେ କାମ କରୁଥିବା ଦୁଇ ମହିଳା ବଜ୍ରାଘାତରେ ପ୍ରାଣ ହରାଇଥିଲେ। ଏହାପରେ ଆଜି ସୋହେଲା ବ୍ଲକ ତବଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପଧାନପାଲି ଗ୍ରାମର ସୁରେଶ ପଧାନ ଓ ବରଗଡ଼ କଟାପାଲିର ଦେବକୀ ଗରିୟା ବଜ୍ରାଘାତରେ ପ୍ରାଣ ହରାଇଛନ୍ତି। ଲଗାତାର ବଜ୍ରପାତ ଘଟଣା ଚାଷୀ ଓ କୃଷି ଶ୍ରମିକଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି।

## ବରଗଡ଼ରେ ଗୋଷ୍ଠୀ ସଂଘର୍ଷ: ୮ ଗୁରୁତର

ବରଗଡ଼, : ସାମାନ୍ୟ କଥା କଟାକଟିରୁ ବରଗଡ଼ ଟାଉନ୍ ଥାନା ଅନ୍ତର୍ଗତ ପାତିକାରପଲ୍ଲୀ ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଶୁକ୍ରବାର ବିଳମ୍ବିତ ରାତିରେ ଦୁଇ ପକ୍ଷ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଉଗ୍ରରୂପ ନେବାରୁ ଭୁଜାଲି ଓ ଛୁରୀ ଭଳି ଧାରୁଆ ଅସ୍ତ୍ରରେ ପରସ୍ପର ଆକ୍ରମଣ ହୋଇଥିଲା। ଏଥିରେ ଉଭୟ ପକ୍ଷର ୮ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ପାତିକାରପଲ୍ଲୀ ଅଞ୍ଚଳରେ କୌଣସି ଏକ କଥାକୁ ନେଇ ପ୍ରଥମେ ଦୁଇ ପକ୍ଷ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ବିବାଦ ତୀବ୍ର ହେବା ସହ ଉଭୟ ପକ୍ଷର ଲୋକେ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ଧାରୁଆ ଅସ୍ତ୍ରରେ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଆହତ ୮ ଜଣଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସମସ୍ତଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ତେବେ ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରିଛନ୍ତି। ଅନ୍ୟ ଆହତମାନେ ବରଗଡ଼ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ବରଗଡ଼ ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣକୁ ନେଇଥିଲା। ଗଣ୍ଡଗୋଳର ପ୍ରକୃତ କାରଣ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଜାଣିବା ପାଇଁ ପୁଲିସ ଉଭୟ ପକ୍ଷର ଲୋକଙ୍କୁ ପଚରାଉଚରା କରୁଛି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପରେ ଗଣ୍ଡଗୋଳର କାରଣ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିବ ବୋଲି ପୁଲିସ ପକ୍ଷରୁ ଜଣାପଡ଼ିଛି।

## ବୋଲେରୋ ଧକ୍କାରେ ଗୋଟିଏ ପରିବାରର ୩ ମୃତ

ସୁନ୍ଦରଗଡ଼, : ସୁନ୍ଦରଗଡ଼ ଜିଲ୍ଲା ତଳସରା ଥାନା ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ବାପା, ପୁଅ ଓ ସମ୍ପର୍କୀୟ ନାତିଙ୍କ ମୃତ୍ୟୁ ଘଟିଛି। ସବଡେଗା ପେଟ୍ରୋଲ ପମ୍ପ ସମ୍ମୁଖରେ ଘଟିଥିବା ଏହି ଦୁର୍ଘଟଣାରେ ବାଇକ୍‌ରେ ଥିବା ତିନିଜଣ ଗୁରୁତର ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ସମସ୍ତଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ତିନିଜଣ ଏକ ବାଇକ୍‌ରେ ସବଡେଗା ପେଟ୍ରୋଲ ପମ୍ପରୁ ବାହାରୁଥିବା ସମୟରେ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋର୍‌ଦାର ଥିଲା ଯେ ବୋଲେରୋଟି ବାଇକ୍‌କୁ କିଛି ଦୂର ଘୋଷାଡ଼ି ନେବା ପରେ ବାଇକ୍ ସହ ଏକ ନାଳରେ ଖସି ପଡ଼ିଥିଲା। ଦୁର୍ଘଟଣାରେ ବାଇକ୍‌ରେ ଥିବା ତିନିଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା ସତ୍ତ୍ୱେ ଗତକାଲି ସମସ୍ତଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକମାନେ କିଂଜିରିକେଲା ଥାନା ଅଞ୍ଚଳର ୬୦ ବର୍ଷୀୟ ଲିଙ୍ଗେଶ୍ୱର ଲାରଙ୍ଗ, ତାଙ୍କ ୨୮ ବର୍ଷୀୟ ପୁଅ ସମୀର ଲାରଙ୍ଗ ଓ ସମ୍ପର୍କୀୟ ନାତି ବୋଲି ଜଣାପଡ଼ିଛି। ଘଟଣା ପରେ ପୁଲିସ ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର ପ୍ରକୃତ କାରଣ ଓ ବୋଲେରୋର ଗତି ସମ୍ପର୍କରେ ପୁଲିସ ତଦନ୍ତ କରୁଛି। ଏହି ଦୁର୍ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦ୍ରୁତଗତି ଓ ବେପରୁଆ ଗାଡ଼ି ଚାଳନା ଯୋଗୁଁ ରାସ୍ତାରେ ଦୁର୍ଘଟଣା ବଢୁଥିବାରୁ ନିୟମିତ ଯାଞ୍ଚ ଓ ପୁଲିସ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବିପ୍ଲବୀ ସାରଙ୍ଗଧର ଦାସଙ୍କ ୬୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ



କଟକ, : ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଗଡ଼ଜାତ ଆନ୍ଦୋଳନର କର୍ଣ୍ଣଧାର ଓ 'ଗଡ଼ଜାତ ଗାନ୍ଧୀ' ଭାବେ ପରିଚିତ ବିପ୍ଲବୀ ସାରଙ୍ଗଧର ଦାସଙ୍କ ୬୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସ୍ମୃତି କମିଟିର ସଭାପତି ଡକ୍ଟର ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କେଦାର ପୃଷ୍ଟି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି କଟକ ମେୟର ସୁବାସ ସିଂହ ଯୋଗଦେଇ କହିଥିଲେ ଯେ, ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ତଥା ବୃହତ୍ତର ଓଡ଼ିଶା ଗଠନରେ ସାରଙ୍ଗଧର ଦାସଙ୍କ ଅବଦାନ ଅବିସ୍ମରଣୀୟ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା ଯୋଗଦେଇ ସାରଙ୍ଗଧର ଦାସଙ୍କ ସ୍ମୃତିଚାରଣ କରିଥିଲେ। ସେ କହିଥିଲେ ଯେ, ସାରଙ୍ଗଧର ଦାସ ଜାତୀୟ ଆନ୍ଦୋଳନ ସହ ଜଡ଼ିତ ରହି ଦେଶ ଓ ଓଡ଼ିଶା ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ସମ୍ମାନିତ ବକ୍ତା ଭାବେ ଡକ୍ଟର ଭାଗବତ ଶୁକ୍ଳ ଯୋଗଦେଇ ତାଙ୍କ ଜୀବନ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ମହାନ୍ତି, ନରେନ୍ଦ୍ର ନାଏକ, ମନୋରଞ୍ଜନ ପଣ୍ଡା, ଦେବରାଜ ସୁର, ଉମେଶ ଚନ୍ଦ୍ର ନାୟକ, ସମରେନ୍ଦ୍ର ଘୋଷ ଓ ପ୍ରାଧ୍ୟାପକ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସାରଙ୍ଗଧର ଦାସଙ୍କ ସ୍ମୃତିଚାରଣ କରିଥିଲେ। ଡକ୍ଟର ହେମନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ବହୁ ସଂଖ୍ୟାରେ ଲୋକେ ଯୋଗଦେଇ ବିପ୍ଲବୀ ସାରଙ୍ଗଧର ଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## କନ୍ଧମାଳରେ 'ଜେନ୍-ଜି ଜନ ସେବା ବାହିନୀ'ର ଶୁଭାରମ୍ଭ

କନ୍ଧମାଳ, କନ୍ଧମାଳର ସର୍ବାଙ୍ଗୀନ ବିକାଶ ଓ ଜନସମସ୍ୟାର ସମାଧାନ ଲକ୍ଷ୍ୟରେ 'ଜେନ୍-ଜି କନ୍ଧମାଳ ଜନ ସେବା ବାହିନୀ'ର ପ୍ରଥମ ଅଧିବେଶନ ମହାସିଙ୍ଗଠାରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ବ୍ଲକ୍‌ରୁ ଯୁବକ, ସମାଜସେବୀ ଓ ବୁଦ୍ଧିଜୀବୀ ଯୋଗଦେଇ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ରାସ୍ତାଘାଟ ଓ ବିଜୁଳି ଭଳି ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବୈକୁଣ୍ଠ ପରାସେଠଙ୍କୁ ସଭାପତି, ଇମ୍ରାନ ଦିଗାଲଙ୍କୁ ଉପସଭାପତି, ସଲମାନ ପ୍ରଧାନଙ୍କୁ ସାଧାରଣ ସମ୍ପାଦକ, ସାନନ୍ଦ ସାମୁଏଲ ପ୍ରଧାନଙ୍କୁ ଯୁଗ୍ମ ସମ୍ପାଦକ ଓ ଅଶୋକ ଦିଗାଲଙ୍କୁ କୋଷାଧ୍ୟକ୍ଷ ଭାବେ ନେଇ ନୂତନ ଜିଲ୍ଲା କମିଟି ଗଠନ କରାଯାଇଛି। ଅସୀମ ଦିଗାଲଙ୍କୁ ମୁଖ୍ୟ ସଂଯୋଜକ ଦାୟିତ୍ୱ ମିଳିଛି। ସେହିପରି ସଂଗଠନର କାର୍ଯ୍ୟକୁ ଡିଜିଟାଲ ମାଧ୍ୟମରେ ପ୍ରଚାର ପ୍ରସାର ପାଇଁ ଏକ ଆଇଟି ସେଲ୍ ଗଠନ କରାଯାଇଛି। ଅଧିବେଶନ ଶେଷରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। 'ଏକତା ହିଁ ବଳ, ବିକଶିତ କନ୍ଧମାଳ' ସ୍ଲୋଗାନ୍ ସହ ଜିଲ୍ଲାର ବିକାଶ ଓ ଜନସେବାରେ ସହଭାଗୀ ହେବାକୁ ଆହ୍ୱାନ ଦିଆଯାଇଥିଲା।

# ଜ୍ୱର ଓ ଝାଡ଼ାବାନ୍ତିରେ ମାତିଛି କେନ୍ଦୁଘାଟ ଗାଁ

## ୧୬ ଆକ୍ରାନ୍ତ, ୮ ବର୍ଷର ନାବାଳକ ମୃତ, ଗାଁରେ ପହଞ୍ଚିଲା ଭ୍ରାମ୍ୟମାଣ ମେଡିକାଲ ଟିମ୍



ନବରଙ୍ଗପୁର, : ଉମରକୋଟ ବ୍ଲକ୍ ତୋହରା ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଘାଟ ଗ୍ରାମରେ ଜ୍ୱର ଓ ଝାଡ଼ାବାନ୍ତିକୁ ନେଇ ଚିନ୍ତା ବଢ଼ିଛି। ଗ୍ରାମରେ ଏପର୍ଯ୍ୟନ୍ତ ୧୬ ଜଣ ଅସୁସ୍ଥ ହୋଇ ପୁଝାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବାବେଳେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଜଣେ ୮ ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ କେନ୍ଦୁଘାଟ ଗଉଡ଼ପଡ଼ାର ଟଙ୍କଧର ଗଉଡ଼ଙ୍କ ପୁଅ ଉଦୟନାଥ ଗଉଡ଼। ସେ ଝରିଗାଁ ବ୍ଲକ୍ କଲେଗାଁରେ ତୃତୀୟ ଶ୍ରେଣୀରେ ପଢୁଥିଲେ। ନୂଆଁଖାଇ ଛୁଟିରେ ଘରକୁ ଆସିଥିବା ବେଳେ ସେ ହଠାତ୍ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଜଣାପଡ଼ିଛି। ଘଟଣା ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଭ୍ରାମ୍ୟମାଣ ମେଡିକାଲ ଟିମ୍ ଗାଁରେ ପହଞ୍ଚିଛି। ଟିମ୍ ପକ୍ଷରୁ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଅସୁସ୍ଥଙ୍କୁ ଆବଶ୍ୟକ ଚିକିତ୍ସା ଓ ଔଷଧ ଯୋଗାଇ ଦିଆଯାଉଛି। ଅନ୍ୟ କେହି ଅସୁସ୍ଥ ଅଛନ୍ତି କି ନାହିଁ, ସେନେଇ ମଧ୍ୟ ଯାଞ୍ଚ ଜାରି ରହିଛି। ତେବେ ଗାଁରେ ଜ୍ୱର ଓ ଝାଡ଼ାବାନ୍ତି ବ୍ୟାପିବାର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ। ପାଣି କିମ୍ବା ଅନ୍ୟ କୌଣସି କାରଣରୁ ଅସୁସ୍ଥତା ବ୍ୟାପିଛି କି ନାହିଁ, ସେନେଇ ତଥ୍ୟ ସଂଗ୍ରହ ସହ ଆବଶ୍ୟକ ପରୀକ୍ଷା କରାଯାଉଛି। ରୋଗର କାରଣ ଶୀଘ୍ର ଚିହ୍ନଟ କରିବା ସହ ଚିକିତ୍ସା ଓ ନଜରଦାରି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଲୋକଙ୍କ ସମସ୍ୟା ଶୁଣିଲେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ



ବରଗଡ଼, : ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ବରଗଡ଼ସ୍ଥିତ ବାସଭବନରେ ଶନିବାର ଜନତା ଦରବାର ଅନୁଷ୍ଠିତ ହୋଇଛି। ଏଥିରେ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକେ ନିଜର ବ୍ୟକ୍ତିଗତ ଓ ସାଧାରଣ ସମସ୍ୟା, ଅଭିଯୋଗ ଏବଂ ବିଭିନ୍ନ ଦାବି ବିଧାୟକଙ୍କ ସମ୍ମୁଖରେ ରଖିଥିଲେ। ରାସ୍ତାଘାଟ, ପାନୀୟଜଳ, ବିଦ୍ୟୁତ, ଡ୍ରେନେଜ୍, ଶିକ୍ଷା, ସ୍ୱାସ୍ଥ୍ୟ, ସରକାରୀ ଯୋଜନା ଓ ଭତ୍ତା ସମେତ ବିଭିନ୍ନ ଜନସେବା ସମ୍ପର୍କିତ ସମସ୍ୟା ଲୋକେ ଉଠାଇଥିଲେ। ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଅଭିଯୋଗଗୁଡ଼ିକ ଶୁଣିବା ସହ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଲୋକଙ୍କ ଅଭିଯୋଗକୁ ପ୍ରାଥମିକତା ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ଜନସାଧାରଣଙ୍କ ସମସ୍ୟା ଶୁଣିବା ଓ ତାହାର ସମାଧାନ ପାଇଁ ପ୍ରଶାସନ ସହ ସମନ୍ୱୟ କରିବା ଜନତା ଦରବାରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଧାୟକ କହିଥିଲେ। ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜଣାପଡ଼ିଛି।

## ଭଟଲିରେ ବିଧାୟକଙ୍କ ଜନଶୁଣାଣୀ



ବରଗଡ଼, : ଭଟଲି ବିଧାନସଭା ଅଞ୍ଚଳର ଲୋକଙ୍କ ସମସ୍ୟା ଶୁଣିବା ଓ ସମାଧାନ ପାଇଁ ଆଜି ଭଟଲିସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ବିଧାୟକ ଇରାସିସ ଆଚାର୍ଯ୍ୟଙ୍କ ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଲୋକ ଯୋଗଦେଇ ନିଜ ନିଜ ସମସ୍ୟା ଓ ଅଭିଯୋଗ ବିଧାୟକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଜନଶୁଣାଣୀରେ ରାସ୍ତାଘାଟ ଉନ୍ନତି, ପାନୀୟଜଳ, ଡ୍ରେନେଜ୍, ବିଦ୍ୟୁତ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସମେତ ଆବାସ ଯୋଜନା, ରାସନ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଚାଷୀଙ୍କ ସମସ୍ୟା ଏବଂ ବିଭିନ୍ନ ସରକାରୀ ଯୋଜନାର ସୁବିଧା ନେଇ ଲୋକେ ଅଭିଯୋଗ କରିଥିଲେ। କେତେକ ଲୋକ ବ୍ୟକ୍ତିଗତ ସମସ୍ୟା ମଧ୍ୟ ବିଧାୟକଙ୍କ ଦୃଷ୍ଟିକୁ ଆଣିଥିଲେ। ବିଧାୟକ ଶ୍ରୀ ଆଚାର୍ଯ୍ୟ ପ୍ରତ୍ୟେକ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣିବା ସହ ସମସ୍ୟାର ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ଆବଶ୍ୟକସ୍ଥଳେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଫୋନ୍ ଯୋଗେ ଆଲୋଚନା କରି ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ତୁରନ୍ତ ସମାଧାନ ସମ୍ଭବ ନଥିବା ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପଠାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମନ୍ୱୟ କରାଯିବ ବୋଲି ସେ କହିଥିଲେ। ଦୂରଦୂରାନ୍ତରୁ ଆସିଥିବା ଲୋକମାନେ ମଧ୍ୟ ଜନଶୁଣାଣୀରେ ସାମିଲ ହୋଇ ନିଜ ସମସ୍ୟା ଜଣାଇଥିଲେ। ଜନପ୍ରତିନିଧି ଓ ଜନସାଧାରଣଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗ ସହ ସମସ୍ୟାର ସମାଧାନ ପାଇଁ ଏଭଳି ଜନଶୁଣାଣୀ ଏକ ପ୍ରଭାବୀ ମଞ୍ଚ ଭାବେ କାର୍ଯ୍ୟ କରୁଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, କର୍ମକର୍ତ୍ତା ଓ ବିଭିନ୍ନ ଅଞ୍ଚଳର ଲୋକେ ଉପସ୍ଥିତ ଥିଲେ।

## ଗଣେଶ ପୂଜାରେ ରୋଟାରୀ କ୍ଲବର ପ୍ରସାଦ ବଣ୍ଟନ

ରାଉରକେଲା: ଗଣେଶ ପୂଜା ଅବସରରେ ରୋଟାରୀ କ୍ଲବ ଅଫ୍ ରାଉରକେଲା ମାର୍ଭେଲ୍ସ ପକ୍ଷରୁ କଲ୍ୟାଣ ମଣ୍ଡପସ୍ଥିତ ଗଣେଶ ପୂଜା ମଣ୍ଡପରେ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦିନସାରା କ୍ଲବର ସଦସ୍ୟମାନେ ଉପସ୍ଥିତ ରହି ମଣ୍ଡପକୁ ଆସିଥିବା ଭକ୍ତ ଓ ଅତିଥିମାନଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ବହୁ ସଂଖ୍ୟକ ଭକ୍ତ ଏହି ସେବା କାର୍ଯ୍ୟରେ ସାମିଲ ହୋଇ ପ୍ରସାଦ ଗ୍ରହଣ କରିଥିଲେ। କ୍ଲବର ଏହି ପଦକ୍ଷେପକୁ ଭକ୍ତମାନେ ସ୍ୱାଗତ କରିଥିଲେ। ଗଣେଶ ପୂଜା ଭଳି ଧାର୍ମିକ ଓ ସାଂସ୍କୃତିକ ଅବସରରେ ସେବା ମାଧ୍ୟମରେ ସମାଜ ସହ ଯୋଡ଼ି ହେବା କ୍ଲବର ଲକ୍ଷ୍ୟ ବୋଲି କୁହାଯାଇଥିଲା। ଏହି ସେବା କାର୍ଯ୍ୟ ପାଇଁ ରୋଟାରିଆନ୍ ନେହା ଅଗ୍ରୱାଲଙ୍କୁ ବିଶେଷ ଧନ୍ୟବାଦ ଜଣାଯାଇଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ରାଉରକେଲାରେ ସଦ୍ଭାବନା, ଭାଇଚାରା ଓ ସାମାଜିକ ଏକତାର ବାର୍ତ୍ତା ପ୍ରସାରିତ ହୋଇଥିଲା।

## ବେଆଇନ ମଦ ବିକ୍ରୀକୁ ବିରୋଧ, ସମ୍ପୂର୍ଣ୍ଣ ବନ୍ଦ ପାଇଁ ମହିଳାଙ୍କ ରାଣହୁଙ୍କାର

(କୋଟପାଡ଼, ୨୦/୯/୨୬ ) କୋଟପାଡ଼ ଥାନା ଅନ୍ତର୍ଗତ ଘୁମର ପଞ୍ଚାୟତରେ ବୋଇନ ମଦ ବିକ୍ରିକୁ ବିରୋଧ କରି ଅଭାବନିୟ ପରିସ୍ଥିତି ଦେଖାଦେଇଛି ! ପଞ୍ଚାୟତରେ ବେଆଇନ ମଦ ବିକ୍ରିକୁ ବିରୋଧ କରି ୫୦୦ ରୁ ଉର୍ଦ୍ଧ ମହିଳା ଓ ପୁରୁଷ ମଦ ବିରୋଧୀ ନାରା ଦେବା ସହ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି ! ସୂଚନା ମୁତାବକ କୋଟପାଡ଼ ଥାନା ଅନ୍ତର୍ଗତ ଘୁମର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବହୁ ବର୍ଷ ହେଲା ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ହୋଇ ଆସୁଛି ! ଆଉ ମଦ ପିଇ ଗ୍ରାମର ଯୁବଗୋଷ୍ଠୀ ଓ ପୁରୁଷ ମଦ ନିଶାରେ ଚୁର ରହୁଥିବା ବେଳେ ବିଭିନ୍ନ ସମୟରେ ଘରେ ମାରପିଟ କରୁଥିବା ସହ ଦୁର୍ଘଟଣାର ଶିକାର ହେଉଥିବା ଦେଖାଦେଇଛି ! ଯାହାକୁ ନେଇ ଗ୍ରାମର ମା ଭଉଣୀ ମାନେ ଅତିଷ୍ଠ ହେବା ସହ ଗ୍ରାମରୁ ସମ୍ପୂର୍ଣ୍ଣ ମଦ ମୁକ୍ତ ପାଇଁ ଅଣ୍ଟା ଭିଡ଼ିଥିଲେ ! ପଞ୍ଚାୟତର ସରପଞ୍ଚ କମଳା ପୂଜାରୀଙ୍କ ନେତୃତ୍ୱରେ ଘୁମର, ସରିଗାଁ, ମୁରାବାଡ଼ା ସହ ବିଭିନ୍ନ ଗ୍ରାମର ଶହ ଶହ ମହିଳା ଓ ପୁରୁଷ ଏକତ୍ରିତ ହୋଇ ବିରୋଧ ପ୍ରଦର୍ଶନ କରିବା ସହ କୋଟପାଡ଼ ତହସିଲଦାର, କୋଟପାଡ଼ ଥାନାଧିକାରୀ, କୋଟପାଡ଼ ଅବକାରୀ ବିଭାଗ ଓ ବନବିଭାଗ କୁ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି ! ଯେହେତୁ ବାଇପାସ ନିକଟ ବନବିଭାଗ ଜମିରେ ମଦ ଦୋକାନ ଖୋଲାଯାଇଥିବାରୁ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ବନବିଭାଗକୁ ଦାବିପତ୍ର ଦେଇଥିବା କହିଛନ୍ତି ଗ୍ରାମବାସୀ ! ଯଦି ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନନିଅନ୍ତି ତାହେଲେ ରାଜରାସ୍ତାକୁ ଓଲହାଇବାକୁ ବାଧ୍ୟ ହେବେ ବୋଲି କହିଛନ୍ତି ସରପଞ୍ଚ କମଳା ପୂଜାରୀ ! ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମର ସଞ୍ଜୟ ବେହେରା, ବଳି ଦଳେଇ ଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିବା ଜଣାଯାଇଛି ! ସୂଚନା ଥାଉକି କୋଟପାଡ଼ ସହର ଓ ବିଭିନ୍ନ ଗ୍ରାମରେ ଶହ ଶହ ବେଆଇନ ମଦ ଦୋକାନ ରହିଥିବା ବେଳେ କୋଟପାଡ଼ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ସେମାନଙ୍କୁ ସୁରକ୍ଷା ଦେଉଥିବା କିଛି ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଅଭିଯୋଗ କରିଥିବା ଜଣାଯାଇଛି ! ଯାହାକୁ ନେଇ ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି ଓ ହତ୍ୟାକାଣ୍ଡ ଭଳି ଘଟଣା ଘଟୁଥିବା ବେଳେ ବିଭାଗର ହାତ ଖାଲି ରହୁଥିବା ଜଣାଯାଇଛି ! ଅନ୍ୟ ପଟେ ଓଡିଶା ଛତିଶଗଡ ସୀମାନ୍ତ ଚାନ୍ଦିଲି ଗ୍ରାମ ନିକଟରେ ଥିବା ସ୍ୱାଗତ ଗେଟର ଉଭୟ ପାର୍ଶ୍ୱରେ ଏକାଧିକ ବେଆଇନ ଠିପି ଖୋଲା ମଦ ଦୋକାନକୁ ନେଇ ପଡୋଶୀ ରାଜ୍ୟର ଜଣେ ପୋଲିସ ଅଧିକାରୀଙ୍କ ଦ୍ୱାରା ଉଭୟ ପ୍ରଶାସନ ଓ ସରକାର ହାସ୍ୟାସ୍ପଦର କାରଣ ପାଲଟିଛନ୍ତି ! ଦେଖିବାକୁ ବାକି ରହିଲା ଅଞ୍ଚଳରୁ ମଦ ବନ୍ଦ ପାଇଁ ଆଗକୁ ପ୍ରଶାସନ କଣ ପଦକ୍ଷେପ ଗ୍ରହଣ କରୁଛି

## ତେଲେଙ୍ଗାନାରେ ଫସିଛନ୍ତି ୯ ଓଡ଼ିଆ ଦାଦନ ଶ୍ରମିକ, ଖସି ଆସିଲେ ୨ ଜଣ

ଆର, ଉଦୟଗିରି ୨୦.୯(ମନୋଜ କୁମାର ପାତ୍ରୀ) ତେଲେଙ୍ଗାନାରେ ଫସିଛନ୍ତି ୯ ଜଣ ଓଡ଼ିଆ ଦାଦନ ଶ୍ରମିକ। ମଜୁରୀ ନ ମିଳିବା ସହ ଗତ ୫ ଦିନ ହେଲା ଖାଇବାକୁ ରାସନ ନାହିଁ କି ଘରକୁ ଫେରିବା ପାଇଁ ଟଙ୍କା ମଧ୍ୟ ନାହିଁ। ଏପରି ସ୍ଥିତିରେ ଜଣେ ଠିକାଦାରଙ୍କ ଅଧୀନରେ କାମ କରୁଥିବା ଏହି ଶ୍ରମିକମାନେ ଭୋକ ଉପାସରେ ରହିଥିବା ଅଭିଯୋଗ କରିଛନ୍ତି।ସୂଚନା ଅନୁସାରେ, ପ୍ରାୟ ୭ମାସ ପୂର୍ବରୁ ଗଜପତି ଜିଲ୍ଲା ମୋହନା, ଆ.ଉଦୟଗିରି ଓ ନୂଆଗଡ଼ ବ୍ଲକର ଜଣ ଏବଂ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକର ୧୧ ଜଣ ଶ୍ରମିକ ପରିବାର ପୋଷଣ ପାଇଁ ତେଲେଙ୍ଗାନାର ମହବୁବାବାଦ ଜିଲ୍ଲା ସିତେନପେଟ୍ ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିଲେ।ସେଠାରେ ଜଣେ ଠିକାଦାରଙ୍କ ଅଧୀନରେ ରହି କୋଠା ନିର୍ମାଣ କାମ କରୁଥିଲେ। ତେବେ ୭ ମାସ ଧରି କାମ କରି ଆସୁଥିବା ବେଳେ ଗତ ୩ ମାସର ମଜୁରୀ ମିଳିନଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ମଜୁରୀ ମାଗିଲେ ଧମକ ଦିଆଯିବା ସହ ବନ୍ଦୀ କରି ରଖିବାକୁ ଭୟ ଦେଖାଯାଉଥିବା ସେମାନେ କହିଛନ୍ତି କ୍ଷତେବେ ସେମାନଙ୍କ ମଧ୍ୟରୁ ୨ ଜଣ କୌଣସି ପ୍ରକାରେ ସେଠାରୁ ଖସି ଆସିଥିବା ବେଳେ ଅନ୍ୟ ୯ ଜଣ ଏବେ ବି ସେଠାରେ ଫସି ରହିଥିବା ଜଣାପଡ଼ିଛି। ଖାଇବାକୁ ନଥିବା ଏବଂ ଘରକୁ ଫେରିବା ପାଇଁ ଟଙ୍କା ନଥିବାରୁ ଶ୍ରମିକମାନେ ଚିନ୍ତାରେ ରହିଛନ୍ତି।ଜୀବନ ପ୍ରତି ବିପଦ ଥିବା ଆଶଙ୍କା ପ୍ରକାଶ କରି ଶ୍ରମିକମାନେ ଏକ ଭିଡିଓ ଜାରି କରି ସରକାରଙ୍କୁ ସହାୟତା ପାଇଁ ଗୁହାରି କରିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ହସ୍ତକ୍ଷେପ କରି ଫସି ରହିଥିବା ଶ୍ରମିକମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ସହ ତାଙ୍କର ପ୍ରାପ୍ୟ ମଜୁରୀ ପ୍ରଦାନ ଏବଂ ଆବଶ୍ୟକ ଆଇନଗତ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ସରପଞ୍ଚ ରଜନୀକାନ୍ତ ପ୍ରଧାନ କହିଛନ୍ତି କ୍ଷ



## ଦକ୍ଷିଣ ପୂର୍ବ ରେଳପଥର 'ସ୍ୱଚ୍ଛତା ହିଁ ସେବା-୨୦୨୬' ଅଭିଯାନ

ରାଉରକେଲା, : ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ ସେପଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ 'ସ୍ୱଚ୍ଛତା ହିଁ ସେବା-୨୦୨୬' ଅଭିଯାନ ପାଳନ କରାଯାଉଛି। ସାମୂହିକ ଅଂଶଗ୍ରହଣ, ପରିଷ୍କାର ପରିଚ୍ଛନ୍ନତା, ପରିବେଶ ସୁରକ୍ଷା ଓ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇ ଚାଲିଥିବା ଏହି ଅଭିଯାନର ବିଷୟବସ୍ତୁ ରହିଛି 'ସ୍ୱଚ୍ଛତା ମେ ସହଭାଗ; ସ୍ୱଚ୍ଛ ଭାରତ, ବୀକ୍ଷିତ ଭାରତ'। ଅଭିଯାନ ଅବସରରେ ରେଳ କର୍ମଚାରୀ, ଯାତ୍ରୀ, ସଫାଇ ମିତ୍ର, ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ କରାଯାଉଛି। ଏହାର ଅଂଶ ଭାବେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଅନିଲ କୁମାର ଜୈନ ଝାରସୁଗୁଡ଼ାସ୍ଥିତ ବିଏନଆର ରେଳ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ



'ସ୍ୱଚ୍ଛତା ସେ ସମ୍ବାଦ' କାର୍ଯ୍ୟକ୍ରମରେ ଯୋଗଦେଇ ବର୍ଜ୍ୟବସ୍ତୁ ପୃଥକୀକରଣ, ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ଉପରେ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ଦିବସରେ ଅନୁଷ୍ଠିତ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀଙ୍କୁ ସେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଗାର୍ଡେନ ରିଚ୍‌ସ୍ଥିତ ରେଳପଥ ମୁଖ୍ୟାଳୟରେ ମଧ୍ୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହେଉଛି। ସଂଘମିତ୍ରା ବିଦ୍ୟାଳୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଓ ଚାରି-ପଥ ଉତ୍ସ ପୃଥକୀକରଣ ସମ୍ପର୍କରେ ସଚେତନତା ଓ ପ୍ରଦର୍ଶନୀ ଅଧିବେଶନ ଆୟୋଜିତ ହୋଇଥିଲା। ଏଥିସହ ବର୍ଷାଜଳ ଅମଳ, ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛତା ଉପରେ ଆଲୋଚନା ଓ ବିତର୍କ ହୋଇଥିଲା। ଖଡ଼ଗପୁର ଡିଭିଜନ ପକ୍ଷରୁ ରେଳ ଷ୍ଟେସନ, ବିଦ୍ୟାଳୟ, ପ୍ରତିଷ୍ଠାନ ଓ ରେଳ କଲୋନୀଗୁଡ଼ିକରେ ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ ଚାଲିଛି। 'ସ୍ୱଚ୍ଛତା ଜ୍ଞାନ ଯାତ୍ରା' ଅଧୀନରେ ଛାତ୍ରଛାତ୍ରୀମାନେ ଇଟିପି, ବାୟୋ-ଟଏଲେଟ୍ ପ୍ଲାଣ୍ଟ, ଜଳ ପୁନଃଚକ୍ରଣ ପ୍ଲାଣ୍ଟ ଓ କୋଚ୍ ୱାସିଂ ଲାଇନ୍ ପରିଦର୍ଶନ କରୁଛନ୍ତି। ଖଡ଼ଗପୁର ଓ ହିଜଲି ଷ୍ଟେସନରେ 'ସ୍ୱଚ୍ଛତା ଏବଂ ଜଳ ସଂଚୟ ସମ୍ବାଦ' ସହ ନୁକ୍କଡ଼ ନାଟକ ମାଧ୍ୟମରେ ମଧ୍ୟ ଲୋକଙ୍କୁ ସଚେତନ କରାଯାଉଛି।

# ଫିଙ୍ଗରପ୍ରିଣ୍ଟ ନ ନେବାରୁ ମିଳୁନି ଦିବ୍ୟାଙ୍ଗ ପ୍ରମାଣପତ୍ର

## ୪୫ ବର୍ଷୀୟ ଦିବ୍ୟାଙ୍ଗ ପୁଅକୁ ନେଇ ୬୫ ବର୍ଷୀୟ ବାପା ଚିନ୍ତିତ

ସମ୍ବଲପୁର, : ପରିଣତ ବୟସରେ ପୁଅ ବାପାର ଦେଖାଶୁଣା କରିବା କଥା। ହେଲେ ଏଠାରେ ଚିତ୍ର ଓଲଟା। ୬୫ ବର୍ଷୀୟ ବାପା ନିଜ ୪୫ ବର୍ଷୀୟ ଦିବ୍ୟାଙ୍ଗ ପୁଅର ସେବା କରି ଦିନ କାଟୁଛନ୍ତି। ସରକାରୀ ନିୟମ ଓ ପ୍ରକ୍ରିୟା ଯୋଗୁଁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳୁନଥିବାରୁ ସରକାରୀ ଭତ୍ତା ଓ ଅନ୍ୟାନ୍ୟ ସୁବିଧାରୁ ପରିବାରଟି ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକର ମାଓ ଅଧ୍ୟୁଷିତ ତଥା ଦୁର୍ଗମ ପାଣିମୁରା ପଞ୍ଚାୟତ ତାଲବ ଗ୍ରାମର ଲକ୍ଷ୍ମଣ ଦେହୁରୀ। ଜନ୍ମର ପ୍ରାୟ ୬ ବର୍ଷ ପରେ ସେ କୌଣସି ଅଜଣା ରୋଗରେ ଆକ୍ରାନ୍ତ ହୋଇଥିଲେ। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ତାଙ୍କର ଉପଯୁକ୍ତ ଚିକିତ୍ସା ହୋଇପାରିନଥିଲା। ଧୀରେ ଧୀରେ ରୋଗ ବଢ଼ିବାରୁ ତାଙ୍କ ଦୁଇ ଗୋଡ଼ ଅଚଳ ହୋଇଯାଇଥିଲା। ଏବେ ସେ ଚାଲିବା ସହ ନିଜେ ଦୈନନ୍ଦିନ କାର୍ଯ୍ୟ କରିବାରେ ମଧ୍ୟ ଅସମର୍ଥ ଥିବା କୁହାଯାଇଛି। ପୁଅର ଏଭଳି ଅବସ୍ଥା ଦେଖି ଚିନ୍ତାରେ ଦିନ କାଟୁଥିବା ମା'ଙ୍କର



ମଧ୍ୟ ଇତିମଧ୍ୟରେ ଦେହାନ୍ତ ହୋଇଛି। ଏବେ ଘରେ କେବଳ ବାପା ବକୁଳି ଦେହୁରୀ ଓ ପୁଅ ଲକ୍ଷ୍ମଣ ରହୁଛନ୍ତି। ପୁଅକୁ ଏକୁଟିଆ ଛାଡ଼ି ବକୁଳି ଅଧିକ ସମୟ କାମକୁ ଯାଇପାରୁନଥିବାରୁ ପରିବାରର ଆର୍ଥିକ ସ୍ଥିତି ମଧ୍ୟ ଦୁର୍ବଳ ହୋଇପଡ଼ିଛି। ଅନ୍ୟପକ୍ଷରେ, ବକୁଳିଙ୍କ ବୟସ ୬୫ ବର୍ଷ ହୋଇଥିଲେ ମଧ୍ୟ ଆଧାର କାର୍ଡରେ ୫୪ ବର୍ଷ ଥିବାରୁ ସେ ବାର୍ଦ୍ଧକ୍ୟ ଭତ୍ତା ପାଇପାରୁନଥିବା ଅଭିଯୋଗ କରିଛନ୍ତି। ପୁଅର ଚିକିତ୍ସା ଓ ସରକାରୀ ସହାୟତା ଆଶାରେ ଗ୍ରାମର କିଛି ଯୁବକଙ୍କ ସହଯୋଗରେ ବକୁଳି ଲକ୍ଷ୍ମଣଙ୍କୁ ନାକଟିଦେଉଳରେ ଆୟୋଜିତ ଭୀମଭୋଇ ସାମର୍ଥ୍ୟ ଶିବିରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବୁର୍ଲା ମେଡିକାଲରେ ଚିକିତ୍ସା କରାଇବାକୁ ପରାମର୍ଶ ଦେଇଥିଲେ। ହେଲେ ଆର୍ଥିକ ଅସ୍ୱଚ୍ଛଳତା ଯୋଗୁଁ ବୁର୍ଲା ନେଇ ଚିକିତ୍ସା କରାଇବା ସମ୍ଭବ ହୋଇନଥିଲା। କିଛି ମାସ ପରେ ଦିବ୍ୟାଙ୍ଗ ପୁଅ ପାଇଁ ସରକାରୀ ସହାୟତା ଆଶାରେ ବକୁଳି ଗାଡ଼ି ଭଡ଼ା କରି ଗ୍ରାମର ଯୁବକମାନଙ୍କ ସହଯୋଗରେ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ ଲକ୍ଷ୍ମଣଙ୍କ ଆଙ୍ଗୁଠିର ବାୟୋମେଟ୍ରିକ୍ ଫିଙ୍ଗରପ୍ରିଣ୍ଟ ନ ଆସିବାରୁ ତାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିପାରିନଥିବା ଅଭିଯୋଗ ହୋଇଛି। ଏହା ଫଳରେ ସେ ଦିବ୍ୟାଙ୍ଗ ଭତ୍ତା ସମେତ ଅନ୍ୟାନ୍ୟ ସରକାରୀ ସୁବିଧାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି।ବର୍ତ୍ତମାନ ରାସନ କାର୍ଡରେ ବାପା-ପୁଅଙ୍କୁ ମାତ୍ର ୧୦ କେଜି ଚାଉଳ ମିଳୁଥିବା ଜଣାପଡ଼ିଛି। ଦୁର୍ଗମ ଓ ପାହାଡ଼ିଆ ଅଞ୍ଚଳରେ ସରକାରୀ ଯୋଜନାର ପ୍ରଚାରପ୍ରସାର ଅଭାବ ସହ ପ୍ରଶାସନିକ ସହଯୋଗର ଅଭାବ ଯୋଗୁଁ ଏଭଳି ଅସହାୟ ପରିବାର ସରକାରୀ ସୁବିଧା ପାଇପାରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବୟସ ବଢ଼ିବା ସହ ବକୁଳିଙ୍କ ଚିନ୍ତା ମଧ୍ୟ ବଢ଼ିଚାଲିଛି। ତାଙ୍କ ପରେ ଲକ୍ଷ୍ମଣଙ୍କ ଦେଖାଶୁଣା କିଏ କରିବ, ତାହା ତାଙ୍କୁ ଚିନ୍ତିତ କରୁଛି। ତେଣୁ ଲକ୍ଷ୍ମଣଙ୍କୁ ତୁରନ୍ତ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିବା ସହ ଦିବ୍ୟାଙ୍ଗ ଭତ୍ତା ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇଦେବାକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ରାଉରକେଲା ରେଳ ଷ୍ଟେସନ୍ ଅଟୋ ଷ୍ଟାଣ୍ଡ ବିବାଦର ଅବସାନ



ରାଉରକେଲା : ରାଉରକେଲା ରେଳ ଷ୍ଟେସନ୍ ଅଟୋ ଷ୍ଟାଣ୍ଡକୁ ନେଇ ଚାଲିଥିବା ବିବାଦର ଅବସାନ ହୋଇଛି। ରେଳବାଇ, ଅଟୋ ଚାଳକ ସଂଘ ଓ ସମ୍ପୃକ୍ତ ପକ୍ଷ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ପରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିବାରୁ ଅଟୋ ଚାଳକଙ୍କ ଧର୍ମଘଟ ଶେଷ ହୋଇଛି। ଫଳରେ ଶନିବାରଠାରୁ ଷ୍ଟେସନ୍‌ରେ ଅଟୋ ଚଳାଚଳ ସ୍ୱାଭାବିକ ହୋଇଛି। ଶୁକ୍ରବାର ରାତିରେ ଷ୍ଟେସନ୍ ମାଷ୍ଟରଙ୍କ କାର୍ଯ୍ୟାଳୟରେ ଷ୍ଟାଣ୍ଡର ସ୍ଥାୟିତ୍ୱ ନେଇ ଏକ ଆଲୋଚନା ହୋଇଥିଲା। ସୁନ୍ଦରଗଡ଼ ଅଟୋ କର୍ମଚାରୀ ୟୁନିୟନ ଓ ସିଆଇଟିୟୁର ପଦକ୍ଷେପରେ ହୋଇଥିବା ଏହି ବୈଠକରେ ୟୁନିୟନ ସଭାପତି ବିମାନ ମାଇତି, ମହାସଚିବ ଅଜୟ ଶର୍ମାଙ୍କ ନେତୃତ୍ୱରେ ଅଟୋ ଚାଳକମାନେ ଯୋଗ ଦେଇଥିଲେ। ଷ୍ଟେସନ୍ ମାଷ୍ଟର ଏଲ୍.ଡି. ତ୍ରିପାଠୀ, ସିଆଇ ଜିତେନ୍ଦ୍ର ପ୍ରଧାନ ଓ ଆରପିଏଫ୍ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଚୁକ୍ତି ଅନୁଯାୟୀ, ଷ୍ଟେସନ୍ ଅଟୋ ଷ୍ଟାଣ୍ଡରେ ଅଟୋ ରଖିବା ପାଇଁ ପ୍ରତ୍ୟେକ ଚାଳକଙ୍କୁ ବାର୍ଷିକ ୭୨୦ ଟଙ୍କା ଦେବାକୁ ପଡ଼ିବ। ଏହା ବଦଳରେ ରେଳବାଇ ପକ୍ଷରୁ ଷ୍ଟାଣ୍ଡରେ ବିଜୁଳି ଓ ପାଣିର ବ୍ୟବସ୍ଥା କରାଯିବ। ଏଥିସହ ପ୍ରତ୍ୟେକ ଚାଳକଙ୍କୁ ପରିଚୟପତ୍ର ଦିଆଯିବ ଏବଂ ଅଟୋଗୁଡ଼ିକୁ ଷ୍ଟେସନ୍ ଅଟୋ ଭାବେ ସ୍ୱତନ୍ତ୍ର ପରିଚୟ ମିଳିବ। ରାଉରକେଲା ରେଳ ଷ୍ଟେସନ୍‌ରେ ୧୫୦ରୁ ଅଧିକ ଅଟୋ ଚାଲୁଥିବା ଜଣାପଡ଼ିଛି। ଚୁକ୍ତି ପରେ ଧର୍ମଘଟ ଶେଷ ହୋଇଥିବାରୁ ଅଟୋ ଚାଳକଙ୍କ ଜୀବିକାକୁ ନେଇ ଦେଖାଦେଇଥିବା ଅନିଶ୍ଚିତତା ଦୂର ହୋଇଥିବା ବେଳେ ଷ୍ଟେସନ୍‌କୁ ଆସୁଥିବା ଯାତ୍ରୀମାନେ ମଧ୍ୟ ଆଶ୍ୱସ୍ତି ପାଇଛନ୍ତି।

# ଝାରସୁଗୁଡ଼ାରେ ସୁଭଲକ୍ଷ୍ମୀ ମହିଳାଙ୍କ ହାତରେ ପରିବେଶ ଅନୁକୂଳ ଗଣେଶ ମୂର୍ତ୍ତି

ଝାରସୁଗୁଡ଼ା, : ଗଣେଶ ଚତୁର୍ଥୀ ଅବସରରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାସ୍ଥିତ କାର୍ଯ୍ୟକ୍ଷେତ୍ରରେ ସୁଭଲକ୍ଷ୍ମୀ ସମବାୟର ମହିଳା କାରିଗରଙ୍କ ଦ୍ୱାରା ହସ୍ତନିର୍ମିତ ପରିବେଶ ଅନୁକୂଳ ମାଟି ଗଣେଶ ମୂର୍ତ୍ତି ପ୍ରଦର୍ଶିତ ହୋଇଛି। ପାରମ୍ପରିକ ମୃତ୍ତିକା କଳାକୁ ଜୀବିକା ସହ ଯୋଡ଼ିବା ଏହି ପଦକ୍ଷେପର ଉଦ୍ଦେଶ୍ୟ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ବେଦାନ୍ତ ଆଲୁମିନିୟମର ମୃତ୍ତିକା କଳା ଗୋଷ୍ଠୀ ବିକାଶ ପଦକ୍ଷେପ 'ବେଦମୃତ୍ତିକା' ଅଧୀନରେ ଏହି ମୂର୍ତ୍ତିଗୁଡ଼ିକ ତିଆରି ହୋଇଛି। ଏହା ମାଧ୍ୟମରେ ଝାରସୁଗୁଡ଼ାର ୩୦ରୁ ଅଧିକ କାରିଗରଙ୍କୁ ଦକ୍ଷତା ବିକାଶ, ନୂତନ ଡିଜାଇନ ପ୍ରସ୍ତୁତି ଓ ବଜାର ସଂଯୋଗ ଭଳି ସହାୟତା ଯୋଗାଇ ଦିଆଯାଉଛି। ପାରମ୍ପରିକ ମୃତ୍ତିକା କଳାର ସୁରକ୍ଷା ସହ ଏହା ଗ୍ରାମାଞ୍ଚଳର ମହିଳାଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି କରୁଥିବା କମ୍ପାନି କହିଛି। ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି. ଚନ୍ଦ୍ରୁ କହିଛନ୍ତି, ପର୍ବପର୍ବାଣୀ ମାଧ୍ୟମରେ ସାଂସ୍କୃତିକ




ଐତିହ୍ୟ ସହ ସମୁଦାୟରେ ସାର୍ଥକ ପ୍ରଭାବ ସୃଷ୍ଟି କରିବାର ସୁଯୋଗ ମିଳେ। ସୁଭଲକ୍ଷ୍ମୀ ଓ ବେଦମୃତ୍ତିକା ଭଳି ପଦକ୍ଷେପ ମାଧ୍ୟମରେ ପାରମ୍ପରିକ କାରିଗରୀର ସୁରକ୍ଷା, ଉଦ୍ୟମିତାର ବିକାଶ ଓ ମହିଳାଙ୍କ ପାଇଁ ଜୀବିକା ସୁଯୋଗ ସୃଷ୍ଟି ଉପରେ କମ୍ପାନି ଗୁରୁତ୍ୱ ଦେଉଛି। କୋଲାବିରା କୁମ୍ଭାରପଡ଼ାର ବେଦମୃତ୍ତିକା କାରିଗର ତଥା ସୁଭଲକ୍ଷ୍ମୀ ସମବାୟ ସଦସ୍ୟା ଦଲିମ୍ବ ରଣା କହିଛନ୍ତି, ପ୍ରଶିକ୍ଷଣ, ଉନ୍ନତ ଯନ୍ତ୍ରପାତି, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନ ଦ୍ୱାରା କାରିଗରୀ ଦକ୍ଷତା ଓ ଉତ୍ପାଦର ଗୁଣବତ୍ତା ବଢ଼ିଛି। ପରିବେଶ ଅନୁକୂଳ ଗଣେଶ ମୂର୍ତ୍ତିକୁ ମିଳୁଥିବା ପ୍ରଶଂସା ଏହି ପାରମ୍ପରିକ କଳାକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାକୁ ଉତ୍ସାହିତ କରିଛି ବୋଲି ସେ କହିଛନ୍ତି। ଏହି ଅବସରରେ ବେଦାନ୍ତ ଟାଉନସିପ୍‌ରେ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ନେଇ ଗଣେଶ ପୂଜା, ଆଳତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସୁଭଲକ୍ଷ୍ମୀ ସମବାୟର ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ପରିବେଶ ଅନୁକୂଳ ସାମଗ୍ରୀକୁ ଉତ୍ସବରେ ସାମିଲ କରାଯାଇଥିଲା। କମ୍ପାନି ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶାରେ ବିଭିନ୍ନ ସାମାଜିକ ପ୍ରଭାବ କାର୍ଯ୍ୟକ୍ରମ ଜରିଆରେ ଏପର୍ଯ୍ୟନ୍ତ ୭ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ଏଥିମଧ୍ୟରେ ଜୀବିକା ଓ ଦକ୍ଷତା ବିକାଶ ମାଧ୍ୟମରେ ୧୨ ହଜାରରୁ ଅଧିକ ମହିଳାଙ୍କ ସଶକ୍ତୀକରଣ ଏବଂ ୨୪ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହାୟତା ଦିଆଯାଇଥିବା ଦାବି କରାଯାଇଛି।

# ଉତ୍ତରାଞ୍ଚଳ ଡିଆଇଜିଙ୍କ ପ୍ରଥମ ବଲାଙ୍ଗିର ଗସ୍ତ



ବଲାଙ୍ଗିର, : ଉତ୍ତରାଞ୍ଚଳ ପୁଲିସ ଡିଆଇଜି ଭାବେ ଦାୟିତ୍ୱ ଗ୍ରହଣ ପରେ ପ୍ରଥମଥର ପାଇଁ ବଲାଙ୍ଗିର ଗସ୍ତରେ ଆସିଛନ୍ତି ବରିଷ୍ଠ ଆଇପିଏସ୍ ଅଧିକାରୀ ଚରଣ ସିଂ ମୀନା। ଗସ୍ତ ଅବସରରେ ସେ ଜିଲ୍ଲାର ସାମଗ୍ରିକ ଆଇନଶୃଙ୍ଖଳା ପରିସ୍ଥିତି ସହ ଅପରାଧ ନିୟନ୍ତ୍ରଣ ଓ ପୁଲିସ ପ୍ରଶାସନର କାର୍ଯ୍ୟଧାରା ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ସମୀକ୍ଷା କରିଥିଲେ। ବିଭିନ୍ନ ଥାନା ଅଞ୍ଚଳରେ ଘଟୁଥିବା ଅପରାଧ, ମାମଲାର ତଦନ୍ତ ଏବଂ ଅପରାଧ ମୁକାବିଲା ପାଇଁ ନିଆଯାଉଥିବା ପଦକ୍ଷେପ ନେଇ ଡିଆଇଜି ଅଧିକାରୀମାନଙ୍କଠାରୁ ତଥ୍ୟ ନେଇଥିଲେ। ଅପରାଧୀଙ୍କ ବିରୋଧରେ ଆଇନ ଅନୁଯାୟୀ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ, ଥାନାସ୍ତରରେ ଉନ୍ନତ ସେବା ଏବଂ ପୁଲିସ-ଜନତା ସମ୍ପର୍କ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱ ଦେଇଥିବା ଜଣାପଡ଼ିଛି। ଏହାସହ ଜିଲ୍ଲାର ସୁରକ୍ଷା ବ୍ୟବସ୍ଥା, ସମ୍ବେଦନଶୀଳ ଓ ଅପରାଧପ୍ରବଣ ଅଞ୍ଚଳ ଏବଂ ପୁଲିସ ପକ୍ଷରୁ ଚାଲିଥିବା ବିଭିନ୍ନ ଅଭିଯାନ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ସହ ଲୋକଙ୍କ ମଧ୍ୟରେ ପୁଲିସ ପ୍ରତି ଆସ୍ଥା ବୃଦ୍ଧି ଦିଗରେ ପଦକ୍ଷେପ ନେବାକୁ ଡିଆଇଜି ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଗସ୍ତ ସମୟରେ ଜିଲ୍ଲା ପୁଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନୀଳଗିରିରେ ଓଲଟିଲା ପର୍ଯ୍ୟଟକଙ୍କ ବସ୍, ୩୦ରୁ ଅଧିକ ଗୁରୁତର



ବାଲେଶ୍ୱର : ବାଲେଶ୍ୱର ଜିଲ୍ଲା ନୀଳଗିରିର ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ବୁଲିବାକୁ ଆସିଥିବା ବଙ୍ଗୀୟ ପର୍ଯ୍ୟଟକଙ୍କ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉଦଳା-ନୀଳଗିରି ପୂର୍ତ୍ତ ବିଭାଗ ରାସ୍ତାର ଛତ୍ରପୁର ନିକଟସ୍ଥ ଭୁଡୁରୁବଣିଠାରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ନୟନଜୋରିକୁ ଓଲଟି ପଡ଼ିବାରୁ ୬୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୩୦ରୁ ଅଧିକ ପର୍ଯ୍ୟଟକ ଗୁରୁତର ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବସ୍‌ରେ ୬୦ରୁ ଅଧିକ ବଙ୍ଗୀୟ ପର୍ଯ୍ୟଟକ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଆସିଥିଲେ। ମୟୂରଭଞ୍ଜ ଜିଲ୍ଲା ଉଦଳା ନିକଟସ୍ଥ ଦେବକୁଣ୍ଡ ବୁଲିବା ପରେ ସେମାନେ ନୀଳଗିରିର ପଞ୍ଚଲିଙ୍ଗେଶ୍ୱର ଅଭିମୁଖେ ଯାଉଥିବା ବେଳେ ଭୁଡୁରୁବଣି ନିକଟରେ ହଠାତ୍ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦୁର୍ଘଟଣା ଖବର ପାଇ ବରହମପୁର ପୁଲିସ, ନୀଳଗିରି ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ବରହମପୁର ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଗୁରୁତରମାନଙ୍କୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।ଓଲଟି ପଡ଼ିଥିବା ବସ୍ ତଳେ ଆଉ କିଛି ଯାତ୍ରୀ ଫସି ରହିଥିବା ଆଶଙ୍କା କରାଯାଉଛି। ଫଳରେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦୁର୍ଘଟଣାର ସଠିକ୍ କାରଣ ଜଣାପଡ଼ିନଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଛି।

# ନୌସେନା ଗ୍ରେଡ୍ ଇସ୍ପାତ ଉତ୍ପାଦନରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଅଗ୍ରଗତି

ରାଉରକେଲା, : ସେଲ୍‌ର ରାଉରକେଲା ଇସ୍ପାତ କାରଖାନାର ନ୍ୟୁ ପ୍ଲେଟ୍ ମିଲ୍ ଅଗଷ୍ଟ ୨୦୨୬ରେ ଉଲ୍ଲେଖନୀୟ ଉତ୍ପାଦନ ହାସଲ କରିଛି। ମିଲ୍ ପକ୍ଷରୁ ଏହି ମାସରେ ୨,୬୧୪ ଟନ୍ ୮ ମିମି ଏବଂ ୩,୭୬୮ ଟନ୍ ୧୦ ମିମି ପ୍ଲେଟ୍ ରୋଲିଂ କରାଯାଇଛି। ମୂଲ୍ୟବର୍ଦ୍ଧିତ ଓ ବୈଷୟିକ ଦୃଷ୍ଟିରୁ ଜଟିଳ ଇସ୍ପାତ ଉତ୍ପାଦନରେ ମିଲ୍‌ର ଗୁରୁତ୍ୱ ଏହା ଦ୍ୱାରା ପ୍ରତିଫଳିତ ହୋଇଛି। ଅଗଷ୍ଟରେ ନ୍ୟୁ ପ୍ଲେଟ୍ ମିଲ୍ ୭୦ ଟନ୍ ନୌସେନା ଗ୍ରେଡ୍ ଇସ୍ପାତ ମଧ୍ୟ ଉତ୍ପାଦନ କରିଛି। ଏହାଛଡ଼ା ୪,୪୧୪ ଟନ୍ ୩୫୦ସି ଏବଂ ୪,୧୧୪ ଟନ୍ ୪୧୦ ବିଆଁ ଓ ୪୫୦ ବିଆଁ ଭଳି ଉଚ୍ଚ ଗ୍ରେଡ୍ ଇସ୍ପାତ ରୋଲିଂ କରାଯାଇଥିବା ଜଣାଯାଇଛି।ଚଳିତ ବର୍ଷ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ନୂଆ ଉତ୍ପାଦ ବିକାଶ କ୍ଷେତ୍ରରେ ମଧ୍ୟ ମିଲ୍ ଉଲ୍ଲେଖନୀୟ



ପ୍ରଗତି କରିଛି। ଏଟିଏମ୍ ସେଫ୍ ଓ ଚେଷ୍ଟ ପାଇଁ ୩୦ ଟନ୍ ସେଲ୍ ହାଇଟେନ୍ ଏବଂ ୧,୨୪୫ ଟନ୍ ଏପିଆଇ ଏକ୍ସ-୫୨ ଲାଇନ୍-ପାଇପ୍ ଗ୍ରେଡ୍ ଇସ୍ପାତ ଉତ୍ପାଦନ ହୋଇଛି। ଏହି ପାଞ୍ଚ ମାସରେ ନୌସେନା ଗ୍ରେଡ୍ ଇସ୍ପାତର ମୋଟ ଉତ୍ପାଦନ ୪୬୨ ଟନ୍‌ରେ ପହଞ୍ଚିଛି।ଏପ୍ରିଲ୍-ଅଗଷ୍ଟ ଅବଧିରେ ମିଲ୍‌ର ରପ୍ତାନି ପ୍ରଦର୍ଶନ ମଧ୍ୟ ଉଲ୍ଲେଖନୀୟ ରହିଛି। ଏହି ସମୟରେ ନ୍ୟୁ ପ୍ଲେଟ୍ ମିଲ୍‌ରୁ ୨୬,୮୨୩ ଟନ୍ ଇସ୍ପାତ ରପ୍ତାନି ହୋଇଥିବା ଜଣାଯାଇଛି। ଉଚ୍ଚ ଗ୍ରେଡ୍ ଓ ବିଶେଷ ଇସ୍ପାତ ଉତ୍ପାଦନ ସହ ରପ୍ତାନି କ୍ଷେତ୍ରରେ ମିଲ୍‌ର ପ୍ରଦର୍ଶନ ରାଉରକେଲା ଇସ୍ପାତ କାରଖାନାର ବଜାର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିଛି।

# ରାଉରକେଲା ସର୍କିଟ ହାଉସ୍ ଦାୟିତ୍ୱ ନେବେ ଜିଲ୍ଲାପାଳ



ରାଉରକେଲା, :: ରାଉରକେଲା ସର୍କିଟ ହାଉସ୍‌ରେ ଘଟିଥିବା ବିଭିନ୍ନ ଘଟଣାକୁ ନେଇ ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସର୍କିଟ ହାଉସ୍‌ର ସମସ୍ତ ଦାୟିତ୍ୱ ଏଣିକି ଜିଲ୍ଲାପାଳ ସିଧାସଳଖ ବୁଝିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ପୂର୍ବରୁ ସର୍କିଟ ହାଉସ୍‌ର ଦାୟିତ୍ୱ ଉପଜିଲ୍ଲାପାଳଙ୍କ ନିକଟରେ ଥିବା ବେଳେ ଏବେ ଏହା ଜିଲ୍ଲାପାଳଙ୍କ ଅଧୀନକୁ ଆସିବ। ଏଥିସହ ସର୍କିଟ ହାଉସ୍‌ର ଦାୟିତ୍ୱରେ ଥିବା ନାଜିରଙ୍କୁ ଏହି କାର୍ଯ୍ୟରୁ ଅନ୍ତର କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ରୁମ୍ ବୁକିଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ମଧ୍ୟ ଏହି ଦାୟିତ୍ୱରୁ ଅବ୍ୟାହତ ଦିଆଯାଇଛି ବୋଲି ସେ କହିଛନ୍ତି। ଗତ ଅଗଷ୍ଟ ୧୪ରେ ରାଉରକେଲା ସର୍କିଟ ହାଉସ୍‌ରୁ ବନ୍ଧୁକ ଓ ଗୁଳି ଜବତ ହେବା ସହ ୧୨ ଜଣ ଯୁବକ ଗିରଫ ହୋଇଥିଲେ। ଏହା ପରେ ସର୍କିଟ ହାଉସ୍‌ରେ ଜଣେ ୱେବ୍ ସିରିଜ୍ ଅଭିନେତ୍ରୀ ରହିଥିବା ଘଟଣା ମଧ୍ୟ ଚର୍ଚ୍ଚାକୁ ଆସିଥିଲା। ଏହି ସମସ୍ତ ଘଟଣାରେ ସର୍କିଟ ହାଉସ୍‌ର ପରିଚାଳନା ଓ ରୁମ୍ ବୁକିଂ ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଥିବା ବେଳେ ରାଜସ୍ୱ ବିଭାଗ ତଦନ୍ତ ଆରମ୍ଭ କରିଛି। ମନ୍ତ୍ରୀ ସୁରେଶ ପୂଜାରୀ ଆଜି ସୁନ୍ଦରଗଡ଼ରେ କହିଛନ୍ତି ଯେ, ତଦନ୍ତ ରିପୋର୍ଟ ଆସିବା ପରେ ଘଟଣାରେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ।

# କେନ୍ଦୁଝରରେ ଦୁଇ ଅଘଟଣ, ଜଣଙ୍କ ଶବ ଉଦ୍ଧାର; ଜଣେ ନିଖୋଜ

କେନ୍ଦୁଝର, : କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ବ୍ଲକ୍‌ରେ ଶନିବାର ଦୁଇଟି ପୃଥକ ଅଘଟଣ ଘଟିଛି। ବାରିଆ ଥାନା ଅନ୍ତର୍ଗତ ନାଗରପାଳ ନିକଟସ୍ଥ ଏକ ନାଳର ପୋଲ ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର ହୋଇଥିବା ବେଳେ ଅରଡେଇ ନଦୀରେ ବୁଡ଼ି ଜଣେ ବ୍ୟକ୍ତି ନିଖୋଜ ହୋଇଛନ୍ତି। ନାଗରପାଳ ନିକଟରେ ନାଳ ପୋଲ ପାଖରେ ଶବ ପଡ଼ିଥିବା କିଛି ଗ୍ରାମବାସୀ ଦେଖି ବାରିଆ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ପରିଚୟ ଜାଣିବାକୁ ଉଦ୍ୟମ କରିଥିଲା। ତେବେ ରିପୋର୍ଟ ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିନଥିଲା। ଏନେଇ ବାରିଆ ପୁଲିସ ଏକ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷରେ, ଚଉଠିଆ ପଞ୍ଚାୟତ ଅନ୍ତର୍ଗତ ମଣଦା ନିକଟ ଦେଇ ପ୍ରବାହିତ ଅରଡେଇ ନଦୀରେ ବୁଡ଼ି ମଣଦା ଗ୍ରାମ ପୁରୁଣାପାଣି ସାହିର ଧୀରେନ ବେଷ୍ଟକାର (କନ୍ଦା) ନିଖୋଜ ହୋଇଛନ୍ତି। ସେ ନିଜ ବଳଦଗୁଡ଼ିକୁ ନେଇ ନଦୀ ଆରପାରି ତେନ୍ତୁଳିଖୁଣ୍ଟି ନିକଟସ୍ଥ ଚାଷଜମିକୁ ଯାଉଥିବା ବେଳେ ନଦୀ ପାର ହେବା ସମୟରେ ଭଉଁରୀରେ ପଡ଼ି ବୁଡ଼ି ଯାଇଥିଲେ। ଖବର ପାଇ ଝୁମ୍ପୁରା ପୁଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ପ୍ରାୟ ୬ରୁ ୭ ଘଣ୍ଟା ଧରି ନଦୀରେ ଖୋଜିଥିଲେ ମଧ୍ୟ ଧୀରେନଙ୍କ କୌଣସି ସନ୍ଧାନ ମିଳିନଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କୁ ଖୋଜିବା ଉଦ୍ୟମ ଜାରି ରହିଥିଲା।

# ରାଉରକେଲାରେ ୪୩ତମ ରାଜ୍ୟ ସାଇକ୍ଲିଂ ଚାମ୍ପିୟନସିପ୍ ଆରମ୍ଭ



ରାଉରକେଲା, : ରାଉରକେଲା ଇସ୍ପାତ ସହରାଞ୍ଚଳରେ ଶନିବାର ୪୩ତମ ରାଜ୍ୟ ସାଇକ୍ଲିଂ ଚାମ୍ପିୟନସିପ୍ ଆରମ୍ଭ ହୋଇଛି। ସେପ୍ଟେମ୍ବର ୧୯ରୁ ୨୧ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ୧୨୨ ଜଣ ସାଇକେଲ ଚାଳକ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ୧୪, ୧୮ ଓ ୨୩ ବର୍ଷରୁ କମ୍—ଏଭଳି ତିନିଟି ବୟସ ବର୍ଗର ପ୍ରତିଯୋଗୀ ସାମିଲ ହୋଇଛନ୍ତି। ରାଉରକେଲାର ରିଂ ରୋଡ୍‌ରେ ଶନିବାର ସକାଳେ ଟାଇମ୍ ଟ୍ରାଏଲ୍ ସହ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଥିଲା। ୧୪ ବର୍ଷରୁ କମ୍ ବର୍ଗର ପ୍ରତିଯୋଗୀମାନେ ୧୦ କିଲୋମିଟର ଏବଂ ୧୮ ଓ ୨୩ ବର୍ଷରୁ କମ୍ ବର୍ଗର ପ୍ରତିଯୋଗୀମାନେ ୨୦ କିଲୋମିଟର ଦୂରତାରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍‌ର ସଭାପତି ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ମିନତି ମହାପାତ୍ର ଏବଂ ବରିଷ୍ଠ ସାଇକେଲ ଚାଳକ ସୁବାଷ ଦାସଙ୍କ ସମେତ ଅନ୍ୟ କ୍ରୀଡ଼ା ବ୍ୟକ୍ତିତ୍ୱ ପତାକା ଦେଖାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଆସନ୍ତା ଦୁଇ ଦିନରେ ବିଭିନ୍ନ ବର୍ଗର ପ୍ରତିଯୋଗିତା ଜାରି ରହିବ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୨୨ ଜଣ ପ୍ରତିଯୋଗୀ ଚାମ୍ପିୟନସିପ୍‌ରେ ଶୀର୍ଷ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

# ଚିଙ୍ଗୁଡ଼ିଖୋଲ ରାସ୍ତାରେ ଖାଲଖମା, ବର୍ଷା ହେଲେ ଜମୁଛି ପାଣି



କୋଦଳା, : ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ୍ ଅନ୍ତର୍ଗତ ଚିଙ୍ଗୁଡ଼ିଖୋଲ ମୁଖ୍ୟରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ବରିଡ଼ାଠାରୁ ଚିଙ୍ଗୁଡ଼ିଖୋଲ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟାତରେ ସମସ୍ୟା ଦେଖାଦେଇଛି। ଅସରାଏ ବର୍ଷା ହେଲେ ଏହି ଖାଲଖମାରେ ପାଣି ଜମି ରହୁଛି। ଫଳରେ ରାସ୍ତାରେ ଥିବା ଗାତଗୁଡ଼ିକ ଠିକ୍ ଭାବେ ଦେଖାଯାଉନଥିବାରୁ ଦୁର୍ଘଟଣାର ଆଶଙ୍କା ବଢ଼ୁଛି। ବିଶେଷକରି ଦୁଇଚକିଆ ଓ ଅନ୍ୟାନ୍ୟ ଯାନ ଚାଳକମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳର ଯାତାୟାତ ପାଇଁ ଏହା ଏକ ପ୍ରମୁଖ ରାସ୍ତା ହୋଇଥିବା ସତ୍ତ୍ୱେ ଦୀର୍ଘଦିନ ଧରି ମରାମତି ହୋଇନଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତାର ଖାଲଖମା ପୂରଣ ସହ ଜଳ ନିଷ୍କାସନ ପାଇଁ ଆବଶ୍ୟକ ବ୍ୟବସ୍ଥା ତୁରନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

## ସଂପାଦକୀୟ

# ସଙ୍କଟରେ ବିଶ୍ୱ ଅର୍ଥନୀତି

ୟୁକ୍ରେନକୁ ନେଇ ଚାଲିଆସିଥିବା ସଙ୍କଟ ଶେଷରେ ଭୟଙ୍କର ଯୁଦ୍ଧର ରୂପ ନେବା ସହିତ ସମଗ୍ର ବିଶ୍ୱ ପାଇଁ ଘନେଇ ଆସିଛି ଘୋର ବିପଦ । ଯୁକ୍ତରାଷ୍ଟ୍ର ଆମେରିକା ଓ ଅନ୍ୟ ୟୁରୋପୀୟ ଦେଶଗୁଡ଼ିକର ଚେତାବନୀକୁ ତିଳେମାତ୍ର ଭ୍ରୂକ୍ଷେପ ନକରି ରୁଷ ଗୁରୁବାର ଦିନ ୟୁକ୍ରେନ ଉପରେ ପ୍ରଚଣ୍ଡ ଆକ୍ରମଣ ଆରମ୍ଭ କରିଦେଇଛି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବିଧିବଦ୍ଧ ଭାବେ ଯୁଦ୍ଧ ଘୋଷଣା କରିବା ମାତ୍ରେ ରୁଷର ବାୟୁସେନା ଓ ନୌସେନା ପକ୍ଷରୁ ୟୁକ୍ରେନ ଉପରେ ଆରମ୍ଭ ହୋଇଯାଇଥିଲା ପ୍ରଚଣ୍ଡ ଆକ୍ରମଣ । ଏହାର ସ୍ଥଳସେନା ମଧ୍ୟ ବିଭିନ୍ନ ଦିଗରୁ ୟୁକ୍ରେନ ଭିତରକୁ ପ୍ରବେଶ କରି ଅନେକ ଅଞ୍ଚଳ ନିଜ ଦଖଲକୁ ନେଇଯାଇଛନ୍ତି । ରୁଷର କ୍ଷେପଣାସ୍ତ୍ର ମାଡ଼ରେ ୟୁକ୍ରେନର ରାଜଧାନୀ କିଭ ସମେତ କେତେକ ବଡ଼ ସହର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପ ମହାଦେଶରେ ଏହା ସବୁଠାରୁ ବଡ଼ ଯୁଦ୍ଧ ବୋଲି ବିଚାର କରାଯାଉଛି । ବୁଧବାର ଗୋଟିଏ ଦିନ ଭିତରେ ରୁଷ ୨୦୩ ଥର କ୍ଷେପଣାସ୍ତ୍ର ମାଡ଼ କରିବା ଏହି ଯୁଦ୍ଧର ଭୟାବହତାକୁ ପ୍ରମାଣ କରୁଛି ବୋଲି ସାମରିକ ବିଶେଷଜ୍ଞ ଦଳ ମତ ଦେଉଛନ୍ତି । ରୁଷ୍‌ର ବିମାନ ଆକ୍ରମଣରେ ୟୁକ୍ରେନର ୧୧ଟି ବାୟୁସେନା ଘାଟି ଓ ୭୪ ସାମରିକ ଘାଟି ଧ୍ୱଂସ ପାଇଥିବାବେଳେ ୪୦ ସୈନ୍ୟ ଓ ୧୦ ଜଣ ନାଗରିକ ପ୍ରାଣ ହରାଇଛନ୍ତି । ସେହିପରି ୟୁକ୍ରେନର ପ୍ରତିଆକ୍ରମଣରେ ରୁଷର ୮୦୦ ସୈନ୍ୟ ପ୍ରାଣ ହରାଇବା ସହିତ ୩୦ଟି ଟ୍ୟାଙ୍କ୍ ଓ ୭ଟି ବିମାନକୁ ଧ୍ୱଂସ କରିଦିଆଯାଇଛି ବୋଲି ଦେଶର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ୟୁକ୍ରେନ ଉପରେ ରୁଷର ସାମରିକ କାର୍ଯ୍ୟାନୁଷ୍ଠାନକୁ ଆମେରିକା, ବ୍ରିଟେନ, ଫ୍ରାନ୍ସ ସମେତ ନାଟୋ ଗୋଷ୍ଠୀର ଦେଶଗୁଡ଼ିକ ତୀବ୍ର ନିନ୍ଦା କରିଥିବାବେଳେ ଚୀନ ଓ ଭେନେଜୁଏଲା ପରି କେତେକ ଦେଶ ଏହାକୁ ସମର୍ଥନ ଜଣାଇଛନ୍ତି । ତେବେ ଭାରତ ପାଇଁ ୟୁକ୍ରେନ ଯୁଦ୍ଧ ଏକ ଅଗ୍ନିପରୀକ୍ଷା ସଦୃଶ ହୋଇଛି, କାରଣ ରୁଷ ସହିତ ଆମ ଦେଶର ଦୀର୍ଘ ବର୍ଷର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଏହି ଯୁଦ୍ଧକୁ ଏଡ଼ାଇବା ଦିଗରେ ଭାରତ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇପାରିବ ବୋଲି କୂଟନୈତିକ ମହଲ ମନେକରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାତିରେ ରୁଷ ରାଷ୍ଟ୍ରପତି ପୁଟିନଙ୍କ ସହ ୨୫ ମିନିଟ୍ ଧରି ଟେଲିଫୋନ୍‌ରେ କଥାବାର୍ତ୍ତା କରିଥିଲେ । ଏହି ଆଲୋଚନାବେଳେ ପ୍ରଧାନମନ୍ତ୍ରୀ ମୋଦି ରୁଷ ଓ ନାଟୋ ଗୋଷ୍ଠୀ ମଧ୍ୟରେ ଦେଖାଦେଇଥିବା ବିବାଦକୁ କେବଳ କଥାବାର୍ତ୍ତା ମାଧ୍ୟମରେ ସମାଧାନ କରିବାକୁ ପୁଟିନଙ୍କୁ ଅନୁରୋଧ କରିଥିଲେ । ତୁରନ୍ତ ଅସ୍ତ୍ରବିରତି ଘୋଷଣା କରିବାକୁ ସେ ଅନୁରୋଧ କରିବା ସଙ୍ଗେସଙ୍ଗେ ହିଂସାକୁ ବନ୍ଦ କରି କୂଟନୈତିକ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ଯୁଦ୍ଧର ଚରାଭୂଇଁ ପାଲଟିଥିବା ୟୁକ୍ରେନ୍‌ରେ ଅନେକ ଓଡ଼ିଆଙ୍କ ସମେତ ବହୁ ଭାରତୀୟ ଲୋକ ବସବାସ କରୁଛନ୍ତି । ବର୍ତ୍ତମାନ ଯୁଦ୍ଧ ଯୋଗୁଁ ବିମାନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ସେମାନେ କିପରି ନିରାପଦରେ ସ୍ୱଦେଶକୁ ଫେରିପାରିବେ, ତାହାହିଁ ବର୍ତ୍ତମାନଙ୍କ ସରକାରଙ୍କ ଆଗରେ ବଡ଼ ଆହ୍ୱାନ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏଥିନେଇ ଆଲୋଚନା କରାଯାଇଛି । ୟୁକ୍ରେନ ଯୁଦ୍ଧର ସୁଦୂର ପ୍ରସାରୀ ପ୍ରଭାବ ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶର ଅର୍ଥନୀତି ଉପରେ ପଡ଼ିବାର ଆଶଙ୍କା ଦେଖାଦେଲାଣି । ରୁଷର ଯୁଦ୍ଧ ଘୋଷଣା ପରେ ଭାରତୀୟ ପୁଞ୍ଜିବଜାରରେ କମ୍ପନ ସୃଷ୍ଟି ହୋଇଛି । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ସେନସେକ୍ସରେ ବହୁତ ହ୍ରାସ ଘଟିଛି, ଯାହାକି ବିଗତ ୨ ବର୍ଷ ମଧ୍ୟରେ ସର୍ବନିମ୍ନ ବୋଲି କୁହାଯାଉଛି । ଉଭୟ ରୁଷ ଓ ୟୁକ୍ରେନ ନିଜ ନିଜ ଜିଦ୍‌ରେ ଅଟଳ ରହି ଯୁଦ୍ଧରେ ନିମଗ୍ନ ରହିଛନ୍ତି, ସେଥିରେ ନିକଟ ଭବିଷ୍ୟତରେ ଏହି ସଙ୍କଟ ଟଳିବାର ସମ୍ଭାବନା ଦେଖାଯାଉ ନାହିଁ । ଦୁଇ ଦେଶ ମଧ୍ୟରେ ସୀମିତ ଥିବା ଏହି ଯୁଦ୍ଧ ଯେପରି ବିଶ୍ୱ ଯୁଦ୍ଧର ରୂପ ନ ନେବ, ସେଥିପ୍ରତି ବିଶ୍ୱ ସମୁଦାୟ ଧ୍ୟାନ ଦେବା ଉଚିତ ।

# ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ହିଁ ବିଶ୍ୱଯୁଦ୍ଧର କାରଣ ହେବ

**ମୌଲାନା ଫଜଲ ହକ ଖାନ**

ଆଜି ଦୁନିଆ ଏକ ଅଶାନ୍ତ ଝଡ଼ର ତାଣ୍ଡବରେ ଦୋଦୁଲ୍ୟମାନ ଅବସ୍ଥା ଦେଇ ଗତି କରୁଛି । ବିଶ୍ୱ ଆର୍ଥିକ ସଙ୍କଟ ଯୋଗୁଁ ପ୍ରାୟ ପ୍ରତି ସପ୍ତାହରେ ଆଗ ଠାରୁ ବଳି ବିପଦ ଘନେଇ ଆସୁଛି । ଦ୍ୱିତୀୟ ବିଶ୍ୱଯୁଦ୍ଧର ପୂର୍ବାବସ୍ଥା ସହିତ ସାମଞ୍ଜସ୍ୟ ଦେଖା ଦେଇଥିବାରୁ ବର୍ତ୍ତମାନର ସମୟକୁ ତା ସଙ୍ଗେ ତୁଳନା କରାଯାଉଛି । ମହାଶକ୍ତି ଗୁଡ଼ିକର ଆକ୍ରୋଶ,ଶାନ୍ତି ପ୍ରତିଷ୍ଠା କରିବା ବାହାନାରେ ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ କନ୍ଦଳ ଓ ଗୃହଯୁଦ୍ଧ ଗୁଡ଼ିକରେ ସେମାନଙ୍କର ଅବାଧ ପ୍ରବେଶ,ଆଇ.ଏସ୍.ପରି ତଥାକଥିତ ଜେହାଦୀ ସଂଗଠନ ନରହନ୍ତା ରାକ୍ଷସ ସାଜି ମାନବିକତା ବିରୁଦ୍ଧରେ କରୁଥିବା କୂଟଚକ୍ରାନ୍ତ ଇତ୍ୟାଦି କାର୍ଯ୍ୟକଳାପ ସ୍ପଷ୍ଟ ରୂପେ ଦର୍ଶାଉଛି ଯେ ଆଜି କାଲିର ଘଟଣା ବହୁଳ ସଂକଟଜନକ ପରିସ୍ଥିତି ବିଶ୍ୱ ଜଗତକୁ ପ୍ରଚଣ୍ଡ ଗତିରେ ମୁହାଁଉଥିବା ଭୟାବହ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଠେଲି ଦେଇଛି ।

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ସାହେବ ବିଗତ ଅନେକ ବର୍ଷ ହେଲା ଦୁନିଆ ପ୍ରତି ମାଡ଼ି ଆସୁଥିବା ଏହି ସବୁ ବିପଦ ସଂକ୍ରାନ୍ତରେ ପ୍ରତ୍ୟେକ ସାଧାରଣ ଓ ବ୍ୟକ୍ତି ବିଶେଷଙ୍କୁ ସତର୍କ କରାଇ ଆସୁଛନ୍ତି । କୌଣସି ହଟଚମଟ ସୃଷ୍ଟି କରିବା ପାଇଁ ନୁହେଁ, ବରଂ ଏହା ସୂଚାଇ ଦେବା ପାଇଁ ଯେ ଦୁନିଆ ଏହି ଅବସ୍ଥାରେ କିପରି ଆସି ପହଂଚିଲା ଏବଂ ଏବେ ସେହି ଧ୍ୱଂସ ମୁଖରୁ ପୃଥିବୀକୁ କିପରି ରକ୍ଷା କରାଯାଇ ପାରିବ । ଅହମଦୀୟା ମୁସଲିମ ସଂପ୍ରଦାୟର ଆଧ୍ୟାତ୍ମିକ ନେତା ଏହାକୁ ବିସ୍ତୃତ ଭାବରେ ବର୍ଣ୍ଣନା କରି ଅତି ସ୍ପଷ୍ଟ ରୂପେ ଘୋଷଣା କରିଛନ୍ତି ଯେ ଦୁନିଆରେ ଶାନ୍ତି ଫେରାଇ ଆଣିବାକୁ ହେଲେ ଏକମାତ୍ର ଉପାୟ ହେଉଛି,ନ୍ୟାୟର ପନ୍ଥାକୁ ଆପଣାଇବା ତଥା ଅତି ବିନମ୍ର ଭାବରେ ଓ ଆଜ୍ଞାବହ ହୋଇ ଈଶ୍ୱରଙ୍କ ନିକଟରେ ସମର୍ପିତ ହେବା । ସେହିପରି ସମଗ୍ର ମାନବଜାତି ସହିତ ସହାନୁଭୂତି ପ୍ରଦର୍ଶନ କରିବା,ଦୁର୍ବଳ ଓ ଅସହାୟଙ୍କୁ ସାହାଯ୍ୟ କରିବା,ସେମାନଙ୍କୁ ଆଦର ସମ୍ମାନ ସହିତ ସେମାନଙ୍କ ଦୁଃଖରେ ସମଭାଗୀ ହେବା ସହିତ ଈଶ୍ୱର ଭୟ ରଖି ସତ୍ୟ ଓ ଧର୍ମ ପଥରେ ଚାଲିବା ଏବଂ ନିଷ୍ପାପର ଭାବନା ନେଇ ନିଜର ପରମ ସ୍ରଷ୍ଟାଙ୍କ ନିକଟରେ ପ୍ରଣିପାତ ହେଲେ ଯାଇ ପ୍ରକୃତ ଶାନ୍ତିକୁ ପାଇ ପାରିବା ।

ଆଜି ବିଶ୍ୱରେ ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ହିଁ ଯୁଦ୍ଧ ପାଇଁ ବାଧ କରିଦେଇଛି । ସୁତରାଂ ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ଏଥି ପ୍ରତି ଦୃଷ୍ଟି ଆକର୍ଷଣ କରି କୁହନ୍ତି, ଏହା ଆମ ସମସ୍ତଙ୍କୁ ଜଣାଅଛି ଯେ ରାଷ୍ଟ୍ରସଂଘ ଗଠନର ବିଫଳତା ଏବଂ ୧୯୩୨ ମସିହାରେ ଉପୁଜିଥିବା ଉତ୍କଟ ଆର୍ଥିକ ସଂକଟ ଯୋଗୁଁ ହିଁ ମୁଖ୍ୟତଃ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୂତ୍ରପାତ ହୋଇଥିଲା । ବର୍ତ୍ତମାନ ସମୟର ପ୍ରବୀଣ ଅର୍ଥନୀତିଜ୍ଞମାନେ କୁହନ୍ତି ଯେ ଚଳିତ ସମୟରେ ଦେଖା ଦେଇଥିବା ଆର୍ଥିକ ସଂକଟ ଏବଂ ୧୯୩୨ ମସିହାର ଆର୍ଥିକ ସଂକଟ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । ରାଜନୈତିକ ସମସ୍ୟା ତଥା ଅର୍ଥନୈତିକ ବିଶୃଙ୍ଖଳା ଇତ୍ୟାଦି ଛୋଟ ଛୋଟ ଦେଶ ମଧ୍ୟରେ ପୁଣି ଥରେ ଯୁଦ୍ଧର କାରଣ ସାଜିଛି । ପୁଣି ଏସବୁ ଦେଶମାନଙ୍କରେ ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ ଓ ଜନ ଅସନ୍ତୋଷ ବୃଦ୍ଧି ପାଇବାର ଫଳ ସ୍ୱରୂପ ଏକ ମହା ଯୁଦ୍ଧ ରୂପେ ଉଭା ହେବ । ଯଦି ଛୋଟ ଦେଶଗୁଡ଼ିକ ମଧ୍ୟରେ ରହିଥିବା ବାଦ ବିବାଦ ଓ ସଂଘର୍ଷକୁ ରାଜନୀତି ବା କୂଟନୀତି ପ୍ରୟୋଗ କରି ଏହାର ଉପଯୁକ୍ତ ସମାଧାନ ନକରାଯାଏ,ତା ହେଲେ ନିଶ୍ଚିତ ଭାବରେ ଏହି ଦେଶଗୁଡ଼ିକ ବିଭାଜିତ ହୋଇ ପୃଥିବୀରେ କେତେକ ନୂଆ ନୂଆ ଗୋଷ୍ଠି ବା ମହାମେଂଟ ଗଠନ କରିବେ । ଏହା ହିଁ ହେବ ତୃତୀୟ ବିଶ୍ୱଯୁଦ୍ଧ ସଂଘଟିତ ହେବାର ମୂଳ କାରଣ । ଆମେ ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱର ପ୍ରଗତି ଦିଗରେ ବିଶେଷ ଧ୍ୟାନ ନଦେଇ ପୃଥିବୀକୁ କିପରି ଧ୍ୱଂସର କରାଳରୁ ରକ୍ଷା କରା ଯାଇପାରିବ,ସେଥି ପାଇଁ ଯଥାଶୀଘ୍ର ଉଦ୍ୟମ ଚଳାଇବା ଉଚିତ୍ । କାରଣ ବିଶ୍ୱ ମାନବ ଏକ ମାତ୍ର ତ୍ରାଣକର୍ତ୍ତା ଈଶ୍ୱରଙ୍କୁ ଚିହ୍ନିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଯେ କି ମାନବିକତାକୁ ବଂଚାଇବାର ଏକମାତ୍ର ଆଧାର ଓ ଆମ ସମାଜକୁ ଜୀବିତ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଯଦି ଏହା ନହୁଏ, ତା ହେଲେ ଆମ ବିଶ୍ୱ ଧୀରେ ଧୀରେ ବିନାଶ ଆଡ଼କୁ ଏହିପରି ଧାବମାନ ହେଉଥିବ ।

ବର୍ତମାନର ସମୟରେ ଅହମଦୀୟା ମୁସଲିମ ସଂପ୍ରଦାୟର ୫ମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ସାହେବ ନିରନ୍ତର ଏହା ପ୍ରୟାସ କରି ଚାଲିଛନ୍ତି କି କିପରି ଏ ତୃତୀୟ ମହା ବିଶ୍ୱଯୁଦ୍ଧ ନହେଉ । ସେଥି ପାଇଁ ସେ ସମସ୍ତ ରାଷ୍ଟ୍ରମୁଖ୍ୟଙ୍କୁ ପତ୍ର ଲେଖି ସୂଚିତ କରାଉଛନ୍ତି । ଇସଲାମ ଗଣତନ୍ତ୍ର ରାଷ୍ଟ୍ର ଇରାନର ରାଷ୍ଟ୍ରପତିଙ୍କୁ ପିତ୍ର ଲେଖି କହିଲେ,ବର୍ତମାନ ସବୁ ଆଡ଼େ ପ୍ରବଳ ଉତେଜନା ଓ ଅଶାନ୍ତି ଦେଖା ଦେଇଛି । କେତେକ ଅଂଚଳରେ ଛୋଟ ଧରଣର ସଂଘର୍ଷର ସୂତ୍ରପାତ ହୋଇଛି ତ ଅନ୍ୟ କେତେକ ଅଂଚଳରେ ବଡ଼ ଧରଣର । ଶକ୍ତଶାଳୀ ରାଷ୍ଟ୍ରଗୁଡ଼ିକ ଶାନ୍ତି ରକ୍ଷା ପାଇଁ ଚେଷ୍ଟା ଚଳାଇ ଥିବାର ବାହାନା କରି ନିଜ ଶକ୍ତି ପୟୋଗ କରୁଛନ୍ତି ଓ ସେମାନଙ୍କର ଆଭ୍ୟନ୍ତରୀଣ କନ୍ଦଳରେ ଅଯଥା ହସ୍ତକ୍ଷେପ କରୁଛନ୍ତି । ଆଜି ଦୁନିଆର ପ୍ରତ୍ୟେକ ଦେଶ କୌଣସି ଅନ୍ୟ ଦେଶ ପ୍ରତି ଶତ୍ରୁତା ଆଚରଣ କରିବା ପାଇଁ ଅଂଟାଭିଡ଼ି ବାହାରିଛି ତ ଅନ୍ୟ କୌଣସି ଦେଶକୁ ସମର୍ଥନ କରୁଛି । କିନ୍ତୁ ନ୍ୟାୟ ପ୍ରଦାନ କରିବାର ମୌଳିକ ଆବଶ୍ୟକତା ପ୍ରତି କୌଣସି ଗୁରୁତ୍ୱ ଦେଉନାହିଁ । ପୃଥିବୀର ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କରି ମୋତେ ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ ଅନ୍ୟ ଏକ ଯୁଦ୍ଧର ମୂଳଦୂଆ କେବେ ଠାରୁ ପଡ଼ିସାରିଲାଣି ।

ଅହମଦୀୟା ମୁସଲିମ ଖଲିଫା ତାଙ୍କ ଏକ ଭାଷଣରେ କହିଲେ,ବିଗତ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ଧ୍ୱଂସଲୀଳା ସମ୍ବନ୍ଧରେ ଆମେ ମାନେ ଭଲ ଭାବରେ ସଚେତନ ଅଛନ୍ତି । ଅଥଚ ପରିତାପର ବିଷୟ ହେଉଛି ଯେ କେତେକ ଦେଶର ଜଟିଳ ଶାସନ ନୀତି ଓ ଗର୍ହିତ ଆଚରଣ ପୃଥିବୀର ଦିଗବଳୟରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ଦେଉଛି । ଏହି ବିଶ୍ୱଯୁଦ୍ଧ ଏକ ଆଣବିକ ତଥା ପାରମାଣବିକ ଯୁଦ୍ଧରେ ହିଁ ପରିଣତ ହେବ । ପୃଥିବୀ ଯେଉଁ ଆଡ଼କୁ ଗତି କରୁଛି,ତହିଁରେ ନିଶ୍ଚିତ ଭାବରେ ଏପରି ଏକ ମହା ଯୁଦ୍ଧ ଲାଗି ଯିବାର ବିପଦ ଦେଖାଦେଇଛି । ଏହାର ଭୟାବହ ପରିଣତିରୁ ରକ୍ଷା ପାଉବା ପାଇଁ ଆମେ ନ୍ୟାୟ,ସାଧୁତା ଓ ସ୍ୱଚ୍ଛତାର ପଥ ଅବଲମ୍ବନ କରିବା ଉଚିତ୍ । ଆମେ ସମସ୍ତେ ଏକଜୁଟ ହୋଇ ହିଂସା ଓ ଘୃଣାକୁ ପ୍ରସାର କରୁଥିବା ସେହିସବୁ ଗୋଷ୍ଠୀ ବା ସଂଗଠନ ବିରୁଦ୍ଧରେ ସ୍ୱର ଉତୋଳନ କରିବା ଏବଂ ଯେଉଁମାନେ ପୃଥିବୀରେ ଶାନ୍ତି ନଷ୍ଟ କରିବାକୁ ଚାହୁଁଛନ୍ତି,ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ଏକାନ୍ତ ଅପରିହାର୍ଯ୍ୟ । ଆମେ ନିଜର ଆଗାମୀ ବଂଶଧରଙ୍କୁ ବିକଳାଙ୍ଗର ଉପହାର ଦେବାର କାରଣ ହେବା ନାହିଁ । ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ସାହେବ ଇସ୍ରାଇଲ ପ୍ରଧାନ ମନ୍ତ୍ରୀଙ୍କ ନାମରେ ଲେଖିଥିବା ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ ମୁଁ ସେହି ପ୍ରତିଶ୍ରୁତ ମସିହଙ୍କ ଖଲିଫା ଭାବରେ ଆପଣଙ୍କୁ ସମ୍ବୋଧନ କରି କହୁଛି ଯେ ଦିବ୍ୟ ଅବତାର ହଜରତ ମୁହମ୍ମଦ ସଲ୍ଲମଙ୍କ ଜଣେ ଅନୁରକ୍ତ ଦାସ ରୂପେ ବର୍ତ୍ତମାନ ଯୁଗରେ ସେ ପ୍ରେରିତ ହୋଇଛନ୍ତି । ସୁତରାଂ ପ୍ରଭୁଙ୍କ ବାର୍ତ୍ତା ଆପଣଙ୍କ ନିକଟରେ ପହଂଚାଇ ଦେବା ହେଉଛି ମୋର କର୍ତବ୍ୟ । ଯେଉଁମାନେ ପ୍ରଭୁଙ୍କ ବାଣୀକୁ କର୍ଣ୍ଣପାତ କରନ୍ତି,ଆପଣ ସେମାନଙ୍କ ମଧ୍ୟରେ ପରିଗଣିତ ହେବେ ବୋଲି ମୋର ଆଶା । ସେହି ପଥରେ ଯେଉଁମାନେ ପରିଚାଳିତ ହେବାର ସଫଳତା ହାସଲ କରନ୍ତି, ଆପଣ ସେହି ପଥକୁ ଅନୁସରଣ କରନ୍ତୁ । କାରଣ ତାହା ଆକାଶ ଓ ପୃଥିବୀର ଅଧିଶ୍ୱରଙ୍କ ନିର୍ଦ୍ଦେଶିତ ପଥ । ମୋର ଆପଣମାନଙ୍କୁ ଅନୁରୋଧ ଯେ ପୃଥିବୀକୁ ଯୁଦ୍ଧର ତଟଦେଶରେ ପହଂଚାଇବା ପରିବର୍ତେ ମାନବିକତାକୁ ବିଶ୍ୱବ୍ୟାପି ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ଆପଣ ଯଥାସାଧ୍ୟ ଉଦ୍ୟମ କରନ୍ତୁ । ବଳ ପ୍ରୟୋଗ ଦ୍ୱାରା ବିବାଦର ସମାଧାନ କରିବା ପରିବର୍ତେ ଆପୋଷ ଆଲୋଚନା ମାଧ୍ୟମରେ ଉତମ ଭାବ ବିନିମୟ ଦ୍ୱାରା ମିମାଂସା କରିବା ଉଚିତ୍ । ଯଦ୍ଦ୍ୱାରା ଆମେ ଆମ ଆଗାମୀ ବଂଶଧରମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ଉପହାର ଦେଇପାରିବା । ଅନ୍ୟଥା ଆମେ ସେମାନଙ୍କୁ ପଙ୍ଗୁ ଓ ବିକଳାଙ୍ଗର ଉପହାର ଦେବା ହିଁ ସାର ହେବ । ବ୍ରିଟେନର ପ୍ରଧାନ ମନ୍ତ୍ରୀଙ୍କୁ ଲେଖି ଜଣାଇଲେ ଯେ ମୋର ଅନୁରୋଧ ଯେ ପ୍ରତ୍ୟେକ ସ୍ତରରେ ଓ ପ୍ରତ୍ୟେକ ଦିଗରେ ଘୃଣା ଓ ହିଂସାର ଅଗ୍ନିଶିଖାକୁ ନିର୍ବାପିତ କରିବା ପାଇଁ ଆସନ୍ତୁ ଆମେ ନିଜର ସମସ୍ତ ଶକ୍ତକୁ ବିନିଯୋଗ କରିବାକୁ ଯଥାସାଧ୍ୟ ପ୍ରୟାସ କରିବା । ଯଦି ଆମେ ଏହି ପ୍ରୟାସରେ ସଫଳ ହେବା,ତା ହେଲେ ଆମର ଆଗାମୀ ପଢିର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଆମେ ଦୃଢ ନିଶ୍ଚିତ ହୋଇ ପାରିବା । ଯଦି ଆମେ ଏହି କାର୍ଯ୍ୟରେ ବିଫଳ ହେଉଛେ,ତା ହେଲେ ଆମେ ପରମାଣୁ ଯୁଦ୍ଧ ଯୋଗୁଁ ପ୍ରତ୍ୟେକ ସ୍ଥାନରେ ବିଧ୍ୱଂସ ଜନିତ କୁପରିଣାମର ସମ୍ମୁଖୀନ ହେବା ଓ ଆମେ କରିଥିବା ଏତାଦୃଶ ଜଘନ୍ୟ କାର୍ଯ୍ୟ ଯୋଗୁଁ ଏହାର ବିନାଶକାରୀ ପ୍ରଭାବ କାୟା ବିସ୍ତାର କରି ଆମ ଭବିଷ୍ୟତ ବଂଶଧରଙ୍କୁ ଭୋଗ କରିବାକୁ ହେବ । ପୁଣି ଏହି ବଂଶଧର ସେମାନଙ୍କ ପୂର୍ବଜମାନଙ୍କୁ ଦୁନିଆକୁ ମହା ବିପତି ମଧ୍ୟକୁ ଠେଲି ଦେଇଥିବା କାରଣରୁ କଦାପି କ୍ଷମା ଦେବେ ନାହିଁ । ଅନ୍ତିମ ଯୁଗର ପ୍ରବର୍ତକ, ପ୍ରତିଶ୍ରୁତ ଅବତାର ଓ ମସିହ ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ ସାହେବ(୧୮୩୫-୧୯୦୮)ବିଶ୍ୱ ସମାଜକୁ ମହା ବିଶ୍ୱଯୁଦ୍ଧର ଚେତାବନୀ ଦେଇ କୁହନ୍ତି, ହେ ୟୁରୋପ ! ତୁ ମଧ୍ୟ ଶାନ୍ତିରେ ନାହୁଁ । ହେ ଏସିଆ ! ତୁ ମଧ୍ୟ ନିରାପଦ ନାହୁଁ । ହେ ଦ୍ୱୀପପୁଞ୍ଜବାସୀ ! କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ ମହାନଗରୀ ସବୁ ଟଳି ପଡୁଥିବାର ଦେଖି ପାରୁଛି ଓ ଆବାଦି ବସ୍ତିକୁ ପରିତ୍ୟକ୍ତ ଓ ଅନାବାଦି ଅବସ୍ଥାରେ ଦେଖିବାକୁ ପାଉଛି । ପରମେଶ୍ୱର ବହୁ ସମୟ ଧରି ନୀରବ ରହିଲେ ଏବଂ ତାଙ୍କ ସମ୍ମୁଖରେ ବିଭତ୍ସ ଓ ଘୃଣିତ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକ୍‌ସ୍ଫୁର୍ତି କଲେ ନାହିଁ । ବର୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇଲେ । ଯାହାର କାନ ଅଛି, ସେ ଶୁଣୁ ଯେ ସେ ସମୟ ଏବେ ଆଉ ବେଶୀ ଦୂର ନାହିଁ । ମୁଁ ଯଥା ସାଧ୍ୟ ପ୍ରୟାସ କରିଛି ଯେ ପ୍ରଭୁଙ୍କ ଶାନ୍ତିପ୍ରଦ ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରିବି । ପୁଣି ଏହା ଜରୁରୀ ଥିଲା ଯେ ନିୟତିର ବିଧାନ ଅବଶ୍ୟ ପୂରଣ ହେଉ । ମୁଁ ନିରାଟ ସତ କହୁଛି ଯେ ଏ ଦେଶର ନୂତନ ପରିବର୍ତନ ମଧ୍ୟ ନିକଟତର ହୋଇ ଆସୁଛି । ନୋହାଙ୍କ ଯୁଗ ତୁମ ଚକ୍ଷୁ ସମ୍ମୁଖରେ ମହାଚକ୍ରବାତ ଜନିତ ବନ୍ୟାର ତାଣ୍ଡବ ଭଳି ଦୃଶ୍ୟ ଆସିଯିବ । ଲୁତ୍‌ଙ୍କ ଭୂମିର ଘଟଣା ତୁମେ ନିଜସ୍ୱ ନେତ୍ରରେ ଚରମ ବ୍ୟଭିଚାରର କୁପରିଣାମ ସ୍ୱରୂପ ଏଡସ୍,ମହାମାରୀର ଭୟାବହତା ଦେଖିପାରିବ । କିନ୍ତୁ ପରମେଶ୍ୱର ପ୍ରକୋପ ସାଧନରେ ମନ୍ଥର ଗତିକୁ ପସନ୍ଦ କରନ୍ତି । ଏଣୁ ଅନୁତାପ କର । ଫଳରେ ତୁମ ପ୍ରତି ଦୟା କରା ଯାଇପାରିବ । ଯଦି ବିଶ୍ୱବାସୀ ହଜରତ ଅହମଦଙ୍କ ଏହି ଅମୂଲ୍ୟ ବାର୍ତାକୁ ବୁଝି ତଦନୁଯାୟୀ କାର୍ଯ୍ୟ ନିର୍ବାହ କରନ୍ତେ ତାହେଲେ ବିଶ୍ୱରେ ଶାନ୍ତି ବିରାଜି ପାରନ୍ତା ଏବଂ ମନୁଷ୍ୟ ଜାତି ଆଉ ଅଧିକ ଦିନ ତିଷ୍ଠି ରହି ପାରନ୍ତା । ପରମତପ ଅଲ୍ଲାଃଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ସମସ୍ତ ମାନବ ସମାଜକୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ବିଶ୍ୱବାସୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦର ଲାଳସାକୁ ଜଳାଞ୍ଜଳୀ ଦେଇ ନିଜର ଦାୟିତ୍ୱ ପ୍ରତି ସଚେତନ ରହିବା ସଂଗେ ସଂଗେ ନିଜ କର୍ତବ୍ୟକୁ ସୁଚାରୁ ରୂପେ ସଂପାଦନ କରିବା ପାଇଁ ପ୍ରୟାସ କରିବେ । ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ଆମ ସମସ୍ତଙ୍କୁ ବିଶ୍ୱଯୁଦ୍ଧ ଜନିତ ଧ୍ୱଂସର ବିଭୀଷିକାର କୁପ୍ରଭାବରୁ ସୁରକ୍ଷିତ ରଖନ୍ତୁ । ଏହା ହିଁ ଆମର କାମନା ।

# କାହାକୁ କହିବା, କପାଳରେ ସିନା ହାତ ଥୋଇବା

**ଉମାଶଙ୍କର ପ୍ରସାଦ**

ସତ୍ୟମେବ ଜୟତେ” ଏହି ମହାନ ଧ୍ୱନି ଭାରତର ରାଷ୍ଟ୍ରୀୟ ମାନ୍ୟତା ପ୍ରାପ୍ତ ବାକ୍ୟ ଭାବେ ସୁବିଦିତ । ଏହି ସୁକ୍ତିଟି ମୁଣ୍ଡକ ଉପନିଷଦରୁ ଉଦ୍ଧୃତ । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମଦନମୋହନ ମାଲବ୍ୟ ଏହି ଧ୍ୱନିକୁ ଲୋକପ୍ରିୟ କରାଇ ୧୯୫୦ ମସିହାରେ ଏହାକୁ ରାଷ୍ଟ୍ରୀୟ ଧ୍ୱନି ଭାବେ ଘୋଷଣା କରାଇଥିଲେ । ମାତ୍ର ଦୁଃଖ ଓ ପରିତାପର ବିଷୟ ଆଜି ଏହି ଉକ୍ତି ସମାଜରୁ ପ୍ରାୟ ଲିଭିବାକୁ ଯାଉଛି । ‘ସତ୍ୟର ଜୟ ହେବ । ନିର୍ମଳ ବିଶ୍ଳେଷଣ ଦ୍ୱାରା ସମାସ୍ୟାର କାରଣ ଆଲୋକକୁ ଆସିବ , ମନୁଷ୍ୟର ପବିତ୍ର ଆକାଂକ୍ଷା ଦିନେ ନା ଦିନେ ପୂର୍ଣ୍ଣହେବ ଏ ସମସ୍ତ ଭରସାର ବାଣୀ ଆଜି ସର୍ତ୍ତ ସାପେକ୍ଷ । ଆଜି ସମାଜରୁ ସତ୍ୟନିଷ୍ଠା ଧିରେ ଧିରେ ଉଭାଇବାରେ ଲାଗିଛି । ଭକ୍ତ କବି ମଧୁସୁଦନ “ତାଙ୍କ ଜୀବନ ଚିନ୍ତା” କବିତାରେ ଲେଖିଛନ୍ତି “ ଧର୍ମର ପୁଣ୍ୟ ରାଜତ୍ୱ ପ୍ରଜ୍ଞାର ମହତ ତତ୍ତ୍ୱ , ହୁଏ ପରାହତ ପାପ ଗର୍ଜଇ ଭୈରବେ, ମୁକୁଟ ମଣ୍ଡିତ ରାଜଶୀର ନୁହଇ ଶାନ୍ତି ର ଆସ୍ୱାଦ, ଆଜି ଯେ ରାଜେନ୍ଦ୍ରା ସନେ କାଲି ସେ ଫକୀର” । ଏ ମାର୍ମିକ ବାଣୀ ଜାଣି ସୁଦ୍ଧା ଆଜିର ନେତୃ ବର୍ଗ ନିଜର ସତ୍ତା ପାଇଁ ବିଭିନ୍ନ ଅନୈତିକ ଅସତ୍ୟ, ଅନ୍ୟାୟ ଅତ୍ୟାଚାର, ପରଦ୍ରବ ଅପହରଣ ଇତ୍ୟାଦି କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଯଦି ଆମେ ପୁରାଣ ଯୁଗକୁ ଅବଲୋକନ କରିବା ତେବେ ଆମେ ଅନୁଭବ କରିବା ସାଧକ ଯୋଗୀ ମାନଙ୍କର ଇଚ୍ଛାହିଁ କାର୍ଯ୍ୟରେ ପରିଣତ ହେଉଥିଲା । ଆଜିର ସମାଜରେ ଏବେ ଆଉ ସେ କାଳର ଚରିତ୍ରବାନ ଯୋଗୀ ନାହାଁନ୍ତି କେବଳ ଭୋଗୀ ମାନଙ୍କର ସମାହାର । ବରଂ ଯୋଗୀ ବେଶଧାରୀ ଭୋଗୀଙ୍କ ସଂଖ୍ୟା ଅଧିକ ।

ଆମ ଦେଶ ତଥା ରାଜ୍ୟରେ ଦୁର୍ଜନ, ବଳଶାଳୀ, କ୍ଷମତା ପିପାସୁ ସ୍ୱାର୍ଥାନ୍ଧ ଲୋକଙ୍କର ମେଳା । ସେହିମାନେହିଁ ବିଷାକ୍ତ ବୃତ୍ତ ତିଆରି କରି ସମାଜକୁ କବଳିତ କରିଛନ୍ତି । ଧର୍ମାନ୍ଧତା, କୁସଂସ୍କାର, ଆଂଚଳିକତା, ଦଳୀୟ ସ୍ୱାର୍ଥ, ଦୁର୍ନୀତି ଏଭଳି କଳୁଷିତ ପରିବେଶ ତିଆରି କରିଛି ଯେ ତାରି ଭିତରେ ଅପାଠୁଆ ସରଳ ବିଶ୍ୱାସୀ ମଣିଷ ମାନେ ବିଭ୍ରାନ୍ତ ହୋଇ ଯାଉଛନ୍ତି । କୁସଂସ୍କାର ତଥା ଅନୀତିକୁ ଫିଙ୍ଗିପାରୁ ନାହାଁନ୍ତି ବରଂ ଭିନ୍ନ ଭାବରେ ପରିପୃଷ୍ଟ କରୁଛନ୍ତି । ଦିନକୁ ଦିନ ଯଦିଓ ବିଜ୍ଞାନର ଅଭୁତ ପୂର୍ବ ଅଗ୍ରଗତି ଘଟୁଛି, ବୈଜ୍ଞାନିକ ଚେତନା ପରିପୃଷ୍ଟ ହେଉଛି, ଉନ୍ନୟନଶୀଳ ରାଷ୍ଟ୍ରରେ ମାନବାଧିକାର ଉପରେ ଗବେଷଣା ଚାଲିଛି ଅନେକ ପୁସ୍ତକ ଲେଖା ହେଉଛି ମାତ୍ର ସାଧାରଣ ଲୋକ ‘ଯେଉଁ ତିମିରେ କୁ ସେଇ ତିମିରେ’ । ଉଦ୍ୟମ ନାହିଁ କହିଲେ ହେବନି ମାତ୍ର ଉଦ୍ୟମ କେବଳ ସ୍ୱାର୍ଥନ୍ୱେଷୀ ମଣିଷଙ୍କ ପାଇଁ । ବଳିଷ୍ଠ ନେତୃତ୍ୱ, ସଜ୍ଜନ ସଂଗଠନର ଅଭାବ । ଯେ କୌଣସି ନିଆଁକୁ ଆଲୋକର ଆଖ୍ୟାଦେଇ କେତେକାଳ ଲୋକମାନଙ୍କୁ ଭଣ୍ଡେଇ ରଖାଯାଇପାରେ ନିଆଁକୁ ଅଂଟିରେ ରଖିଲେ ଅଂଟି ପୋଡିଯାଏ । ପଚି ଯାଇଥିବା କ୍ଷେତକୁ ଯେତେ ଘୋଡାଇ ରଖିଲେ ମଧ୍ୟ ତାର ଦୂର୍ଗନ୍ଧ ଦିଗନ୍ତ ବିସ୍ତାରି ଖେଳିଯାଇ ପରିବେଶ ପ୍ରଦୁଷିତ କରିଥାଏ । ଏବେ ରାଜନୈତିକ, ସାଂସ୍କୃତିକ, ଆର୍ଥିକ, ପାରିବାରିକ, ସାମାଜିକ ପ୍ରାକୃତିକ ସର୍ବୋପରି ନୈତିକ ପରିବେଶ ଯେଭଳି ଭାବରେ ପ୍ରଦୂଷିତ ଏହା ଯଦିଓ କାହାକୁ ଅଛପା ନାହିଁ ତଥାପି ସମସ୍ତେ ଛଳନାର ନାଟକ ଖେଳୁଛନ୍ତି । ବିଶେଷତ ଏହି ଗରିବ ବିକାଶଶୀଳ ରାଷ୍ଟ୍ରର ପ୍ରଦୂଷିତ ପରିବେଷ କୁ ବିଭିନ୍ନ ମାର୍ଗରେ ଆହୁରୀ ସଂପ୍ରସାରିତ କରାଯାଉଛି । ନିର୍ଭୀକ, ନିରପେକ୍ଷ ମଣିଷ ସମାଜରେ ଅଛନ୍ତି କିନ୍ତୁ ସେମାନେ ମୁକପ୍ରାୟ । ଆମ ସମ୍ବାଦ ପତ୍ର ୪ର୍ଥ ସ୍ତମ୍ଭର ମାନ୍ୟତା ପାଇ ସୁଦ୍ଧା ସାମ୍ବାଦିକ ମାନେ ଆଜି ମାଲିକ ର ହାତବାରସି ସାଜିବାକୁ ବାଧ ହେଉଛନ୍ତି କାରଣ ଯେଉଁ ସମ୍ବାଦ ସଂସ୍ଥାରେ ସେମାନେ କାମ କରନ୍ତି ସେ ସଂସ୍ଥାର ମାଲିକ ମାନଙ୍କର ନେତା ତଥା ସରକାରଙ୍କ ସହିତ ମଧୁ ଚନ୍ଦ୍ରିକା । ଯାହାର ରାଶି ରାଶି ନମୁନା ଦେଖିବାକୁ ମିଳୁଛି । ଆଜି କର୍ତ୍ତବ୍ୟରତ ସମ୍ବାଦିକ ଙ୍କ ଉପରେ ବାରମ୍ବାର ଆକ୍ରମଣ ସତ୍ୱେ ମାଲିକ ମାନଙ୍କର ନିରବତା ରହିବା । ଶ୍ରେଣୀସ୍ୱାର୍ଥ ଦୃଷ୍ଟିରୁ ଏକ ନିର୍ଦ୍ଧିଷ୍ଟ ପ୍ରୟୋଜନ ପାଇଁ କାଗଜ ବାଘ ତିଆରି ହୁଅନ୍ତି । ସେହି ସ୍ୱାର୍ଥନ୍ୱେଷୀ ଲୋକଙ୍କର କାର୍ଯ୍ୟହାସଲ ହେବାପରେ ସେହିବାଘକୁ ଡଷ୍ଟବିନ କୁ ଫୋପଡା ଯାଏ । ଏହି ଭଳି ଅନେକ ଉଦାହରଣ ଇତିହାସରୁ ଶିକ୍ଷା ମିଳେ । ବର୍ତ୍ତମାନ ରାଜନୀତି ପ୍ରେକ୍ଷାଳୟରେ ଜନସାଧାରଣଙ୍କ ଚନ୍ତା ଅପେକ୍ଷା ଶାସନାରୁଢ ନେତାମାନେ ବିରୋଧିଙ୍କ ଅତିତ କୁ ପୋଷ୍ଟମର୍ଟମ କରିବା ପାଇଁ ବ୍ୟଗ୍ର, ଯାହାର ଆଲୋଚନା ଓ ତର୍ଜମା କିଛି ମାନେ ରଖେନି । ମାତ୍ର ଅତିତରେ ଘଟିଥିବା କିଛି ସଫଳତାକୁ କହିବାକୁ ଭୂଲିଯାଇଥାନ୍ତି । କେବଳ ନିଜର ଶାସନକାଳର ଗୁଣାବଳୀ ଯାହା ଜନତାଙ୍କୁ ସୁହାଉ ବା ନସୁହାଉ ତାକୁ କହି ଚାଲିଥାନ୍ତି । ଏବଂ ମିଥ୍ୟା ପ୍ରତିଶୃତିର ଉତୁଙ୍ଗ ପାହାଡ ଗଦା କରିଥାନ୍ତି । ଯାହା କୁହନ୍ତି ତାର କାଣିଚାଏ ମଧ୍ୟ ପୁରଣ କରିନଥାନ୍ତି । ବର୍ତ୍ତମାନ ସମୟର ଆହ୍ୱାନ ହେଉଛି ପ୍ରକୃତ ସ୍ୱାଧୀନଚେତା ଦେଶପ୍ରେମୀ , ନିର୍ଭୀକ, ନିରପେକ୍ଷ ବୁଦ୍ଧିଜୀବୀମାନେ ଏହି ପ୍ରକାର ପରିବେଶକୁ ପ୍ରଦୂଷଣ ମୁକ୍ତ କରିବାପାଇଁ ଅଂଟାଭିଡି ଆଗେଇ ଆସନ୍ତୁ । ନୀରବ ଦର୍ଶକ ହୋଇ ରହିବା ଅକ୍ଷମଣୀୟ ଅପରାଧ । ବିଧିବଦ୍ଧ ଯୋଜନା କରନ୍ତୁ, ଯେଭଳି ଏହି ବିଷବୃତ୍ତର ଘେର ଭଙ୍ଗା ହୋଇପାରିବ । ସାଧୁ ଲୋକଙ୍କର ସଂଗଠନ ଓ ସୁଚିନ୍ତିତ ଚିନ୍ତାଧାରା ଏ ସମାଜକୁ ବଦଳାଇ ଦେବ । ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟର ନେତୃତ୍ୱ ବୃନ୍ଦ ପରସ୍ପରକୁ କାଦୁଆ ଫିଙ୍ଗା ରାଜନୀତି ପରିହାର କରିବା ସହ ବାକ୍ ବିତଣ୍ଡା ନକରି ଦଳମତ ନିର୍ବିଶେଷରେ ସାଧାରଣ ଜନତାଙ୍କ ମଙ୍ଗଳ ଚିନ୍ତା କରିବା ସହ ଜନପ୍ରତିନିଧି ମାନେ ଆପଣାର ସ୍ୱାର୍ଥ ଯାହା ( ବ୍ୟକ୍ତିଗତ ବା ଦଳୀୟ ) ହେଉ କୁ ଅତିମାତ୍ରାରେ ଗୁରୁତ୍ୱ ନଦେବା ଦରକାର କାରଣ ଏହାହିଁ ନୈତିକ ଅବକ୍ଷୟର କାରଣ । ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ମାନଙ୍କ ଏଭଳି ଆଚରଣ ଯୋଗୁ ‘ କାହାକୁ କହିବା ! କପାଳରେ ସିନା ହାତ ମାରିବା’ ହିଁ ସାର ହୋଇଛି ।

# ଅପସଂସ୍କୃତିର ମାୟାଜାଲ

**ହିଂମାଂଶୁ ଶେଖର ଆଚାର୍ଯ୍ୟ**

ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ’ - ପିଲାଙ୍କ ପଢାବହିରେ ଥିବା ଏହି ଉକ୍ତିଟି ଆଜି ଶିଶୁମାନସରୁ ଲିଭିଯିବାକୁ ବସିଲାଣି । କାଉ ଆମ ସଂସ୍କୃତି ଓ ଚଳଣୀର ଅଂଶ ହୋଇ ଆସିଛି କାହିଁ କେଉଁ କାଳରୁ । କୌଣସି ଶୁଭାଶୁଭ ମନାସିଲେ ପ୍ରଥମେ କାଉକୁ ଆଧାର ଦିଆଯିବାର ପରମ୍ପରା ରହିଛି । କେବଳ ସେତିକି ନୁହେଁ, ଆକାଶରେ ଜହ୍ନକୁ ଦେଖି ଶିଶୁ ପ୍ରାଣ ଆଉ ପୁଲକିତ ହେଉନାହିଁ । ‘ଆ ଜହ୍ନମାମୁଁ ସରଗ ଶଶୀ - ମୋ କାହ୍ନୁ କୋଳରେ ପଡରେ ଖସି’ର ପ୍ରାଣମୟ ଆବେଦନ ହଜିଗଲାଣି ଟି.ଭି.ର କାର୍ଟୁନ୍ ଶୋ’ରେ । ବାଃ ବାଃ ବ୍ଲାକ୍‌ସିପ୍, ଟୁଇଁକିଲ୍ ଟୁଇଁକିଲ୍ ଲିଟିଲ ଷ୍ଟାର ଭିତରେ ଲୁଚି ଯାଉଛି ତା’ର କଳ୍ପନା । ସତୁରୀ ପ୍ରତିଶତ, ଅଶୀ ପ୍ରତିଶତ,ନବେ ପ୍ରତିଶତ ଅଙ୍କକଷା ଭିତରେ ସଙ୍କୁଚିତ ହୋଇଯାଇଛି ତା’ର ପ୍ରାଣର ବିସ୍ତାର । ‘ଶଙ୍ଖଚିଲ ଭାଇ ନମସ୍କାର’, ‘ଜହ୍ନିଫୁଲ ଠୋ ଠା - କାକୁଡି ଫୁଲ ଠୋ ଠା’ କହି ତାଳିମାରି ନାଚିପାରୁନି ସେ ।

ଯୁବକଟି ଆଖିରୁ ହଜି ଗଲାଣି ସ୍ୱପ୍ନ । ଅର୍ଥରୂପୀ ସୁନାର ହରିଣୀ ପଛରେ ଧାଇଁ ଧାଇଁ ଦିଗହରା ହୋଇଛି ତା’ର ଇପ୍‌ସିତ ଲକ୍ଷ୍ୟ । ବିଦ୍ୟା ତା’ ପାଇଁ କେବଳ ଅର୍ଥକରୀ - ସେ ବିଦ୍ୟାରେ ନାହିଁ ପରକୁ ଆପଣାର କରି ଗଢିତୋଳିବା - ଅନ୍ୟ ପାଇଁ ଲୁହ ଢାଳିବା - ସେଥିରେ ଅଛି ଆଭିଜାତ୍ୟର ମୋହ, ଲୋଭନୀୟ ପଦବୀର ଆସକ୍ତି, ମୋଟା ଅଙ୍କ ଦରମାର ଝୁଙ୍କ, ଆଧୁନିକ ଷ୍ଟାଟସ୍‌ର ଅହମିକା; ଆଉ ତାରି ଭିତରେ ମୂଲଚାଲ ହେଉଛି ତା’ର ଜୀବନ, ଯୌବନ ଆଉ ସ୍ୱପ୍ନ । ଏକଦା ଆମ ସଂସ୍କୃତିର ଧାରା ଥିଲା ‘ବସୁଧୈବ କୁଟୁମ୍ବକମ୍’ - ‘ସର୍ବେ ଭବନ୍ତୁ ସୁଖୀନଃ’ - ‘ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ’ । ଏସବୁ ଆଜି ଆଇ ମା’ କାହାଣୀ ପରି ଲାଗୁଛି । ଆଧୁନିକତାର ଚାକଚକ୍ୟ ମଧ୍ୟରେ ସେ ସବୁ ବିବର୍ଜିତ ହୋଇ ପଡିରହିଛି ।

ସଭ୍ୟତାର ପ୍ରସାର ସହିତ ମଣିଷ କ୍ରମଶଃ ଦୂରେଇ ଯାଉଛି ନିଜ ସଂସ୍କୃତି ଠାରୁ । ଉପଭୋକ୍ତାବାଦ ମଣିଷକୁ ଆଉ ମଣିଷ ଅବସ୍ଥାରେ ରହିବାକୁ ଦେଉନାହିଁ । ଧନ ବଳରେ ନଷ୍ଟ ହୋଇଯାଉଛି ମୂଲ୍ୟବୋଧ । ଏହି ମୂଲ୍ୟବୋଧର ଅବକ୍ଷୟ ଅପସଂସ୍କୃତିକୁ ଡାକି ଆଣୁଛି ହାତଠାରି । ଫଳ ସ୍ୱରୂପ ଆମ ସାଂସ୍କୃତିକ ଜୀବନ ହୋଇଉଠିଛି ବିକଳାଙ୍ଗ । ଆଜି ଭାଗବତ ଘର ଡିଅରେ ମୁଣ୍ଡ ଟେକିଛି ଯୁବକ ସଂଘ, ମହିଳା ସମିତି । ଚାଟଶାଳୀ ଜାଗାରେ ଠିଆ ହୋଇଛି ଅଙ୍ଗନବାଡି, ବାପା ଏବେ ଡାଡି, ବୋଉ ମମି, ଆଉ ମାଉସୀ, ଖୁଡି, ମାଇଁ ଏମାନେ ସମସ୍ତେ ଆଣ୍ଟିରେ ଗଣା । ସେମିତି ଦାଦା, ମଉସା, ମାମୁଁ ଏମାନେ ସମସ୍ତେ ଅଙ୍କଲ । ନମସ୍କାର ଆଉ ପ୍ରଣାମ ବଦଳରେ ଟା,ଟା ବାଏବାଏ । ଏତ ଗଲା ଆମ ନିତିଦିନିଆ କଥା । ବାହାଘର, ବ୍ରତଘର ଓ ପୂଜା ପାର୍ବଣ କଥା ନ କହିଲେ ଭଲ । ବାହାଘରମାନଙ୍କରେ ବରଯାତ୍ରୀ ମେଳରେ ଚାଲିଛି ଉଦଣ୍ଡ ନୃତ୍ୟ । ମାଣବସା ଗୁରୁବାରରେ ଲକ୍ଷ୍ମୀ ପୁରାଣ କ୍ୟାସେଟ୍‌ରେ କାମ ଚଳିଯାଉଛି । ଏପରିକି ଅଷ୍ଟପ୍ରହରୀମାନଙ୍କରେ ବିଭିନ୍ନ ସିନେମା ଗୀତର ଧୂନ୍‌କୁ ଅନୁକରଣ କରାଯାଇ ନାମ ସଂକୀର୍ତ୍ତନ ଚାଲିଛି ।ଏବେ ଆମ ସଂସ୍କୃତିକୁ ଗତ କିଛି ବର୍ଷ ହେଲା ଧସେଇ ପସିଛି କାଉଡିଆ ସଂସ୍କୃତି । କାହିଁ କେଉଁ କାଳରୁ ଶିବ ଉପାସନା ଆମ ସ୍ମୃତିରେ ପ୍ରଚଳିତ ଥିଲେହେଁ ଏବେ ତାହାକୁ ଆଧାର କରି କାଉଡିଆ ମାନଙ୍କର ଭିଡ କାହିଁରେ କ’ଣ । ଯେଉଁଠି ଦେଖିବ ରାସ୍ତାରେ କାଉଡି ଧରି ଆବାଳ ବୃଦ୍ଧବନିତା ଚାଲିଛନ୍ତି ଶୈବ ପିଠକୁ । ଏଠାରେ ଭକ୍ତି ଅପେକ୍ଷା ମସ୍ତି ବେଶି ।

ନାଚ, ଗୀତ କଥା ଆହୁରି ତଦ୍ରୁପ । ଆମ ଓଡ଼ିଶୀ ନାଚ ଆମକୁ ଭଲ ଲାଗୁନି । ରେକର୍ଡ ଡ୍ୟାନ୍ସର ଯୁଗ ଏବେ । ବିଭିନ୍ନ ମଞ୍ଚ, ସାଂସ୍କୃତିକ ଅନୁଷ୍ଠାନ ଠାରୁ ଆରମ୍ଭ କରି ଗଣନାଟ୍ୟ ପର୍ଯ୍ୟନ୍ତ ସବୁଠି ଏହାର ଛାପ । ଏପରିକି ଟିଭି ଚ୍ୟାନେଲରେ ଜାତୀୟ ସ୍ତରଠାରୁ ଆରମ୍ଭ କରି ଆମ ଓଡିଆ ଟି.ଭି.ଚ୍ୟାନେଲ ପର୍ଯ୍ୟନ୍ତ ସବୁଠି କାୟା ବିସ୍ତାର କରିଚାଲିଛି ଏହି ଡ୍ୟାନ୍ସ ଧମାକା । ଏ ସବୁ ଦେଖିବାକୁ ଉତ୍କଣ୍ଠିତ ଆମ ଯୁବ ସମାଜ । ଅଭିଭାବକମାନେ ବି ଏହି ମାନିଆରୁ ମୁକ୍ତ ନୁହଁନ୍ତି । ଗୀତ ତ ଏଠି ପଣ୍ୟ ଦ୍ରବ୍ୟ । ବେପାରୀ ଚିନ୍ତାଚେତନା ନେଇ ଏଠି ପ୍ରସ୍ତୁତ ହେଉଛି ଭଜନ, ଜଣାଣ ଓ ଆଧୁନିକ ଗୀତର କ୍ୟାସେଟ୍ । ଦ୍ୱିଅର୍ଥବୋଧକ ଶବ୍ଦ ସଂଯୋଜନା ଓ ଚାଲୁ ସ୍ୱର ଏଠି ହୋଇଛି ଭଲ ସଙ୍ଗୀତର ମାପକାଠି ।

ଖାଲି ସେତିକି ନୁହେଁ, ଟି.ଭି. ଚ୍ୟାନେଲ୍‌ରେ ରିୟଲିଟି ଶୋ’ର ଚାହିଦା ମଧ୍ୟ କାହିଁରେ କ’ଣ । ଏହି ରୁଚି ଭିତରେ ଆମର ମହାନ୍ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଅଣନିଶ୍ୱାସୀ ହୋଇପଡୁଛି । ଅର୍ଥ ଲୋଭରେ ଓ ରାତାରାତି ଚର୍ଚ୍ଚାର ପରିସରକୁ ଆସିବା ପାଇଁ ପ୍ରତିଯୋଗୀମାନେ ଏଥିରେ ଅଂଶ ଗ୍ରହଣ କରିବାକୁ ବ୍ୟଗ୍ର ହୋଇଉଠୁଛନ୍ତି । ଏଠି ମନେପଡେ ଏକ ଉକ୍ତି - “ଚନ୍ଦ୍ରର ପଛ ଭାଗ ଭଳି ପ୍ରତି ମଣିଷର ଏକ ଅନ୍ଧାରିଆ ଦିଗ ଅଛି, ଯାହା ସେ ନିଜେ ଦେଖିବାକୁ ଚାହେଁନି” । ତାହା ହିଁ ସତ ।ଏବେ ପୁଣି ଭିନ୍ନ ଏକ ଅନୁକରଣ ପ୍ରକ୍ରିୟା ଆରମ୍ଭ ହୋଇଆସୁଥିଲା । ତାହା ହେଉଛି ରୁମାଲ ବନ୍ଧା ସଂସ୍କୃତି । ଦୁଇ ଚକିଆ ଯାନରେ ଗଲାବେଳେ ଝିଅମାନେ ମୁହଁରେ ଆଖି ତଳକୁ ରୁମାଲ ବାନ୍ଧି ଯିବାର ଦେଖିବାକୁ ମିଳୁଥିଲା । କେବଳ ସହର ମାନଙ୍କରେ ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଏ ସବୁ ଦୃଶ୍ୟ ନଜରକୁ ଆସୁଥିଲା । ଧୂଳି ସଂକ୍ରମଣ ପାଇଁ ହେଉ ବା ଅନ୍ୟମାନଙ୍କ କୁନଜରରୁ ରକ୍ଷା ପାଇବା ପାଇଁ ହେଉ ବା ନିଜର ଆତ୍ମୀୟ ସ୍ୱଜନ ମାନଙ୍କର ଦୃଷ୍ଟିକୁ ଏଡାଇବା ପାଇଁ ହେଉ ଏଭଳି ଘଟଣା ଦେଖିବାକୁ ମିଳୁଥିଲା । କିନ୍ତୁ ମହାମାରୀ କରୋନା ଏସବୁ ଓଲଟ ପାଲଟ କରିଦେଇଛି । ଏହି ରୋଗର ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଏବେ ସାରା ବିଶ୍ୱରେ ସମସ୍ତଙ୍କ ମୁହଁରେ ମାସ୍କ, ରୁମାଲ , ଗାମୁଛା ବାନ୍ଧିବାର ଦୃଶ୍ୟ । ଏବେ ସବୁ ଚିହ୍ନା ମୁହଁ ଅଚିହ୍ନା ପରି ଲାଗୁଛି । ପରିସ୍ଥିତି ବାଧ୍ୟ କରୁଛି ଏଭଳି ସଂସ୍କୃତିକୁ ଆପଣେଇବା ପାଇଁ । ପରିବର୍ତ୍ତନର ସ୍ରୋତରେ ଆମ ସଂସ୍କୃତିରେ ମଧ୍ୟ ପରିବର୍ତ୍ତନ ଆସିଛି । ଏହା କେତେଦିନ ରହିବ ତାହା ସମୟ କହିବ !

ପୂଜ୍ୟପୂଜା ଆଉ ନାହିଁ । ଅପୂଜ୍ୟକୁ ପୂଜା କରିବା ‘ବିଧି’ରେ ପରିଣତ ହୋଇଛି । ଅନେକ ପୂଜ୍ୟ ବରପୁତ୍ର ଆଜି ଅବହେଳିତ । କେଉଁଠି ସେମାନେ ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛନ୍ତି ତ ଆଉକେଉଁଠି ସେମାନଙ୍କର ପ୍ରତିମୂର୍ତ୍ତି ଭଙ୍ଗାଯାଉଛି । ସେହି ବରପୁତ୍ର ମାନେ ସିନା ଆଜି ନାହାଁନ୍ତି.ହେଲେ ପ୍ରତିମୂର୍ତ୍ତି ଗୁଡିକୁ ସୁରକ୍ଷା ଦେବା ସହ ସେମାନଙ୍କ ସ୍ମୃତିକୁ ସାଉଁଟି ରଖିବାର ସମୟ ଆସିଛି । କେବଳ ଜୟନ୍ତୀ ଓ ଶ୍ରାଦ୍ଧପାଳନରେ ସୀମିତ ରହିଛନ୍ତି ଅନେକ ଯୋଗଜନ୍ମା ବରପୁତ୍ର । ବାସ୍ତବରେ ଏଥିପ୍ରତି କାହାରି ନିଘା ନାହିଁ । ସେହିପରି ଉପାଧିକୁ ନେଇ ଅନେକ ବିତର୍କ ମୁଣ୍ଡ ଟେକିବାରେ ଲାଗିଛି । ରାଜ୍ୟ ସ୍ତରରେ ସାହିତ୍ୟ ଏକାଡେମୀ ଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ପଦ୍ମଶ୍ରୀ,ପଦ୍ମଭୂଷଣ,ଜ୍ଞାନପୀଠ ଏପରିକି ସର୍ବୋଚ୍ଚ ଉପାଧି ଭାରତ ରତ୍ନ ପର୍ଯ୍ୟନ୍ତ ସବୁଠି ଏକା କଥା । ଏପରିକି କେତେକ କ୍ଷେତ୍ରରେ ଏହାକୁ ନେଇ ଘଟଣା କୋର୍ଟ ପରିସରକୁ ଯାଉଛି । ଫଳରେ ଉପାଧିର ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି ।

ସେଦିନ ମାଣିକ ଗଉଡୁଣୀ କଳାଧଳା ଘୋଡାରେ ଯାଉଥିବା ଦୁଇଜଣ ଦିବ୍ୟ ପୁରୁଷଙ୍କୁ ଦହି ପୋଷେ ପୋଷେ ଦେଇ ସେମାନଙ୍କ ତୃଷ୍ଣା ମେଣ୍ଟାଇଥିଲା । କାରଣ ସେଥିରେ ଥିଲା ଆମ ସଂସ୍କୃତିରେ ସ୍ନେହ ଓ ଆତିଥ୍ୟର ଉଦାରଭାବ, ‘ଅତିଥି ଦେବୋଭବ’ର ପରମ୍ପରା । ଏକଥା ସିନା ମାଣିକ ଗଉଡୁଣୀ ବୁଝିଥିଲା, କିନ୍ତୁ ନିଜର ପଦପଦବୀ ଓ ସ୍ୱୀକୃତିକୁ ନେଇ ଡିଣ୍ଡିମ ପିଟୁଥିବା ଏବର ବିଜ୍ଞ ମଣିଷମାନେ ଏକଥା ବୁଝୁନାହାଁନ୍ତି । ଏହାହିଁ ବିଡମ୍ବନା !

# ବିନା ମାଟିରେ ଫଳୁଛି ଆଳୁ

ଭାରତ ଏକ କୃଷି ପ୍ରଧାନ ଦେଶ। ଏଠାରେ ମୋଟ ଜନସଂଖ୍ୟାର ପ୍ରାୟ ୭୦ ଭାଗ ଲୋକ ରୋଜଗାର ପାଇଁ ଚାଷ ଉପରେ ନିର୍ଭର କରନ୍ତି। ଚାଷ ପାଇଁ ମୁଖ୍ୟତ ଆବଶ୍ୟକ ହୁଏ ଚାଷ ଜମି। ଜମିରେ ଖଟି ଦ୍ୱାରା ସୁନାର ଫସଲ ଫଳାଏ ଚାଷୀ। କିନ୍ତୁ ଜମି ବିନା ମଧ ଚାଷ କାର୍ଯ୍ୟ ସମ୍ଭବ ହୋଇପାରୁଛି। ମାଟି ବିନା ଫଳିଛି ଆଳୁ। ହରିୟାଣାର ଚାଷୀ ଏଭଳି କିଛି ସମ୍ଭବ କରି ଦେଖାଇଛନ୍ତି। କର୍ଣ୍ଣଲ ଜିଲ୍ଲାର ସେଣ୍ଟର ଅଫ୍ ଟେକ୍ନୋଲୋଜିର ବୈଜ୍ଞାନିକମାନେ ହାସଲ କରିଛନ୍ତି ଏହି ସଫଳତା। ବିନା ଜମିରେ ଫସଲ। ଏରୋପୋନିକ୍ ଟେକ୍ନୋଲୋଜି ବ୍ୟବହାର କରି ବାୟୁରେ ଆଳୁ ବଢିବାର ଏକ ନୂତନ ଉପାୟ ପ୍ରସ୍ତୁତ କରିଛନ୍ତି ସେମାନେ। ଏହା ପରେ କୃଷି ବିଭାଗ ଅନ୍ୟ ରାଜ୍ୟର କୃଷକ ଏବଂ ଉଦ୍ୟାନ ବିଭାଗକୁ ଏହି କୌଶଳ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଛି। କର୍ଣ୍ଣଲ ଜିଲ୍ଲାରେ ନିର୍ମିତ ଏହି କୃଷି କେନ୍ଦ୍ରର ବିଶେଷଜ୍ଞମାନେ ଦାବି କରିଛନ୍ତି ଯେ, ଏହି ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ଲୋକେ କୌଣସି ବଡ଼ କ୍ଷେତ ଏବଂ ଜମି ବ୍ୟବହାର ନକରି ମଧ ଭଲ ଆଳୁ ଉତ୍ପାଦନ କରିପାରିବେ। ଏହି ଟେକ୍ନୋଲୋଜି ଆଳୁ ଚାଷ ପାଇଁ ଜମି ଏବଂ ମାଟିର ଦରକାର ପଡିବ ନାହିଁ। ପଟାଟୋ ଟେକ୍ନୋଲୋଜି କେନ୍ଦ୍ର ଅନୁଯାୟୀ, ଏପରି କରିବା ଦ୍ୱାରା କେବଳ ଦିନକୁ ଦିନ ହ୍ରାସ ପାଉଥିବା ଚାଷ ଜମିର ଅଭାବ ପୂରଣ ହେବ। ଆଉ ଅମଳ ମଧେ ୧୦ ଗୁଣ ବୃଦ୍ଧି ପାଇବ। ଫଳରେ କୃଷକମାନେ କମ୍ ମୂଲ୍ୟରେ ଅଧିକ ଆଳୁ ଫସଲ ଉତ୍ପାଦନ କରି ଏବେ ପାଇବେ ଢେର ଲାଭ। ଟେକ୍ନୋଲୋଜି ଅଫ୍ ସେଣ୍ଟରର କୃଷି ବିଶେଷଜ୍ଞ ଅନିଲ ଥାଡାନି ଏକ ସାକ୍ଷାତକାରରେ କହିଛନ୍ତି ଯେ, ଏରୋପୋନିକ୍ ଆଳୁ ଚାଷରେ ଚେରରୁ ଝୁଲୁଥିବା ଅବସ୍ଥାରେ ଆଳୁ ସଂଗ୍ରହ ହୋଇଥାଏ।

ସମ୍ପ୍ରତି, କୃଷି ଜଗତରେ ୨ଟି ଟେକ୍ନୋଲୋଜି ସାମିଲ୍ କରାଯାଇଛି। ପ୍ରଥମଟି ହେଉଛି ହାଇଡ୍ରୋପୋନିକ୍ ଏବଂ ଦ୍ୱିତୀୟଟି ହେଉଛି ଏରୋପୋନିକ୍ ଚାଷ। ହାଇଡ୍ରୋପୋନିକ୍ ଟେକ୍ନୋଲୋଜିରେ ଯେଉଁଠାରେ ଗଛଗୁଡିକ ପୁରା ସମୟ ପାଣିରେ ରଖାଯାଏ। ଏରୋପାନିକ୍ ଫାର୍ମିଙ୍ଗ୍ ଟେକ୍ନୋଲୋଜି ପ୍ରଣାଳୀରେ ଜଳକୁ ସ୍ପ୍ରେ କରି ଉଦ୍ଭିଦକୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସମ୍ଭବ ହୋଇଥାଏ। ସତରେ ବିନା ନମାଟିରେ ଆଳୁ, ପ୍ରଯୁକ୍ତିଜ୍ଞାନର ଏକ ବଡ ସଫଳତା। ଏହା ଆବଶ୍ୟକତା ପୂରଣ କରିବା ଆଉ ଏବେ ଅଧିକ ଲାଭ।



# ଆକାଶରେ ଦେଖାଯିବ ଗୋଲାପି ଚନ୍ଦ୍ର



ଆସନ୍ତା ଶନିବାର ଅର୍ଥାତ ୧୬ ତାରିଖ ଆକାଶରେ ଦେଖାଯିବ ଏପ୍ରିଲର ପୂର୍ଣ୍ଣ ଚନ୍ଦ୍ର ବା ଗୋଲାପି ଚନ୍ଦ୍ର। ସାଧାରଣତଃ ପ୍ରାରମ୍ଭିକ ବସନ୍ତରେ ଫୁଟୁଥିବା ଏକ ପ୍ରକାର ଗୋଲାପି ଫୁଲର ନାମ ଅନୁସାରେ ଏପ୍ରିଲର ପୂର୍ଣ୍ଣ ଚନ୍ଦ୍ରକୁ ଗୋଲାପି ଚନ୍ଦ୍ର ନାମରେ ନାମିତ କରାଯାଇଛି। ନାସା ଅନୁସାରେ, ଏହି ଗୋଲାପି ଚନ୍ଦ୍ର ପୂର୍ବାଞ୍ଚଳ ଦିବାଲୋକ ସମୟ ୨ଟା ୫୫ରେ ମାତ୍ର ମୁହୂର୍ତ୍ତକ ପାଇଁ ପୂର୍ଣ୍ଣ ସ୍ୱରୂପରେ ଦେଖାଯିବ। କିନ୍ତୁ ମୋଟ୍ ୩ ଦିନ ଅର୍ଥାତ୍ ଆସନ୍ତା ଶୁକ୍ରବାର ସକାଳୁ ସୋମବାର ସକାଳ ପର୍ଯ୍ୟନ୍ତ ଏହା ପୂର୍ଣ୍ଣ ସ୍ୱରୂପରେ ଦେଖାଯିବ। ଅନ୍ୟ ଶବ୍ଦରେ କହିଲେ, ଏହା ଏକ ପୂର୍ଣ୍ଣ ଚନ୍ଦ୍ର ସପ୍ତାହାନ୍ତ ହେବ ବୋଲି ୱାଶିଂଟନ୍ ଡି.ସି. ସ୍ଥିତ ନାସା ମୁଖ୍ୟାଳୟର ସାଇନ୍ସ ମିସନ୍ ଡାଇରେକ୍ଟୋରେଟ୍ର ପ୍ରୋଗ୍ରାମ୍ ଏକ୍ଜିକ୍ୟୁଟିଭ୍ ଗୋର୍ଡନ୍ ଜନ୍ଷ୍ଟନ୍ କହିଛନ୍ତି । ସୂର୍ଯ୍ୟ, ପୃଥିବୀ ଓ ଚନ୍ଦ୍ର ଯେତେବେଳେ ୧୮୦ ଡିଗ୍ରୀ ରେଖାରେ ଅବସ୍ଥାନ କରନ୍ତି, ଏହି ସ୍ଥିତିରେ ପୂର୍ଣ୍ଣ ଚନ୍ଦ୍ର ଦୃଶ୍ୟମାନ ହୋଇଥାଏ। ଚନ୍ଦ୍ରର କକ୍ଷ ପୃଥିବୀର କକ୍ଷ ଅପେକ୍ଷା ପ୍ରାୟ ୫ ଡିଗ୍ରୀ ଭିନ୍ନ। ତେଣୁ ଏହା ସାଧାରଣତଃ ପୃଥିବୀର ଛାଇ ଅପେକ୍ଷା ଟିକିଏ ଉଚ୍ଚ କିମ୍ବା ନିମ୍ନରେ ଥାଏ। ଫଳରେ ସୂର୍ଯ୍ୟ ରଶ୍ମି ଏହାର ନିକଟସ୍ଥ ପାଶ୍ୱର୍ ବା ପୃଥିବୀକୁ ମୁହାଁଇଥିବା ପାର୍ଶ୍ୱ ଉପରେ ପଡ଼ିପାରେ। ବେଳେବେଳେ ପୂର୍ଣ୍ଣ ଚନ୍ଦ୍ର ବା ପୂର୍ଣ୍ଣିମା ସମୟରେ ପୃଥିବୀର ପୂରା ଛାଇ ବା ଆଂଶିକ ଛାଇ ଚନ୍ଦ୍ର ଉପରେ ପଡ଼େ, ଯାହାକୁ ଚନ୍ଦ୍ର ଗ୍ରହଣ କୁହାଯାଏ। ଆଗାମୀ ଚନ୍ଦ୍ରଗ୍ରହଣ ଆସନ୍ତା ମାସ ୧୫-୧୬ ତାରିଖରେ ହେବାକୁ ଯାଉଛି। ଯେତେବେଳେ ସମୁଦାୟ ଚନ୍ଦ୍ର ଗ୍ରହଣ ଚନ୍ଦ୍ରକୁ ଲାଲ୍ ରଙ୍ଗ କରିଦିଏ, ତାକୁ 'ବ୍ଲଡ୍ ମୁନ୍' କୁହାଯାଏ। ସେତେବେଳେ ଧଳା ଚନ୍ଦ୍ର ଲାଲ୍ ରଙ୍ଗ ପାଲଟିଯାଏ, କାରଣ ସୂର୍ଯ୍ୟର କିଛି ଆଲୋକ ପୃଥିବୀ ଚତୁପାଶ୍ୱର୍ରେ ପଡ଼ିଥାଏ। ଏଠାରେ ଆମ ବାୟୁମଣ୍ଡଳ ନୀଳ ଓ ବାଇଗଣି ଭଳି ଛୋଟ ୱେଭ୍ଲେନ୍ଥକୁ ଛାଣିଥାଏ କିନ୍ତୁ ଲାଲ୍ ଓ ନାରଙ୍ଗୀ ୱେଭ୍ଲେନ୍ଥକୁ ଛାଡ଼ିଦିଏ। ଅର୍ଥାତ ଏହି ରଙ୍ଗ ଚନ୍ଦ୍ରରେ ପହଞ୍ଚି ତାକୁ ଗାଢ ଲାଲ୍ ରଙ୍ଗରେ ରୂପାନ୍ତରିତ କରିଦିଏ। ଆସନ୍ତା ମେ ମାସର ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ଉତ୍ତର ଓ ଦକ୍ଷିଣ ଆମେରିକାର କିଛି ସ୍ଥାନ, ୟୁରୋପ, ଆଫ୍ରିକା ଓ ଏସିଆରେ ଦୃଶ୍ୟମାନ ହେବ।

# ସମୁଦ୍ରରୁ ମିଳିଲା ନୂଆ ଭାଇରସ୍



ସାରା ବିଶ୍ୱରେ ଥିବା ସମୁଦ୍ର ଗୁଡିକରେ ୫୫୦୦ ରୁ ଅଧିକ ନୂତନ ପ୍ରଜାତିର ଭାଇରସ୍ ମିଳିଛି। ଏହା ସାରା ବିଶ୍ୱ ପାଇଁ ବଡ ସଙ୍କଟ ଆଣିପାରେ। ଏଗୁଡିକ କରୋନା ଭଳି ଆରଏନ୍ଏ ଭାଇରାସ୍। ଚିନ୍ତାର କଥା ଏହା ଯେ, ଭାରତର ସମୁଦ୍ର ଗୁଡିକରେ ମଧ ଏହି ଭାଇରସ୍ ରହିଛି। ବିଶେଷ ଭାବରେ ଆରବ ସାଗରର ଓ ହିନ୍ଦ ମହାସାଗରର ଉତ୍ତର ପଶ୍ଚିମ ଅଞ୍ଚଳରେ ରହିଛି। ବୈଜ୍ଞାନିକଙ୍କୁ ଏତେ ଅଧିକ ସଂଖ୍ୟା ଭାଇରସ୍ ମିଳିବାର ଆଶା ନଥିଲା। ଏବେ ସେମାନେ ଭାଇରସ୍ର ୫ ଫାଇଲକୁ ଦୁଇଗୁଣା କରିବାର ଯୋଜନା କରୁଛନ୍ତି। ଯାହାଫଳରେ ଏହାର ଟେକ୍ସୋନୋମିକ୍ ସମୁହର ବର୍ଗିକରଣ କରିହେବ। କିଙ୍ଗଡମ୍ରେ ଠିକ୍ ପରେ ଆସିଥାଏ ଫାଇଲମ୍, ଯେଉଁଥିରେ ଜୀବ ବିଷୟରେ ଖୁବ୍ ଅଧିକ ସୂଚନା ଥାଏ। 'ଦ ଓହିୟୋ ଷ୍ଟେଟ୍ ୟୁନିଭର୍ସିଟି'ରେ ମାଇକ୍ରୋ ବାୟୋଲୋଜିର ପ୍ରଫେସର ମାଥ୍ୟୁ ସୁଲିଭନ୍ କହିଛନ୍ତି, ସମୁଦ୍ରରେ ମିଳିଥିବା ଭାଇରସ୍ରେ ଖୁବ୍ ଅଧିକ ପ୍ରାର୍ଥକ୍ୟ ରହିଛି। ଏସବୁ ନୂଆ ଫାଇଲମ୍ର ଅଟେ। ଏଥିରେ ଏକ ଟରାଭିରିକୋଟା ସବୁ ସମୁଦ୍ର ଭିତରେ ମିଳିଥାଏ। ଅର୍ଥାତ ଦୁନିଆର ପ୍ରତି ସମୁଦ୍ରରେ ଏହା ରହିଛି। କିନ୍ତୁ ଏହା ଇକୋଲୋଜି ହିସାବରେ ଖୁବ୍ ଜରୁରୀ। ଆରଏନ୍ଏ ଭାଇରସ୍ର ସନ୍ଧାନ ଓ ତା'ର ଷ୍ଟଡି ପାଇଁ କରୋନା ଭାଇରସ୍ର ଭାରିଆଣ୍ଟ ଚାପ ସୃଷ୍ଟି କରିଛି। ମାଥ୍ୟୁ ସୁଲିଭନ୍ କହିଛନ୍ତି, ୫୫୦୦ ଆରଏନ୍ଏ ଭାଇରସ୍ ଖୁବ୍ ଛୋଟ ସଂଖ୍ୟା ଅଟେ। ଏବେ ଆହୁରି ଖୋଜିବାର ବାକି ରହିଛି। ହୋଇପାରେ ଆମକୁ ଲକ୍ଷାଧିକ ସଂଖ୍ୟାରେ ନୂଆ ଭାଇରସ୍ ମିଳିପାରେ। ଏହି ଭାଇରସ୍ ସମ୍ପର୍କିତ ଷ୍ଟଡି ନିକଟରେ ଜର୍ଣ୍ଣାଲ ସାଇନ୍ସରେ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଛି ଯେ, ବୈଜ୍ଞାନିକମାନେ ଭାଇରସ୍କୁ ଖୋଜିବାକୁ ସାରା ବିଶ୍ୱରେ ଥିବା ସମୁଦ୍ରର ୧୨୧ ଟି ସ୍ଥାନରୁ ୩୫ ହଜାର ସାମ୍ପଲ ନେଇଥିଲେ।





# ଦକ୍ଷିଣ ଦିଗରେ ଗଛ ଲଗାଇଲେ ଆର୍ଥିକ ସ୍ଥିତି ହେବ ଖରାପ

**ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଘରେ ଗଛ ଲଗାଇବା ଦ୍ୱାରା ସକରାତ୍ମକ ଶକ୍ତି ସଞ୍ଚାରିତ ହୋଇଥାଏ। ଯଦି ଗଛକୁ ସଠିକ୍ ଦିଗରେ ଲଗାଯାଏ, ତେବେ ଘରର ବାସ୍ତୁ ଦୋଷ ଦୂର ହୋଇଥାଏ। ସେହିପରି ଭୁଲ ଦିଗରେ ଲଗାଯାଇଥିବା ଗଛ ନକାରାତ୍ମକ ଶକ୍ତି ସୃଷ୍ଟି କରିଥାଏ। ଆସନ୍ତୁ ଜାଣିବା କେଉଁ ୫ ଟି ଗଛକୁ ସଠିକ୍ ଦିଗରେ ଲଗାଇବା ଦ୍ୱାରା, ଘରେ ସୁଖ ଶାନ୍ତି ରହିଥାଏ।**

ଘରେ ତୁଳସୀ ଗଛ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। ଏହାକୁ ଘରେ ଲଗାଇବା ଦ୍ୱାରା ସୁଖ ସମୃଦ୍ଧି ଆସିଥାଏ। ବାସ୍ତୁ ଶାସ୍ତ୍ର ଅନୁଯାୟୀ ତୁଳସୀ ଗଛକୁ ଦକ୍ଷିଣ ଦିଗରେ ଲଗାଯିବା ଉଚିତ ନୁହେଁ। ଏହା ଦ୍ୱାରା ଆର୍ଥିକ ଅବସ୍ଥା ଖରାପ ହୋଇଥାଏ। ଏହାକୁ ସର୍ବଦା ପୂର୍ବ, ଉତ୍ତର କିମ୍ବା ପୂର୍ବ-ଉତ୍ତରରେ ଲଗାଯିବା ଉଚିତ୍।



ଶାମୀ ଗଛ : ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଶାମୀ ଗଛକୁ ଦକ୍ଷିଣ ଦିଗରେ ଲଗାଇବା ଉଚିତ୍ ନୁହେଁ। ଏହା ଦ୍ୱାରା ଆର୍ଥିକ ସମସ୍ୟା ଦେଖାଦେଇଥାଏ। ଏହି ଉଦ୍ଭିଦ ପୂର୍ବ କିମ୍ବା ଉତ୍ତର ପୂର୍ବରେ ଲଗାଯିବା ଉଚିତ୍। ଏହି ଦିଗରେ ଲଗାଯାଇଥିବା ଶାମି ଗଛ ବାସ୍ତୁ ଦୋଷ ଦୂର କରିଥାଏ।

ରୋଜମେରି: ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଘରେ ରୋଜମେରି ଗଛ ଲଗାଇବା ଦ୍ୱାରା ସକରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ। ଏହା ବ୍ୟତୀତ, ଏହି ଗଛ ଶାରୀରିକ ଏବଂ ମାନସିକ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଏହି ଗଛକୁ ଦକ୍ଷିଣ ଦିଗରେ ଲଗାଇବା ଉଚିତ୍ ନୁହେଁ।

ମନି ପ୍ଲାଣ୍ଟ : ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଘର ଏବଂ ଅଫିସରେ ମନି ପ୍ଲାଣ୍ଟ ରଖିବା ଶୁଭ ହୋଇଥାଏ। କିନ୍ତୁ ଏହାକୁ ଦକ୍ଷିଣ ଦିଗରେ ରଖିବା ଉଚିତ୍ ନୁହେଁ। ଏହାକୁ ଆଗ୍ନେୟ କୋଣରେ ରଖିବା ଶୁଭ ହୋଇଥାଏ।

କଦଳୀ: ଭଗବାନ ବିଷ୍ଣୁଙ୍କର କଦଳୀ ଗଛ ଅତ୍ୟନ୍ତ ପ୍ରିୟ। ବାସ୍ତୁ ଶାସ୍ତ୍ର ଅନୁଯାୟୀ ଏହାକୁ ଘରର ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ରଖିବା ଉଚିତ୍ ନୁହେଁ। ଏହାକୁ ଐଶାନ୍ୟ କୋଣରେ ଲଗାଇବା ଉପଯୁକ୍ତ ହୋଇଥାଏ।

# 'ଧାକଡ଼'ରେ ଦେଖିବାକୁ ମିଳିବ କଙ୍ଗନାଙ୍କ ଆକ୍ସନ୍

ଆଗକୁ ଆସୁଛି କଙ୍ଗନା ରଣାୱତଙ୍କ 'ଧାକଡ଼' ଚଳଚ୍ଚିତ୍ର। ସେ ଏଥିରେ ଦମ୍ଦାର ଡାଏଲଗ୍ କହିବା ସହ ଆକ୍ସନ୍ କରୁଥିବାର ନଜର ଆସୁଛନ୍ତି। ଏହାର ଫିଲ୍ମର ଟିଜର ରିଲିଜ୍ ହୋଇଛି। ଆଉ ଏଥିରେ ଦେଖିବାକୁ ମିଳିଛି କଙ୍ଗନାଙ୍କ ଜବରଦସ୍ତ ଡାଇଲଗ୍ ଓ ନୂଆ ଲୁକ୍। ପୂରାପୁରି ଭିନ୍ନ ଅନ୍ଦାଜରେ ନଜର ଆସିଛନ୍ତି ବଲିଉଡର ପଙ୍ଗା କୁଇନ୍ କଙ୍ଗନା ରଣାୱତ। ସେ ସାଜିଛନ୍ତି ଏଜେଣ୍ଟ ଅଗ୍ନି। ଏକ ମିନିଟ୍ର ଏହି ଟିଜରରେ କଙ୍ଗନା ବେଶ ବଦଳାଇବାରେ ମାହିର ହେବା ସହ ଶତ୍ରୁକୁ କିଭଳି ଚିତ୍ କରିବେ ସେଥିରେ ମଧ ପୂରା ପାରଙ୍ଗମ ଥିବା ଦେଖିବାକୁ ମିଳିଛି। ହାତରେ ରାଇଫଲ ଧରି ଶତ୍ରୁକୁ ଆଟାକ୍ କରୁଛନ୍ତି କଙ୍ଗନା। କେବଳ ରାଇଫଲ ନୁହେଁ ଖଣ୍ଡା ଆଉ ମାର୍ଶଲ ଆର୍ଟରେ ମଧ ଦେଉଛନ୍ତି ମୁହଁତୋଡ ଜବାବ। ଦେଖାଇଛନ୍ତି ନିଜ ହାଇ ସ୍ପିଡ୍ ଆକ୍ସନ। ଏହି ଟିଜରକୁ କଙ୍ଗନା ନିଜେ ତାଙ୍କ ସୋଶାଲ ମିଡିଆରେ ଆକଉଣ୍ଟରେ ଶେଆର କରିଛନ୍ତି। ଏହାକୁ ଶେଆର କରି କ୍ୟାପସନରେ ଲେଖିଛନ୍ତି, 'ଆକ୍ସନ, ଷ୍ଟାଇଲ୍, ଥ୍ରୀଲ, ଅଲ୍ ଇନ୍ ୱାନ୍, ଏଜେଣ୍ଟ ଅଗ୍ନି ଏଠି ଅଛି।' ରିପୋର୍ଟ ମୁତାବକ, ଏହି ଫିଲ୍ମରେ କଙ୍ଗନାଙ୍କୁ ୭ଟି ଭିନ୍ନ ଲୁକ୍ରେ ଦେଖିବାକୁ ମିଳିବ। ଧାକ୍ଡ୍ରେ ଲିଡ ରୋଲ୍ରେ କଙ୍ଗନା ଥିବାବେଳେ ତାଙ୍କ ଅପୋଜିଟ୍ରେ ଅଛନ୍ତି ଅର୍ଜୁନ ରାମପାଲ। ଅନ୍ୟ ପ୍ରମୁଖ ଭୂମିକାରେ ଅଛନ୍ତି ଦିବ୍ୟା ଦତ୍ତା ଓ ରାଶ୍ୱତ ଚାଟାର୍ଜୀ। ଆସନ୍ତା ମେ' ୨୦ ତାରିଖରେ ଫିଲ୍ମଟି ପରଦାକୁ ଆସିବ।

# ପୋଷକତତ୍ତ୍ୱରେ ଭରପୂର ଅମୃତ ଭଣ୍ଡା



ଯେତେବେଳେ ଏକ ସୁସ୍ଥ ଡାଏଟ୍ ଚାଟ୍ କଥା ଆସେ, ବିଶେଷଜ୍ଞମାନେ ପ୍ରଥମେ ଅମୃତ ଭଣ୍ଡାର ନାଁ ନିଅନ୍ତି। ଭଣ୍ଡା ଏକ କମ୍ କ୍ୟାଲୋରୀଯୁକ୍ତ ଫଳ। ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ। ଭଣ୍ଡାରେ ଫାଇବର, ଭିଟାମିନ୍ ପରି ଅନେକ ପୋଷକ ତତ୍ତ୍ୱ ପ୍ରଚୁର ପରିମାଣରେ ରହିଛି। ଯାହା ହଜମରୁ ଆରମ୍ଭ କରି ଓଜନ ବୃଦ୍ଧି ପର୍ଯ୍ୟନ୍ତ, ମଧୁମେହ, କର୍କଟ ଭଳି ରୋଗକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଭଣ୍ଡା ଖାଇବାର ଅନେକ ଲାଭ ଥିବା ସତ୍ତ୍ୱେ ଏହା ସ୍ୱାସ୍ଥ୍ୟ ପାଇଁ ବିପଦ ମଧ ହୋଇପାରେ। କିଛି ଲୋକ ଭଣ୍ଡା ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ନଚେତ ପରିସ୍ଥିତି ଭୟାନକ ହୋଇପାରେ। ତେବେ ଭଣ୍ଡା ଖାଇବା କେଉଁ ଲୋକଙ୍କ ପାଇଁ କ୍ଷତି ହୋଇପାରେ ଆସନ୍ତୁ ଜାଣିବା। ଭଣ୍ଡାରେ ଥିବା ଲାଟେକ୍ସ ଗର୍ଭାଶୟକୁ ସଙ୍କୁଚିତ କରିବା କାମ କରିଥାଏ। ଏଭଳି ସ୍ଥିତିରେ ଗର୍ଭପାତ ହେବା ସମ୍ଭାବନା ବଢ଼ିଯାଏ। ଏହା ବ୍ୟତୀତ ଭଣ୍ଡାରେ ଥିବା ପପେନ୍ ଗର୍ଭସ୍ଥ ଶିଶୁର ଝିଲ୍ଲି ଉପରେ ଖରାପ ପ୍ରଭାବ ପକାଇଥାଏ। ତେଣୁ ଗର୍ଭାବସ୍ଥାରେ ଭଣ୍ଡା ଖାଇବା ଠାରୁ ଦୂରେଇ ରହିବା ଉଚିତ। ଯଦି ଆପଣଙ୍କ କିଡନୀରେ ଷ୍ଟୋନ୍ ସମସ୍ୟା ରହିଛି ତେବେ ଅଧିକ ମାତ୍ରାରେ ଭଣ୍ଡା ଖାଇବା ଠାରୁ ଦୂରେଇ ରୁହନ୍ତୁ। ପ୍ରକୃତରେ ଅଧିକମାତ୍ରରେ ଭଣ୍ଡା ଖାଇବା ଦ୍ୱାରା କ୍ୟାଲସିଅନ୍ ଅକ୍ସଲେଟ୍ ଉତ୍ପନ୍ନ ହୁଏ, ଯାହାଦ୍ୱାରା କିଡନୀର ଷ୍ଟୋନ୍ ସମସ୍ୟା ବଢ଼ିପାରେ।

# ରାୟଗଡ଼ାରେ ଦିଶା ବୈଠକ ଅନୁଷ୍ଠିତ

ରାୟଗଡ଼ା, ରାୟଗଡ଼ା ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଶନିବାର ଜିଲ୍ଲାସ୍ତରୀୟ ଦିଶା ବୈଠକ ଅନୁଷ୍ଠିତ ହୋଇଛି। କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାୟଗଡ଼ା ବିଧାୟକ ଆପାଲା ସ୍ୱାମୀ, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗୋ, ବିଷମକଟକ ବିଧାୟକ ନୀଳମାଧବ ହିକକା, ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ପଦାଧିକାରୀ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାରେ ଚାଲୁଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନା, ବିକାଶମୂଳକ ପ୍ରକଳ୍ପ, ଭିତ୍ତିଭୂମି ଓ ଲୋକକଲ୍ୟାଣ କାର୍ଯ୍ୟର ପ୍ରଗତି ସମୀକ୍ଷା କରାଯାଇଥିଲା। ୨୦୨୩-୨୪ରୁ ୨୦୨୫-୨୬ ପର୍ଯ୍ୟନ୍ତ ଏମପିଏଏଲଡି ଅଧୀନରେ ଅନୁମୋଦିତ କାର୍ଯ୍ୟ ଓ ଅବଶିଷ୍ଟ ପ୍ରକଳ୍ପଗୁଡ଼ିକର ସ୍ଥିତି ନେଇ ଆଲୋଚନା ହୋଇଥିଲା। ଅବଶିଷ୍ଟ କାର୍ଯ୍ୟକୁ ଏକ ମାସ ମଧ୍ୟରେ ସାରିବା ସହ ବିଷମକଟକ, ଗୁଣପୁର ଓ ରାୟଗଡ଼ା ଅଞ୍ଚଳରେ ଅନୁମୋଦିତ ଶ୍ରେଣୀଗୃହ ନିର୍ମାଣ ଶୀଘ୍ର ଆରମ୍ଭ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଖରିଫ-୨୦୨୬ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସମୀକ୍ଷା ସମୟରେ ଜିଲ୍ଲାର ୪୯,୯୬୬ ଜଣ କୃଷକ ଯୋଜନାରେ ସାମିଲ ହୋଇଥିବା ଜଣାଯାଇଥିଲା। କୃଷକଙ୍କୁ ବୀମା ସୁବିଧା, ଦାବି ପ୍ରକ୍ରିୟା ଓ ଲାଭ ସମ୍ପର୍କରେ ଅଧିକ ସଚେତନ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ ମାଟି ନମୁନା ସଂଗ୍ରହ ଓ ପରୀକ୍ଷଣ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମରେ ୧୬,୪୧୭ ଜଣଙ୍କ ପରୀକ୍ଷା କରାଯାଇ ୧,୦୩୬ ଜଣ ଟିବି ରୋଗୀ ଚିହ୍ନଟ ହୋଇଥିବା ଓ ସଫଳତା ହାର ୮୯ ପ୍ରତିଶତ ଥିବା ସୂଚନା ଦିଆଯାଇଥିଲା। ଜଣ୍ଡିସ୍ ଓ ହେପାଟାଇଟିସ୍-ଏ ଘଟଣା ନେଇ ମଧ୍ୟ ଆଲୋଚନା ହୋଇଥିଲା। ରାୟଗଡ଼ା ଡିଏଚ୍ଏଚ୍ ଓ କୋଲନରା ବ୍ଲକ୍‌ର ରବାଡ଼ି ଅଞ୍ଚଳର ସମସ୍ୟା ନେଇ ଆରଡବ୍ଲ୍ୟୁଏସଏସ କୁ ସ୍ଥଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ପାଇଁ କୁହାଯାଇଥିଲା। ଜଳ ଜୀବନ ମିଶନରେ ବିଶେଷକରି ବିଷମକଟକ ଅଞ୍ଚଳର ଅବଶିଷ୍ଟ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଳମ୍ବ କରୁଥିବା ଠିକାଦାରଙ୍କ ବିରୋଧରେ ନିୟମାନୁସାରେ ପଦକ୍ଷେପ ନେବାକୁ କୁହାଯାଇଥିଲା। ଅଙ୍ଗନବାଡ଼ି କେନ୍ଦ୍ରରେ ଅପପୁଷ୍ଟିଜନିତ ମୃତ୍ୟୁ, ଛତୁଆର ଗୁଣବତ୍ତା, ରାନ୍ଧୁଣୀ ଓ ସହାୟକ ନିଯୁକ୍ତି ନେଇ ମଧ୍ୟ ସମୀକ୍ଷା ହୋଇଥିଲା। ଏହାଛଡ଼ା ଡିଆଇଏଲଆରଏମପି, ଏସଡିଏଏମଆଇଟିଭିଏ, ପିଏମଜିଏସୱାଇ ଓ ପିଏମଜିଏସୱାଇ – ୪, ଜାତୀୟ ରାଜପଥ, ଶିଳ୍ପ ବିକାଶ, ଏମଏସଏମଇ ଏବଂ ଏମଏସଇ-ସିଡିପି ଯୋଜନାର ପ୍ରଗତି ନେଇ ଆଲୋଚନା ହୋଇଥିଲା। ମିନାଝୋଲା ବହୁମୁଖୀ ହଲ୍‌ର ଟେକ୍ନିକାଲ୍ ଫିଟନେସ୍ ରିପୋର୍ଟ, କେରେଡ଼ା-ଭବାନୀପାଟଣା ୪-ଲେନ୍ ରାସ୍ତା, ପିତାମହଲ-ସିରିକୋଣା ସଡ଼କ ଓ ଗୁଡ଼ାରୀ ରାସ୍ତାର ରକ୍ଷଣାବେକ୍ଷଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ମହିଳା ସଶକ୍ତିକରଣ ଓ ଜୀବିକା ବିକାଶ ସମୀକ୍ଷା ବେଳେ ଜିଲ୍ଲାରେ ୫୫,୫୮୫ ଜଣ 'ଲକ୍ଷପତି ଦିଦି' ଥିବା ସୂଚନା ଦିଆଯାଇଥିଲା। ବୈଠକରେ ସମସ୍ତ ବିଭାଗକୁ ଅବଶିଷ୍ଟ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସାରିବା ସହ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଯୋଜନାର ସୁଫଳ ପହଞ୍ଚାଇବା ଓ କାର୍ଯ୍ୟାନ୍ୱୟନର ଗୁଣବତ୍ତା ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା।

# ମ୍ୟୁଲ୍ ଆକାଉଣ୍ଟ ଠକେଇ ମାମଲାରେ ୫ ଜଣଙ୍କୁ ୩ ବର୍ଷ ଜେଲ

ବ୍ରହ୍ମପୁର, : ଗଞ୍ଜାମ ଜିଲ୍ଲାରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଅର୍ଥ କାରବାର ଓ ଠକେଇ ମାମଲାରେ ଖଲ୍ଲିକୋଟ ଜେଏମ୍ଏଫ୍‌ସି ଅଦାଲତ ୫ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଲେଖାଏଁ କାରାଦଣ୍ଡାଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନେ ହେଲେ ସୁଶାନ୍ତ ସାହୁ, ସୁଦାମ ପାତ୍ର, ପବିତ୍ର ସାହୁ, ବିମଳ କୁମାର ସାହୁ ଓ ପ୍ରଦୀପ ଦାସ। ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୩୧୮(୨)/୩(୫) ଅନୁଯାୟୀ ଅଦାଲତ ଏହି ଦଣ୍ଡାଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ବେଗୁନିଆପଡ଼ା ଥାନାରେ ମ୍ୟୁଲ୍ ଆକାଉଣ୍ଟ ମାଧ୍ୟମରେ ଠକେଇ ନେଇ ଏହି ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁସାରେ, ଅଭିଯୁକ୍ତମାନେ ଯୁବକମାନଙ୍କୁ ମାଗଣା ଭ୍ରମଣ ଓ ଆର୍ଥିକ ଲାଭର ପ୍ରଲୋଭନ ଦେଖାଇ ବ୍ୟାଙ୍କ ଆକାଉଣ୍ଟ ଖୋଲାଉଥିଲେ। ପରେ ସେମାନଙ୍କଠାରୁ ଏଟିଏମ୍ କାର୍ଡ, ପାସ୍‌ବୁକ୍ ଓ ଅନ୍ୟ ବ୍ୟକ୍ତିଗତ ଦସ୍ତାବିଜ ନେଇ ଆକାଉଣ୍ଟଗୁଡ଼ିକୁ ମ୍ୟୁଲ୍ ଆକାଉଣ୍ଟ ଭାବେ ବ୍ୟବହାର କରାଯାଉଥିଲା। ପୁରୁଷୋତ୍ତମପୁର ଏସ୍‌ଡିପିଓ ଏସ୍.କେ. ନାୟକଙ୍କ ତତ୍ତ୍ୱାବଧାନରେ ବେଗୁନିଆପଡ଼ା ପୁଲିସ ମାମଲାର ତଦନ୍ତ କରିଥିଲା। ତଦନ୍ତ ବେଳେ ବିଭିନ୍ନ ବ୍ୟାଙ୍କରୁ ଆକାଉଣ୍ଟ ଓ ଅର୍ଥ କାରବାର ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଇଥିଲା। ଏହାସହ ମୋବାଇଲ୍ ଫୋନ୍, ଲାପଟପ୍, ଏଟିଏମ୍ କାର୍ଡ, ଆଧାର କାର୍ଡ, ପାନ୍ କାର୍ଡ, ଚେକ୍‌ବୁକ୍ ଓ ହୋଟେଲ୍ ବିଲ୍ ଆଦି ଜବତ କରାଯାଇଥିଲା। ମାମଲାରେ ୯ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟ ପ୍ରମାଣକୁ ଆଧାର କରି ଅଦାଲତ ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟର ଦୁରୁପଯୋଗ ଓ ଆର୍ଥିକ ଠକେଇ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି।

# କେନ୍ଦୁଝରରେ ବେଲଗାମ ଡିଜେ ସାଉଣ୍ଡ, ପ୍ରଶାସନର ଅଙ୍କୁଶ ନାହିଁ

କେନ୍ଦୁଝର, : ଗଣେଶ ପୂଜାଠାରୁ ଆରମ୍ଭ ହୋଇଛି ପୂଜାପାର୍ବଣ ଋତୁ। ଏହାରି ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ଡିଜେ ସାଉଣ୍ଡର ଅତ୍ୟଧିକ ଶବ୍ଦକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗଣେଶ ଭସାଣି ସମୟରେ ବିଭିନ୍ନ ସ୍ଥାନରେ ଉଚ୍ଚଶବ୍ଦରେ ଡିଜେ ବଜାଯାଇଥିବା ଅଭିଯୋଗ ହୋଇଛି। ଫଳରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ବିଶେଷକରି ହୃଦରୋଗୀ, ନବଜାତ ଶିଶୁ, ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି ଓ ରୋଗୀଙ୍କ ପାଇଁ ଅତ୍ୟଧିକ ଶବ୍ଦ ଅସୁବିଧାଜନକ ହେଉଥିବା ବେଳେ କେନ୍ଦୁଝର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିକଟାଳ ଶବ୍ଦରେ ଡିଜେ ବଜାଯାଉଥିବା ଅଭିଯୋଗ ରହିଛି। ଜନଗହଳିପୂର୍ଣ୍ଣ ସ୍ଥାନ, ଡାକ୍ତରଖାନା, କୋର୍ଟକଚେରୀ, ଶିକ୍ଷାନୁଷ୍ଠାନ, ଥାନା ନିକଟ ଏବଂ ଜାତୀୟ ରାଜପଥ କଡ଼ରେ ମଧ୍ୟ ଡିଜେ ବଜାଯାଉଥିବା ଦେଖାଯାଉଛି। ରାତି ୧୦ଟା ପରେ ଲାଉଡ୍‌ସ୍ପିକର ବ୍ୟବହାର ଉପରେ କଟକଣା ଥିବା ସତ୍ତ୍ୱେ ଏହାର ଉଲ୍ଲଂଘନ ହେଉଥିବା ଅଭିଯୋଗ ଉଠିଛି। ବିନା ଅନୁମତିରେ ରାଜରାସ୍ତାରେ ଡିଜେ ବଜାଯାଇ ଗାଁଗଣ୍ଡା କମ୍ପାଇ ଦିଆଯାଉଥିବା ଅଭିଯୋଗ ମଧ୍ୟ ହୋଇଛି। ପୂଜାପାର୍ବଣ ଋତୁରେ ଏଭଳି ଉଚ୍ଚଶବ୍ଦ ଉପରେ ପ୍ରଶାସନ ଓ ପୁଲିସ ନିୟମିତ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବି କରିଛନ୍ତି।

# ହିଞ୍ଜିଳିକାଟୁ ବ୍ଲକ୍‌ରେ ପଞ୍ଚାୟତ ସମିତି ସାଧାରଣ ବୈଠକ




ହିଞ୍ଜିଳିକାଟୁ: ହିଞ୍ଜିଳିକାଟୁ ବ୍ଲକ୍ ପରିସରରେ ପଞ୍ଚାୟତ ସମିତିର ସାଧାରଣ ବୈଠକ ବ୍ଲକ୍ ଅଧ୍ୟକ୍ଷା ସରସ୍ୱତୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଡିଓ ଶ୍ରୀ ସାଗରିକା ଷଡ଼ଙ୍ଗୀ ଉପସ୍ଥିତ ଅତିଥି ଓ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇବା ସହ ବୈଠକ ପରିଚାଳନା କରିଥିଲେ।ବୈଠକରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ହିଞ୍ଜିଳିକାଟୁ ତହସିଲଦାର ତପନ କୁମାର ମହାପାତ୍ର, ବ୍ଲକ୍ ଉପାଧ୍ୟକ୍ଷ ସୁନୀଲ ଗନ୍ତାୟତ, ହିଞ୍ଜିଳି ବିଧାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ବ୍ଲକ୍ ପ୍ରତିନିଧି ଏ. ସୁଦର୍ଶନ, ଏବିଡିଓ ଅରୁଣ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଓ ପଞ୍ଚାୟତ ସମିତି ସଦସ୍ୟ ଯୋଗ ଦେଇଥିଲେ। ବୈଠକରେ ମୁଖ୍ୟତଃ କୃଷି ଓ ଚାଷୀଙ୍କ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କୃଷକଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସରକାରୀ ଯୋଜନା ଓ ସୁବିଧା ସମ୍ପର୍କରେ ଆଲୋଚନା କରାଯିବା ସହ ଯୋଗ୍ୟ ହିତାଧିକାରୀମାନେ ଯେପରି ସହଜରେ ଏହାର ଲାଭ ପାଇପାରିବେ, ସେଥିପାଇଁ ଗୁରୁତ୍ୱ ଦିଆଯାଇଥିଲା। ହିଞ୍ଜିଳିକାଟୁ ବ୍ଲକ୍ ଅଞ୍ଚଳରେ ଚାଷୀଙ୍କ ସୁବିଧା ପାଇଁ କୋଲ୍ଡ ଷ୍ଟୋରେଜ୍ ବ୍ୟବସ୍ଥା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଉତ୍ପାଦ ସଂରକ୍ଷଣ ସମୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ସଦସ୍ୟମାନେ ମତ ରଖିଥିଲେ। ବିଭିନ୍ନ ପଞ୍ଚାୟତରେ କୃଷକଙ୍କ ସମସ୍ୟା ଓ କୃଷି ସମ୍ବନ୍ଧୀୟ ଯୋଜନାର କାର୍ଯ୍ୟକାରିତା ନେଇ ମଧ୍ୟ ମତାମତ ଗ୍ରହଣ କରାଯାଇଥିଲା।

# ଭୂଦାନ ଜମିର ଡିଜିଟାଲ ଡାଟାବେସ୍ ପାଇଁ ଏସ୍‌ଓପି ଜାରି

## ଡାଟାବେସ୍ ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ପଞ୍ଜୀକରଣ ଓ ମ୍ୟୁଟେସନ୍ ଉପରେ ରୋକ



ଭୁବନେଶ୍ୱର: ଭୂଦାନ ଓ ଗ୍ରାମଦାନ ଜମିର ଐତିହାସିକ ରେକର୍ଡ ସୁରକ୍ଷିତ ରଖିବା ସହ ଏହାକୁ ଡିଜିଟାଇଜେସନ୍ କରି ପ୍ରାମାଣିକ ଡିଜିଟାଲ୍ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏସଓପି-୨୦୨୬ ଜାରି କରାଯାଇଛି। ଏହି ଡାଟାବେସ୍ ଅନ୍ତିମ ଭାବେ ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ଭୂଦାନ ଜମି ସମ୍ପର୍କିତ ପଞ୍ଜୀକରଣ ଓ ମ୍ୟୁଟେସନ୍ କାର୍ଯ୍ୟ ଉପରେ ରୋକ ଲଗାଯାଇଛି। ଏ ସଂକ୍ରାନ୍ତରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଆରଡିସି, ରାଜସ୍ୱ ପର୍ଷଦର ସଚିବ ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଭୂଦାନ ଜମିର ଏକୀକୃତ ଓ ପ୍ରାମାଣିକ ରେକର୍ଡ ନଥିବାରୁ ବିଭିନ୍ନ ପ୍ରଶାସନିକ ଓ ଆଇନଗତ ସମସ୍ୟା ଦେଖାଦେଉଥିବା ବେଳେ କେତେକ ସ୍ଥାନରେ ଅନଧିକୃତ ବାଣିଜ୍ୟିକ ଦଖଲ ଓ ବେଆଇନ ହସ୍ତାନ୍ତର ନେଇ ମଧ୍ୟ ବିଭାଗର ଦୃଷ୍ଟିକୁ ଆସିଛି। ଏସଓପି ଅନୁଯାୟୀ ରାଜ୍ୟର ସମସ୍ତ ଭୂଦାନ ଜମିର ଏକ ସନ୍ଧାନଯୋଗ୍ୟ ଡିଜିଟାଲ ଡାଟାବେସ୍ ପ୍ରସ୍ତୁତ ହେବ। ପୁରୁଣା ଐତିହାସିକ ରେକର୍ଡର ସୁରକ୍ଷା ଓ ଡିଜିଟାଇଜେସନ୍‌କୁ ଏଥିରେ ପ୍ରାଥମିକତା ଦିଆଯାଇଛି। ଡିଜିଟାଇଜେସନ୍ ପୂର୍ବରୁ ଅନୁମୋଦିତ ଅଧିକାରୀଙ୍କ ମାଧ୍ୟମରେ ଐତିହାସିକ ରେକର୍ଡକୁ ପ୍ରଶାସନର ହେପାଜତକୁ ନିଆଯିବ। ଜିଲ୍ଲାପାଳମାନେ ଭୂଦାନ ଯଜ୍ଞ ସମିତିର ସ୍ଥାନୀୟ କମିଟିଗୁଡ଼ିକ ପାଇଁ କାର୍ଯ୍ୟାଳୟ ସ୍ଥାନ ଓ ସୁରକ୍ଷିତ ରେକର୍ଡ ସଂରକ୍ଷଣ ବ୍ୟବସ୍ଥା କରିବେ। ଏହି ପ୍ରକ୍ରିୟାରେ ଓଡ଼ିଶା ଭୂଦାନ ଯଜ୍ଞ ସମିତି ପ୍ରାଥମିକ ଐତିହାସିକ ଓ ଆଇନସମ୍ମତ ରେକର୍ଡର ଡିଜିଟାଇଜେସନ୍ କରିବ। ଏନଆଇସି ପକ୍ଷରୁ ଭୂମି ରେକର୍ଡ ପରିଚାଳନା ବ୍ୟବସ୍ଥା ସହ ସମନ୍ୱିତ ସ୍ୱତନ୍ତ୍ର ଅନଲାଇନ୍ ପୋର୍ଟାଲ୍ ଓ କେନ୍ଦ୍ରୀକୃତ ଡାଟାବେସ୍ ବିକଶିତ କରାଯିବ। ଏହା ମାଧ୍ୟମରେ ଭୁଲେଖ୍‌ରୁ ଆବଶ୍ୟକ ତଥ୍ୟ ମଧ୍ୟ ଉପଲବ୍ଧ ହୋଇପାରିବ। ତହସିଲଦାରମାନେ ପ୍ରମୁଖ କାର୍ଯ୍ୟକାରୀ ଅଧିକାରୀ ଭାବେ ଉପଲବ୍ଧ ଭୂଦାନ ରେଜିଷ୍ଟର ଓ ଡିଜିଟାଇଜ୍ ରେକର୍ଡକୁ ଭୁଲେଖ୍ ଡାଟାବେସ୍ ସହ ତୁଳନା କରି 'ଭୂଦାନ ପାର୍ସେଲ ରେଜିଷ୍ଟର' ପ୍ରସ୍ତୁତ କରିବେ। ଉପଜିଲ୍ଲାପାଳମାନେ ତହସିଲ୍‌ସ୍ତରୀୟ କାର୍ଯ୍ୟର ତଦାରଖ କରିବେ। ଜିଲ୍ଲାପାଳମାନେ ଜିଲ୍ଲାସ୍ତରରେ ସମନ୍ୱୟ କରିବା ସହ ଆରଡିସିମାନେ ଅନ୍ତତଃ ମାସକୁ ଥରେ ପ୍ରଗତି ସମୀକ୍ଷା କରିବେ। ସୂଚନାଯୋଗ୍ୟ, ଆଚାର୍ଯ୍ୟ ବିନୋବା ଭାବେଙ୍କ ନେତୃତ୍ୱରେ ଭୂଦାନ ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ ଥିଲା ସ୍ୱେଚ୍ଛାରେ ଦାନ ହୋଇଥିବା ଜମିକୁ ଭୂମିହୀନଙ୍କ ମଧ୍ୟରେ ବଣ୍ଟନ କରିବା। ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନ ଅଧୀନରେ ବହୁ ପରିମାଣର ଜମି ଗ୍ରହଣ ଓ ବଣ୍ଟନ ହୋଇଥିଲା। ତେବେ କେତେକ ଜମିର ମ୍ୟୁଟେସନ୍ ରେକର୍ଡ ଅଦ୍ୟାବଧି ଅଦ୍ୟତନ ହୋଇନଥିବାରୁ ହିତାଧିକାରୀମାନେ ସମସ୍ୟାରେ ପଡୁଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ବୈଦ୍ୟୁତିକ ଯାନ ରୂପାନ୍ତରଣରେ ଓଡ଼ିଶା 'ଫ୍ରଣ୍ଟରନର୍'

## ଇଲେକ୍ଟ୍ରିକ୍ ମୋବିଲିଟି ଇଣ୍ଡେକ୍ସରେ ରାଜ୍ୟର ସ୍କୋର ୫୫

ଭୁବନେଶ୍ୱର, : ବୈଦ୍ୟୁତିକ ଯାନ ଓ ସବୁଜ ପରିବହନ ବ୍ୟବସ୍ଥା ଦିଗରେ ଓଡ଼ିଶା 'ଇଣ୍ଡିଆନ୍ ଇଲେକ୍ଟ୍ରିକ୍ ମୋବିଲିଟି ଇଣ୍ଡେକ୍ସ' -୨୦୨୫ରେ ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ 'ଫ୍ରଣ୍ଟରନର୍' ଭାବେ ସ୍ଥାନ ପାଇଛି। ନୂଆଦିଲ୍ଲୀରେ ନୀତି ଆୟୋଗ ପକ୍ଷରୁ ଆୟୋଜିତ 'ଷ୍ଟେଟ୍ ଇଭି ପଲିସିଜ୍ ରିଭ୍ୟୁ ଆଣ୍ଡ ରିକ୍ୟାଲିବ୍ରେସନ୍ ମିଟ୍'ରେ ଏହି ମାନ୍ୟତା ପ୍ରକାଶ ପାଇଛି। ଆଇଇଏମଆଇ-୨୦୨୫ରେ ଓଡ଼ିଶାର ସାମଗ୍ରିକ ସ୍କୋର ୫୫ ରହିଛି। ସହରୀ ପରିବହନ ସମ୍ପର୍କିତ ଦୁଇଟି ପ୍ରମୁଖ ସୂଚକାଙ୍କରେ ମଧ୍ୟ ରାଜ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। 'ଟ୍ରାନ୍ସପୋର୍ଟ ଇଲେକ୍ଟ୍ରିଫିକେସନ୍ ପ୍ରୋଗ୍ରେସ୍'ରେ ୫୮ ଏବଂ 'ଚାର୍ଜିଂ ଇନ୍‌ଫ୍ରାଷ୍ଟ୍ରକ୍ଚର ରେଡିନେସ୍'ରେ ୫୭ ସ୍କୋର ହାସଲ କରି ଓଡ଼ିଶା ଉଭୟ କ୍ଷେତ୍ରରେ 'ଫ୍ରଣ୍ଟରନର୍' ବର୍ଗରେ ସ୍ଥାନ ପାଇଛି। ୨୦୨୪ ମସିହାର ଆଇଇଏମଆଇମୂଲ୍ୟାୟନ ତୁଳନାରେ ଏଥର ରାଜ୍ୟର ସ୍କୋରରେ ଉନ୍ନତି ହୋଇଛି। ୨୦୨୪ରେ ଓଡ଼ିଶାର ସ୍କୋର ୪୯ ଥିବାବେଳେ ଜାତୀୟସ୍ତରରେ ଏହାର ସ୍ଥାନ ୭ମ ଥିଲା। ବୈଦ୍ୟୁତିକ ସାର୍ବଜନୀନ ପରିବହନର ସମ୍ପ୍ରସାରଣ, ଇଭି ଚାର୍ଜିଂ ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ଇଭି ବ୍ୟବହାର ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଉପରେ ରାଜ୍ୟର ଗୁରୁତ୍ୱ ଏହି ପ୍ରଦର୍ଶନରେ ପ୍ରତିଫଳିତ ହୋଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଇଲେକ୍ଟ୍ରିକ୍ ମୋବିଲିଟି କ୍ଷେତ୍ରରେ ଓଡ଼ିଶାକୁ 'ଫ୍ରଣ୍ଟରନର୍' ମାନ୍ୟତା ମିଳିବା ସ୍ୱଚ୍ଛ, ସବୁଜ ଓ ଭବିଷ୍ୟତମୁଖୀ ପରିବହନ ବ୍ୟବସ୍ଥା ଗଠନ ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ଦର୍ଶାଉଛି। ଇଲେକ୍ଟ୍ରିକ୍ ସାର୍ବଜନୀନ ପରିବହନର ସମ୍ପ୍ରସାରଣ, ଚାର୍ଜିଂ ଭିତ୍ତିଭୂମି ସୁଦୃଢ଼ୀକରଣ ଓ ଇଭି ବ୍ୟବହାରକୁ ପ୍ରୋତ୍ସାହନ ଦେବା ପାଇଁ ଏକ ଅନୁକୂଳ ବ୍ୟବସ୍ଥା ଗଠନ ଜାରି ରହିବ ବୋଲି ସେ କହିଛନ୍ତି। ଏହି ପଦକ୍ଷେପ ଓଡ଼ିଶା ଭିଜନ୍-୨୦୪୭ର ଲକ୍ଷ୍ୟ ସହ ସମନ୍ୱିତ ବୋଲି କୁହାଯାଇଛି। ସ୍ୱଚ୍ଛ ଶକ୍ତି ଆଧାରିତ, ଜଳବାୟୁ ସହନଶୀଳ ଓ ସ୍ଥାୟୀ ପରିବହନ ବ୍ୟବସ୍ଥା ଗଠନ ଏହାର ଅନ୍ୟତମ ଲକ୍ଷ୍ୟ। କାର୍ବନ ନିର୍ଗମନ ହ୍ରାସ ଓ ସହରୀ ବାୟୁର ମାନରେ ଉନ୍ନତି ଆଣିବା ଦିଗରେ ମଧ୍ୟ ଇଲେକ୍ଟ୍ରିକ୍ ମୋବିଲିଟିକୁ ଗୁରୁତ୍ୱ ଦିଆଯାଉଛି। ସିଆଁୟୁଟିର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲମ କହିଛନ୍ତି, ସାର୍ବଜନୀନ ପରିବହନର ବିଦ୍ୟୁତୀକରଣକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟର ଚାଲିଥିବା ପ୍ରୟାସକୁ ଏହି ମାନ୍ୟତା ଆହୁରି ସୁଦୃଢ଼ କରିଛି। ଇଲେକ୍ଟ୍ରିକ୍ ବସ୍ ସେବା, ଚାର୍ଜିଂ ଭିତ୍ତିଭୂମି ଓ ଡିଜିଟାଲ୍ ମୋବିଲିଟି ସମାଧାନର ସମ୍ପ୍ରସାରଣ ମାଧ୍ୟମରେ ନାଗରିକଙ୍କ ପାଇଁ ଅଧିକ ସ୍ୱଚ୍ଛ, ଦକ୍ଷ ଓ ସୁଗମ ସାର୍ବଜନୀନ ପରିବହନ ବ୍ୟବସ୍ଥା ଗଠନ ଦିଗରେ କାର୍ଯ୍ୟ ଜାରି ରହିଛି।

# ୨୩ରୁ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

## ବଙ୍ଗୋପସାଗରରେ ଅବପାତ ଘନୀଭୂତ ହୋଇ ୨୩ରେ ଓଡ଼ିଶା-ଆନ୍ଧ୍ର ଉପକୂଳ ନିକଟରେ ପହଞ୍ଚିବ



ଭୁବନେଶ୍ୱର, : ଉତ୍ତର ଆଣ୍ଡାମାନ ସାଗର ଓ ସଂଲଗ୍ନ ଅଞ୍ଚଳରେ ଥିବା ଉପରି ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ପ୍ରଭାବରେ ଶନିବାର ସନ୍ଧ୍ୟା ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୧ ତାରିଖରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତ ଏବଂ ୨୨ ତାରିଖରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ପରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୩ ତାରିଖ ସକାଳ ସୁଦ୍ଧା ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ନିକଟରେ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ପହଞ୍ଚିବା ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ୨୩ରେ ୪ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ: ୨୩ ତାରିଖ ସକାଳଠାରୁ ୨୪ ତାରିଖ ସକାଳ ପର୍ଯ୍ୟନ୍ତ ଓଡ଼ିଶାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ସହ ବର୍ଷା ହୋଇପାରେ। କନ୍ଧମାଳ, ଗଜପତି, ଗଞ୍ଜାମ ଓ ପୁରୀରେ କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ଏବଂ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତିଭାରୀ ବର୍ଷା ସମ୍ଭାବନା ଥିବାରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଜଗତସିଂହପୁର, କଟକ, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଖୋର୍ଦ୍ଧା ଓ ନୟାଗଡ଼ରେ ମଧ୍ୟ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକରେ ଘଡ଼ଘଡ଼ି ସହ ୪୦ରୁ ୫୦ କିମି ବେଗରେ ଝଟକା ପବନ ବହିପାରେ। କନ୍ଧମାଳ, ଗଜପତି, ଗଞ୍ଜାମ ଓ ପୁରୀରେ ପବନର ବେଗ ୫୦ରୁ ୬୦ କିମି ପର୍ଯ୍ୟନ୍ତ ରହିପାରେ।ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୪ରେ ୩ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ: ୨୪ ତାରିଖ ସକାଳଠାରୁ ୨୫ ତାରିଖ ସକାଳ ପର୍ଯ୍ୟନ୍ତ କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ାରେ କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ଏବଂ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତିଭାରୀ ବର୍ଷା ହୋଇପାରେ। ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଓ ପୁରୀରେ ମଧ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତସିଂହପୁର, କଟକ, ବରଗଡ଼, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, ନୂଆପଡ଼ା, ଖୋର୍ଦ୍ଧା ଓ ନୟାଗଡ଼ରେ ପ୍ରବଳ ବର୍ଷା ପାଇଁ ୟେଲୋ ଆଲର୍ଟ ରହିଛି।୨୧ରୁ ସମୁଦ୍ର ଅଶାନ୍ତ: ଲଘୁଚାପ ଘନୀଭୂତ ହେବା ସହ ବଙ୍ଗୋପସାଗରରେ ପବନର ବେଗ ବଢ଼ିବ। ୨୧ ତାରିଖରେ ପୂର୍ବ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ପବନର ବେଗ ଘଣ୍ଟାପ୍ରତି ୪୫ରୁ ୫୫ କିମି, ଝଟକା ସହ ୬୫ କିମି ରହିପାରେ। ୨୨ରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ୫୦ରୁ ୬୦ କିମି, ଝଟକା ସହ ୭୦ କିମି ଏବଂ ୨୩ ତାରିଖରେ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ୫୫ରୁ ୬୫ କିମି, ଝଟକା ସହ ୭୫ କିମି ବେଗରେ ପବନ ବହିପାରେ। ୨୧ ସନ୍ଧ୍ୟା ସୁଦ୍ଧା କୂଳକୁ ଫେରିବାକୁ ପରାମର୍ଶ: ପାଣିପାଗ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ୨୦ରୁ ୨୨ ତାରିଖ ମଧ୍ୟରେ ପୂର୍ବ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗରକୁ ନଯିବାକୁ ପରାମର୍ଶ ଦିଆଯାଇଛି। ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତରପଶ୍ଚିମ ବଙ୍ଗୋପସାଗର ସମେତ ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳ ନିକଟ ସମୁଦ୍ରକୁ ନଯିବାକୁ କୁହାଯାଇଛି। ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନେ ୨୧ ତାରିଖ ସନ୍ଧ୍ୟା ସୁଦ୍ଧା କୂଳକୁ ଫେରିଆସିବାକୁ ପରାମର୍ଶ ଦିଆଯାଇଛି। ଲୋକଙ୍କୁ ପାଣିପାଗର ପରିବର୍ତ୍ତିତ ସ୍ଥିତି ଉପରେ ନଜର ରଖିବା ସହ ଆବଶ୍ୟକ ହେଲେ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦିଆଯାଇଛି। ବଜ୍ରପାତ ସମୟରେ ଗଛତଳେ ଆଶ୍ରୟ ନନେବା, ଜଳାଶୟଠାରୁ ଦୂରେ ରହିବା ଓ ଅନାବଶ୍ୟକ ଯାତ୍ରା ଏଡ଼ାଇବାକୁ କୁହାଯାଇଛି।

# ଭାପୁରରେ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ଭାପୁର: ଭାପୁର ଡାକବଙ୍ଗଳା ପରିସରରେ ନୟାଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ରଣଜିତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଅଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା ଓ ରାସ୍ତାଘାଟ ସମସ୍ୟାକୁ ନେଇ ଦଳ ପକ୍ଷରୁ ସରକାର ଓ ପ୍ରଶାସନ ଉପରେ ପ୍ରଶ୍ନ ଉଠାଯାଇଥିଲା। ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅବହେଳା ଯୋଗୁଁ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଦଳ ଅଭିଯୋଗ କରିଥିଲା। ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଯଦି କେହି ଦୋଷୀ ପ୍ରମାଣିତ ହୁଅନ୍ତି, ତାଙ୍କ ବିରୋଧରେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ କଂଗ୍ରେସ ଦାବି କରିଥିଲା। ଏଥିସହ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ, ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଓ ଶ୍ରେଣୀଗୃହର ଅଭାବ ଏବଂ ଅଞ୍ଚଳର ରାସ୍ତାଘାଟର ଦୁରବସ୍ଥା ପ୍ରସଙ୍ଗ ମଧ୍ୟ ଉଠାଯାଇଥିଲା। ଏହି ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଦଳ ପକ୍ଷରୁ ଦାବି କରାଯାଇଥିଲା। ସମସ୍ୟାଗୁଡ଼ିକର ସମାଧାନ ନହେଲେ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସମ୍ମିଳନୀରେ କଂଗ୍ରେସ ନେତାମାନେ କହିଥିଲେ।

# ଏନ୍‌ଏସ୍‌ଏରେ ପାଣ୍ଡେ ଗିରଫ

ଢେଙ୍କାନାଳ, : ପାର୍ବଣ ଋତୁରେ ଜିଲ୍ଲାରେ ଆଇନଶୃଙ୍ଖଳା ଓ ସାଧାରଣ ସୁରକ୍ଷା ବଜାୟ ରଖିବା ଲାଗି ଢେଙ୍କାନାଳ ପୁଲିସ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି। ବିଭିନ୍ନ ମାମଲାରେ ଜଡ଼ିତ ଥିବା ଢେଙ୍କାନାଳ ଟାଉନ୍ ଥାନା ଅନ୍ତର୍ଗତ ବାଜିଚୌକ ଅଞ୍ଚଳର ବିଶ୍ୱଜିତ ବେହେରା ଓରଫ ପାଣ୍ଡେ (୩୨)ଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ), ୧୯୮୦ ଅଧୀନରେ ଗିରଫ କରି ଜିଲ୍ଲା କାରାଗାରକୁ ପଠାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ପୁଲିସର ସୂଚନା ଅନୁଯାୟୀ, ପାଣ୍ଡେଙ୍କ ନାମରେ ୯ଟି ମାମଲା ରହିଛି। ତାଙ୍କ କାର୍ଯ୍ୟକଳାପ ଯୋଗୁଁ ସ୍ଥାନୀୟ ଅଞ୍ଚଳର ଶାନ୍ତିଶୃଙ୍ଖଳା ଓ ସାଧାରଣ ଜୀବନଯାପନ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ଏନ୍‌ଏସ୍‌ଏ ଅଧୀନରେ ଏହି ପଦକ୍ଷେପ ନିଆଯାଇଥିବା ପୁଲିସ କହିଛି। ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପୁଲିସ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏଥିସହ କୌଣସି ଗୁଜବ କିମ୍ବା ଉତ୍ତେଜନାମୂଳକ ସୂଚନାରେ ବିଶ୍ୱାସ ନକରିବାକୁ ପୁଲିସ ପରାମର୍ଶ ଦେଇଛି। ଆଗାମୀ ଦିନରେ ଗଣ୍ଡଗୋଳ ସୃଷ୍ଟି କରିବା କିମ୍ବା ସାମାଜିକ ଶାନ୍ତିଶୃଙ୍ଖଳା ଉପରେ ପ୍ରତିକୂଳ ପ୍ରଭାବ ପକାଇବା ଆଶଙ୍କା ଥିବା ବ୍ୟକ୍ତିଙ୍କ ବିରୋଧରେ ପ୍ରତିଷେଧମୂଳକ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ପୁଲିସ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।

# ମାଲକାନଗିରିରେ ଡି.ପି.ଆଇ.ଆଇ.ଟି. ଦ୍ୱାରା ତେଜସ କର୍ମଶାଳା ସଫଳତାର ସହ ଆୟୋଜିତ




ମାଲକାନଗିରି,୧୯/୯/୨୬(ମାନସ୍ ରଞ୍ଜନ୍ ନେତାମ୍)ଭାରତ ସରକାରଙ୍କ ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡି.ପି.ଆଇ.ଆଇ.ଟି.) ସୌଜନ୍ୟରୁ ମାଲକାନଗିରି ସ୍ଥିତ ସରକାରୀ ଆଇ.ଟି.ଆଇ. ଅଡିଟୋରିୟମଠାରେ ତେଜସ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଦେଶର ୧୩୨ଟି ଜିଲ୍ଲାରେ ଅଣ-ମେଟ୍ରୋ ଓ ଟାୟାର-୨/୩ ଅଞ୍ଚଳଗୁଡ଼ିକରେ ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରିବା ଏବଂ ତୃଣମୂଳ ସ୍ତରରେ ନବସୃଜନକୁ ସଶକ୍ତ କରିବା ଲକ୍ଷ୍ୟରେ ଏହି ଆଞ୍ଚଳିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଓଡ଼ିଶା, ଜି.ଆଇ.ଇ.ଟି. ବିଶ୍ୱବିଦ୍ୟାଳୟ, ସରକାରୀ ଆଇ.ଟି.ଆଇ. ମାଲକାନଗିରି, ଏ.ସି.ଆଇ.ସି. ଜି.ଆଇ.ଇ.ଟି.ୟୁ. ଏବଂ ପ୍ରମୁଖ ସ୍ଥାନୀୟ ଇକୋସିଷ୍ଟମ୍ ମିଳିତ ଭାବେ ସହଯୋଗ କରିଥିଲେ।ମାଲକାନଗିରି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଏହି କର୍ମଶାଳାର ଉଦ୍ଘାଟନ କରିଥିଲେ। ଏହାସହ ଜି.ଆଇ.ଇ.ଟି. ବିଶ୍ୱବିଦ୍ୟାଳୟର ଉପସଭାପତି ପ୍ରଫେସର ଡଃ ଚନ୍ଦ୍ର ଧ୍ୱଜ ପଣ୍ଡା, ଆଇ.ଟି.ଆଇ. ମାଲକାନଗିରିର ଅଧକ୍ଷ ସୁବାସ ଚନ୍ଦ୍ର ପରିଡ଼ା ଏବଂ ଏ.ସି.ଆଇ.ସି. ଜି.ଆଇ.ଇ.ଟି.ୟୁ. ର ସି.ଇ.ଓ. ରବୀନ୍ଦ୍ର ଯାଦବ ମଧ୍ୟ ଏହି ଅଧିବେଶନରେ ଉପସ୍ଥିତ ଥିଲେ। ଷ୍ଟାର୍ଟଅପ୍ ଇଣ୍ଡିଆର ସହଯୋଗୀ ସୀମା ଚରଣ ଡି.ପି.ଆଇ.ଆଇ.ଟି. ସ୍ୱୀକୃତି ଓ କେନ୍ଦ୍ରୀୟ ଯୋଜନା ବିଷୟରେ ବୁଝାଇଥିବା ବେଳେ ଷ୍ଟାର୍ଟଅପ୍ ଓଡ଼ିଶାର ମିଶନ୍ ଆସୋସିଏଟ୍ ଡଃ ରଶ୍ମି ରଞ୍ଜନ ବେହେରା ଓଡ଼ିଶା ଷ୍ଟାର୍ଟଅପ୍ ନୀତି ୨୦୧୬ ଏବଂ ରାଜ୍ୟ ସ୍ତରୀୟ ପ୍ରୋତ୍ସାହନ ଉପରେ ଆଲୋକପାତ କରିଥିଲେ।ଏହି ଅବସରରେ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ଆଇଡିଆରୁ ଉଦ୍ୟୋଗ ପର୍ଯ୍ୟନ୍ତ ଯାତ୍ରା ଏବଂ ଇନ୍‌କ୍ୟୁବେଟରର ଭୂମିକା ସମ୍ପର୍କରେ ଗ୍ରହଣଯୋଗ୍ୟ ଆଲୋଚନା ହୋଇଥିଲା। ଏସ.ଟି.ପି.ଆଇ. ର ନିବେଦିତ ଦେ ଆଞ୍ଚଳିକ ପ୍ରଯୁକ୍ତିବିଦ୍ୟା ଷ୍ଟାର୍ଟଅପ୍ ସହାୟତା ବିଷୟରେ ଜଣାଇଥିଲେ। ଏହା ସହିତ ଏଚ.ସି.ଏଲ. ଟେକ୍ ର ଏ.ଆଇ. ଟ୍ରାନ୍ସଫର୍ମେସନ୍ ମ୍ୟାନେଜର ଶିବ ସୁବ୍ରମଣ୍ୟମ୍ ଆଗାମୀ ଦିନରେ ସୋଭରେନ୍ ଏ.ଆଇ.ର ଆବଶ୍ୟକତା ଓ ଆଞ୍ଚଳିକ ପ୍ରଭାବ ଉପରେ ଏକ ବୈଷୟିକ ଉପସ୍ଥାପନା ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମର ଶେଷରେ ମାଲକାନଗିରି ଜିଲ୍ଲା ଶିଳ୍ପ କେନ୍ଦ୍ରର ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳା ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତ@୨୦୪୭ ର ସ୍ୱପ୍ନକୁ ସାକାର କରିବା ସହ ଗ୍ରାମାଞ୍ଚଳ ଓ ଛୋଟ ସହରଗୁଡ଼ିକରେ ନୂତନ ଉଦ୍ୟୋଗ ସୃଷ୍ଟି କରିବାରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

# ମହେନ୍ଦ୍ର ତନୟା ସାହିତ୍ୟ ସଂସଦ ପକ୍ଷରୁ ଅତିବଡ଼ି ଜଗନ୍ନାଥ ଦାସ ଜୟନ୍ତୀ ପାଳିତ



ପାରଳାଖେମୁଣ୍ଡି:-(ରାଜେନ୍ଦ୍ର କୁମାର ରଥଙ୍କ ରିପୋର୍ଟ) ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଅନ୍ତର୍ଗତ ମହେନ୍ଦ୍ର ତନୟା ସାହିତ୍ୟ ସଂସଦ, ପାରଳାଖେମୁଣ୍ଡି, ଗଜପତି ଶାଖା ପକ୍ଷରୁ ଅତିବଡ଼ି ଜଗନ୍ନାଥ ଦାସ ଜୟନ୍ତୀ ଉତ୍ସବ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସାହିତ୍ୟ, ଭାଗବତ ପରମ୍ପରା ଓ ଓଡ଼ିଆ ଜନଜୀବନରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଅବଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ଉତ୍ସବ ଆୟୋଜିତ ହୋଇଥିଲା । ଏହି ଅବସରରେ ସଂସଦର ସଦସ୍ୟାମାନେ ସମବେତ ଭାଗବତ ପାଠ କରିଥିଲେ। ଶ୍ରୀ ଶଶିଭୂଷଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶ୍ରୀ ମନୋଜ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ସଂସଦର ସମ୍ପାଦକ ଶ୍ରୀ ସରୋଜ କୁମାର ପଣ୍ଡା ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିଲେ।ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟା ତଥା ଅବସରପ୍ରାପ୍ତ ଅଧ୍ୟାପିକା ଡ଼ଃ କଲ୍ୟାଣୀ ମିଶ୍ର ଯୋଗଦେଇ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୀବନୀ ଓ ଓଡ଼ିଆ ଭାଗବତର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ‘ଉପାନ୍ତ ପ୍ରହରୀ’ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ତାଙ୍କ ବକ୍ତବ୍ୟରେ ସମସ୍ତେ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ ପାଠ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।ବର୍ତ୍ତମାନ ସମାଜରେ ଅସ୍ଥିରତା ବୃଦ୍ଧି ପାଉଛି, ତେଣୁ ସମସ୍ତେ ଭାଗବତ ପଠନ କରି ଜୀବନରେ ତାର ମୂଲ୍ୟବୋଧକୁ ଆପଣାଇବାର ସମୟ ଆସିଛି ବୋଲି ପ୍ରକାଶ କରିଥିଲେ। ଏଥି ସହିତ ଗାଁ ଗାଁରେ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର କରିବାକୁ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ରହିଛି ବୋଲି କହିଥିଲେ। ବକ୍ତା ପଣ୍ଡିତ ଶ୍ରୀ କୁମୁଦ ରଞ୍ଜନ ଦାଶ ଅତିବଡ଼ି ଜଗନ୍ନାଥ ଦାସଙ୍କ ସାହିତ୍ୟ, ଭାଗବତ ପରମ୍ପରା ଓ ଓଡ଼ିଆ ସଂସ୍କୃତି ପ୍ରତି ତାଙ୍କର ଅବଦାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସଭାପତି ଶ୍ରୀମତୀ ଆଶାଲତା ପାଣିଗ୍ରାହୀ ନିଜ ଅଭିଭାଷଣରେ ଜଗନ୍ନାଥ ଦାସଙ୍କ ଜୀବନୀ, ଭାଗବତ ଓ ଭାଗବତ ଟୁଙ୍ଗୀର ସୁପ୍ରଭାବ ଅତୀତରେ ସାମାଜିକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ରହୁଥିଲା ବୋଲି ବର୍ଣ୍ଣନା କରିଥିଲେ।ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ଓ ସଂଯୋଜନା ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ସମ୍ପାଦକ ଶ୍ରୀ ରାଜେନ୍ଦ୍ର କୁମାର ରଥ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ ଓ ଭାଗବତ ଆବୃତ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ମନୋଜ କୁମାର ପଣ୍ଡା ଓ ଶ୍ରୀ ରାଜେନ୍ଦ୍ର ପଢିଆରୀ ପରିଚାଳନା କରିଥିଲେ।ଶେଷରେ ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ଶ୍ରୀମତୀ ବରଦା ଆଚାର୍ଯ୍ୟ ଅତିଥିବୃନ୍ଦ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଅତିବଡ଼ ଜଗନ୍ନାଥ ଦାସଙ୍କ ସାହିତ୍ୟିକ ଓ ଆଧାତ୍ମିକ ଅବଦାନକୁ ନୂତନ ପିଢ଼ିଙ୍କ ନିକଟରେ ପହଞ୍ଚାଇବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧିରେ ଏହି ଉତ୍ସବ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସାହିତ୍ୟ ପ୍ରେମୀମାନେ ମତ ପ୍ରକାଶ କରିଥିଲେ।

# ନୂଆପଡ଼ାରେ ଦିବ୍ୟାଙ୍ଗ ଜୀବିକା ସହାୟତାର ଦ୍ୱିତୀୟ କିସ୍ତି ପ୍ରଦାନ



ନୂଆପଡ଼ା, ତା. ୨୦/୦୯:ଦିବ୍ୟାଙ୍ଗଜନଙ୍କ ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ୭୫ ଜଣ ହିତାଧିକାରୀଙ୍କୁ ଜୀବିକା ସହାୟତାର ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଛି ।ପ୍ରତ୍ୟେକ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାବେଳେ ମୋଟ ୩ ଲକ୍ଷ ୭୫ ହଜାର ଟଙ୍କା ବଣ୍ଟନ କରାଯାଇଛି। ଏହି ସହାୟତା ମାଧ୍ୟମରେ ହିତାଧିକାରୀମାନେ ସେମାନଙ୍କ ଜୀବିକାକୁ ସୁଦୃଢ଼ କରିବା ସହ ଛୋଟ ଆୟବର୍ଦ୍ଧକ କାର୍ଯ୍ୟ ଆରମ୍ଭ କରି ନିଜର ଆର୍ଥିକ ସ୍ୱାବଲମ୍ବନ ବଢ଼ାଇପାରିବେ ।ଦିବ୍ୟାଙ୍ଗଜନଙ୍କ କଲ୍ୟାଣ, ସାମାଜିକ ସୁରକ୍ଷା ଓ ପୁନର୍ବାସନ ପାଇଁ ଜିଲ୍ଲା ପ୍ରଶାସନର ନିରନ୍ତର ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ। ସହାୟତା ପାଇଥିବା ହିତାଧିକାରୀମାନେ ଏଥିପାଇଁ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇବା ସହ ଏହି ସହାୟତା ସେମାନଙ୍କୁ ନିଜ ଜୀବିକାକୁ ଆଗକୁ ବଢ଼ାଇବାରେ ଓ ସମ୍ମାନର ସହିତ ଜୀବନଯାପନ କରିବାରେ ସହାୟକ ହେବ ବୋଲି ପ୍ରକାଶ କରିଛନ୍ତି।

# ଗୋଡ଼ଭଗାରେ ନାଗରିକ କମିଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ୨୦ତମ ବର୍ଷରେ ବହୁ ପ୍ରତିଭା ସମ୍ମାନିତ



ବରଗଡ଼ ୨୦/୦୯ (ଯୁଧିଷ୍ଠିର ମହାପାତ୍ର) -- ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ଗୋଡ଼ଭଗା ନାଗରିକ କମିଟି ପକ୍ଷରୁ ୨୦ତମ ନୂଆଁଖାଇ ଭେଟ୍‌ଘାଟ୍ ମହାସମାରୋହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଗୋଡ଼ଭଗା ମା’ ସମଲେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି ଉତ୍ସବରେ ଭାଇଚାରାର ଅନନ୍ୟ ନିଦର୍ଶନ ଦେଖିବାକୁ ମିଳିଥିଲା। ୨୦୦୭ ମସିହାରୁ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ନିରବଚ୍ଛିନ୍ନ ଭାବେ ୨୦ ବର୍ଷ ଧରି ଏହି ପରମ୍ପରାକୁ ବଜାୟ ରଖିଛି। କମିଟିର ସଭାପତି ସୁରେଶ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭିସୁଟ୍, ବୁର୍ଲାର ଅବସରପ୍ରାପ୍ତ ପ୍ରଫେସର ଡ. ରାହାସ ବିହାରୀ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ବରଗଡ଼ ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ନିର୍ଦ୍ଦେଶକ ତଥା ସମାଜସେବୀ ଫକୀର କର୍ଣ୍ଣ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଫେସର ପଣ୍ଡା ନୂଆଁଖାଇ ଭେଟ୍‌ଘାଟ୍ କିପରି ଏକ ନୂତନ ସାମାଜିକ ପରମ୍ପରା ସୃଷ୍ଟି କରିଛି ସେ ସମ୍ପର୍କରେ ଅନେକ ରୋଚକ ତଥ୍ୟ ଉପସ୍ଥାପନ କରି ସମସ୍ତଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ କର୍ଣ୍ଣ କହିଥିଲେ, ’ନୂଆଁଖାଇ ଭେଟ୍‌ଘାଟ୍ କେବଳ ଏକ ଭେଟ ନୁହେଁ, ଏହା ହୃଦୟକୁ ହୃଦୟ ସହ ଯୋଡିବାର ପର୍ବ।‘ ଏହି ପରିପ୍ରେକ୍ଷୀରେ ଅଞ୍ଚଳର ବହୁ ପ୍ରତିଭାଙ୍କୁ ଉପଢୌକନ ଓ ମେମେଣ୍ଟୋ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷା ଗୌରବରେ ସି ବାରିକ, ସୌରଭ ସୁନ୍ଦର ବିଶୋଇ, ଓମ୍ ଶିବୁଲାଲ ବେହେରା, ପ୍ରିୟାଂଶି ବସ୍ତିଆ ଓ ପ୍ରୀତି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ସେହିପରି ବିଳାସିନୀ ବାରିକ ସ୍ମୃତି ସମ୍ମାନରେ ଯୁବ ଚାଷୀ ମାନଭଞ୍ଜନ ଦାଶ (ପପୁ), ନଟବର ଜେନା ଯୁବ ପ୍ରତିଭା ସମ୍ମାନରେ ନିକିତା ବେହେରା, କେଶବ ପ୍ରଧାନ ସ୍ମୃତି ସମ୍ମାନରେ ଖବରଦାତା ଯୁଧିଷ୍ଠିର ମହାପାତ୍ର, କରୁଣାକର ସ୍ମୃତି ସମ୍ମାନରେ ଡା. ଚିତ୍ତରଞ୍ଜନ ଜେନା ଓ ସମୀକ୍ଷା ତ୍ରିପାଠୀ, ବିପିନ ବିହାରୀ ପ୍ରଧାନ ସ୍ମୃତି ସମ୍ମାନରେ ସମାଜସେବୀ ନାରାୟଣ ଭୋଇ, ସୁଜାତା ନାୟକ ଯୁବ ପ୍ରତିଭା ସମ୍ମାନରେ ଜସ୍ମିନ ମହାପାତ୍ର ଏବଂ ମରଣୋତ୍ତର ସାରସ୍ୱତ ସମ୍ମାନରେ ସ୍ୱର୍ଗତ ହାରାଧନ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମଧୁସୂଦନ ଶର୍ମା ସୁନ୍ଦର ଭାବେ ପରିଚାଳନା କରିଥିଲେ।

# ବଜ୍ରପାତରେ ୧୦ ଗୋରୁ ମୃତ, କ୍ଷତିପୂରଣ ପାଇଁ ଦାବି



ବୈପାରିଗୁଡା: ( ବିକ୍ରାନ୍ତ କୁମାର ବେବର୍ତ୍ତା )କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକ ଅନ୍ତର୍ଗତ କୋଲାର ଗ୍ରାମପଞ୍ଚାୟତର ଏକଲବ୍ୟ ବିଦ୍ୟାଳୟ ପଡ଼ିଆ ନିକଟରେ ବଜ୍ରପାତ ଘଟି ୧୦ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ମୃତ ଗୋରୁମାନଙ୍କ ମଧ୍ୟରେ ୮ଟି ବଳଦ ଓ ୨ଟି ମଇଁଷି ଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଅପରାହ୍ନ ସମୟରେ ଗୋରୁମାନେ ଉକ୍ତ ପଡ଼ିଆରେ ଚରୁଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ପଡ଼ିଆରେ ଥିବା ଗୋରୁମାନେ ଏହାର ଶିକାର ହୋଇଥିଲେ। ଘଟଣା ପରେ ସ୍ଥାନୀୟ ନାଏବ ସରପଞ୍ଚ ରାମ ବାରିକ, ବାବୁଲା ଖାନ୍ ଓ ଅନ୍ୟ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ୧୦ଟି ଗୋରୁ ମରିପଡ଼ିଥିବା ଦେଖିଥିଲେ। ମୃତ ଗୋରୁମାନଙ୍କ ମଧ୍ୟରୁ ବଡ଼ାଗୁଡ଼ା ଗ୍ରାମର ଭଗବାନ ନାୟକଙ୍କ ୪ଟି, ଗବୁରୁ ନାୟକଙ୍କ ୩ଟି, ରନ୍ନ ନାୟକଙ୍କ ୨ଟି ଓ ଦାଲିଆ ନାୟକଙ୍କ ୧ଟି ଗୋରୁ ଥିବା ଜଣାପଡ଼ିଛି ।ଘଟଣା ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଛି। କ୍ଷୟକ୍ଷତିର ଆକଳନ କରି ଗୋମାଲିକମାନଙ୍କୁ ସରକାରୀ ନିୟମ ଅନୁଯାୟୀ ଶୀଘ୍ର କ୍ଷତିପୂରଣ ଓ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଘଟଣାକୁ ନେଇ ଗୋମାଲିକମାନଙ୍କ ମଧ୍ୟରେ ଗଭୀର ଦୁଃଖ ପ୍ରକାଶ ପାଇଛି।

# ଗୁହାଳରେ ବଳଦ ବାନ୍ଧୁଥିବା ବେଳେ ବଜ୍ରାଘାତ, ବୃଦ୍ଧ ଓ ବଳଦ ମୃତ



ଆର, ଉଦୟଗିରି ୨୦.୯(ମନୋଜ କୁମାର ପାଢୀ)- ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ତରାମାଳ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ପ୍ରବଳ ବର୍ଷା ସହ ବଜ୍ରପାତ ଯୋଗୁଁ ଜଣେ ୭୦ ବର୍ଷୀୟ ବୃଦ୍ଧ ଓ ତାଙ୍କ ବଳଦର ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ହେଲେ ତରାମାଳ ଗ୍ରାମର ଜାବି ମଳିକ। ସୂଚନା ଅନୁଯାୟୀ, ଅପରାହ୍ନରେ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘନ ଘନ ବଜ୍ରପାତ ହେଉଥିଲା। ପ୍ରତିଦିନ ଭଳି ଜାବି ମଳିକ ଗୋରୁ ଚରାଇ ଘରକୁ ଫେରିଥିଲେ। ବର୍ଷା ବଢ଼ିବାରୁ ସେ ନିଜ ବଳଦକୁ ଗୁହାଳରେ ବାନ୍ଧୁଥିବା ବେଳେ ହଠାତ୍ ଏକ ପ୍ରଚଣ୍ଡ ବଜ୍ରପାତ ହୋଇଥିଲା। ବଜ୍ରାଘାତରେ ବୃଦ୍ଧ ଓ ବଳଦ ଗୁରୁତର ଭାବେ ପ୍ରଭାବିତ ହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ ।ପ୍ରଚଣ୍ଡ ଶବ୍ଦ ଶୁଣି ପରିବାର ଲୋକ ଓ ଗ୍ରାମବାସୀ ଦୌଡ଼ି ଆସିଥିଲେ। ସେମାନେ ବୃଦ୍ଧ ଓ ବଳଦକୁ ନିଷ୍ପ୍ରାଣ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଘଟଣା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।ଖବର ପାଇ ସ୍ଥାନୀୟ ଲୋକେ ପ୍ରଶାସନକୁ ସୂଚନା ଦେଇଥିବା ବେଳେ ବାର୍ତ୍ତା ଲେଖାହେବା ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିବା ଜଣାପଡ଼ିଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# କୋରାପୁଟର ଫୁଟବଲ ପ୍ରତିଭା ପାଇଁ ସ୍ପୋର୍ଟସ୍ ହଷ୍ଟେଲ୍ ପ୍ରତିଷ୍ଠା ଦାବି



କୋରାପୁଟ: ଫୁଟବଲ୍ ପ୍ରତି ଅପାର ଆଗ୍ରହ ଓ ପ୍ରତିଭା ଥିବା ସତ୍ତ୍ୱେ ଜିଲ୍ଲାର ଅନେକ ଗ୍ରାମାଞ୍ଚଳର ଯୁବ ଖେଳାଳି ଆଜି ବି ମୌଳିକ କ୍ରୀଡ଼ା ସୁବିଧାରୁ ବଞ୍ଚିତ। ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲ୍ଲା ସଦର ମହକୁମାରେ ଏକ ସ୍ୱତନ୍ତ୍ର ସରକାରୀ ଫୁଟବଲ୍ ସ୍ପୋର୍ଟସ୍ ହଷ୍ଟେଲ୍ ପ୍ରତିଷ୍ଠା ପାଇଁ ଦାବି ଜୋର ଧରିଛି ।କୋରାପୁଟର ଆଦିବାସୀ ଓ ଗ୍ରାମାଞ୍ଚଳର ଯୁବପିଢ଼ି ଫୁଟବଲ୍ ପ୍ରତି ଗଭୀର ଆଗ୍ରହ ରଖିଥିବା ବେଳେ ଉପଯୁକ୍ତ ପଡ଼ିଆ, ପ୍ରଶିକ୍ଷଣ, କ୍ରୀଡ଼ା ସାମଗ୍ରୀ, ପୁଷ୍ଟିକର ଖାଦ୍ୟ ଓ ଆଧୁନିକ ଜିମ୍ ସୁବିଧାର ଅଭାବ ଯୋଗୁଁ ଅନେକ ପ୍ରତିଭା ଅପ୍ରକାଶିତ ରହିଯାଉଛି। କୋଟପାଡ଼,ଲକ୍ଷ୍ମୀପୁର, ସେମିଳିଗୁଡା,ଲମତାପୁଟ, ବୋରିଗୁମ୍ମା,କୋରାପୁଟ ସଦର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଶତାଧିକ ଯୁବ ଖେଳାଳି ଆଜି ବି ଗ୍ରାମର ସାଧାରଣ ଓ ଅନୁନ୍ନତ ପଡ଼ିଆରେ ଅଭ୍ୟାସ କରୁଛନ୍ତି ।ଏଭଳି ପରିସ୍ଥିତିରେ କୋରାପୁଟର ଯୁବ ଫୁଟବଲ୍ ଖେଳାଳି ଜିତୁ ମୁଦୁଲିଙ୍କ ସନ୍ତୋଷ ଟ୍ରଫି ଭଳି ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ଅଗ୍ରସର ହେବାର ସଫଳତା ଜିଲ୍ଲାର କ୍ରୀଡ଼ାପ୍ରତିଭାର ଏକ ଉଜ୍ଜ୍ୱଳ ଉଦାହରଣ। ମୌଳିକ ସୁବିଧା ଓ ଆନୁଷ୍ଠାନିକ ପ୍ରଶିକ୍ଷଣର ଅଭାବ ସତ୍ତ୍ୱେ ନିଜ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତିରେ ସେ ଏହି ସଫଳତା ହାସଲ କରିଛନ୍ତି। ଏଥିସହ କୋରାପୁଟରୁ ଶ୍ରୀକାନ୍ତ ଗାଦବା, କାର୍ତ୍ତିକ ହନ୍ତାଳ, ସଞ୍ଜିତ ଖରା, ଅଭି ମୁଦୁଲି ଓ ରବି ଦେଓଲପଡ଼ିଆଙ୍କ ଭଳି ଖେଳାଳି ରାଜ୍ୟ ଓ ଜାତୀୟସ୍ତରରେ ଜିଲ୍ଲାର ନାମକୁ ଗୌରବାନ୍ୱିତ କରିଛନ୍ତି ।କୋରାପୁଟ ଜିଲ୍ଲା ସଦର ମହକୁମାରେ ଏକ ଆବାସିକ ଫୁଟବଲ୍ ସ୍ପୋର୍ଟସ୍ ହଷ୍ଟେଲ୍ ପ୍ରତିଷ୍ଠା ହେଲେ ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରୁ ପ୍ରତିଭାବାନ ଖେଳାଳିମାନେ ଏକ କେନ୍ଦ୍ରୀୟ ସୁବିଧା ପାଇପାରିବେ। ମାଗଣା ଆବାସ, ସୁସଂଗଠିତ ଖାଦ୍ୟ ବ୍ୟବସ୍ଥା, ଶିକ୍ଷା, ବୈଜ୍ଞାନିକ ପ୍ରଶିକ୍ଷଣ, ଆଧୁନିକ କ୍ରୀଡ଼ା ଉପକରଣ ଓ ଅଭିଜ୍ଞ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନ ମିଳିଲେ ଗ୍ରାମାଞ୍ଚଳର ଅନେକ ପ୍ରତିଭା ରାଜ୍ୟ ଓ ଜାତୀୟସ୍ତରରେ ନିଜ ଦକ୍ଷତା ପ୍ରଦର୍ଶନ କରିପାରିବେ ।ଓଡ଼ିଶାକୁ କ୍ରୀଡ଼ାର ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବା ଦିଗରେ ଯେଉଁ କ୍ରୀଡ଼ା ଭିତ୍ତିଭୂମି ବିକଶିତ ହୋଇଛି, ତାହାର ସୁଫଳ କୋରାପୁଟ ଭଳି ଦୁର୍ଗମ ଜିଲ୍ଲାର ପ୍ରତିଭାମାନଙ୍କ ନିକଟରେ ପହଞ୍ଚାଇବା ନେଇ ଏହି ଦାବି ଉଠିଛି। ଏହା ଦ୍ୱାରା କୋରାପୁଟ ଆଗାମୀ ଦିନରେ ଓଡ଼ିଶା ତଥା ଭାରତୀୟ ଫୁଟବଲ୍ ପାଇଁ ଏକ ପ୍ରମୁଖ ପ୍ରତିଭା ଉତ୍ପାଦନ କେନ୍ଦ୍ର ଭାବେ ଉଭା ହୋଇପାରିବ ବୋଲି କ୍ରୀଡ଼ାପ୍ରେମୀମାନେ ଆଶା ପ୍ରକାଶ କରିଛନ୍ତି ।ତେଣୁ କୋରାପୁଟ ଜିଲ୍ଲା ସଦର ମହକୁମାରେ ଶୀଘ୍ର ସରକାରୀ ଫୁଟବଲ୍ ସ୍ପୋର୍ଟସ୍ ହଷ୍ଟେଲ୍ ପ୍ରତିଷ୍ଠା ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି କ୍ରୀଡ଼ାବିତ୍ ଏବଂ ସାମାଜିକ କର୍ମୀ କାମାକ୍ଷା ପ୍ରସାଦ ମାଝୀ।

# ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ବିରୋଧୀ ଅଭିଯାନ ଜାରି, ୬ ଜଣ ଅଟକ



ପାରଳାଖେମୁଣ୍ଡି:-(ରାଜେନ୍ଦ୍ର କୁମାର ରଥଙ୍କ ରିପୋର୍ଟ)ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଓ ଉପଦ୍ରବ ବିରୋଧରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ଅଭିଯାନ ଜାରି ରହିଛି। ଏହି କ୍ରମରେ ୧୯ ସେପ୍ଟେମ୍ବର ୨୦୨୬ ସନ୍ଧ୍ୟାରେ ପୋଲିସର ପାଟ୍ରୋଲିଂ ଟିମ୍ ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ କରି ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରୁଥିବା ଅଭିଯୋଗରେ ସାଇ ଶଙ୍କର ପାତ୍ର (୨୪), ରାହୁଲ (୨୧), ଦିପୁନ ସାହୁ (୨୨), ହରିଶ ବେହେରା (୩୨), ମୁନା ପଲାଇ (୩୨) ଓ ଗୋରାନି କ୍ରିଷ୍ଣା (୪୬)ଙ୍କୁ ଠାବ କରାଯାଇଥିଲା। ପରେ ସମସ୍ତ ୬ ଜଣଙ୍କୁ ପାରଳାଖେମୁଣ୍ଡି ଥାନାକୁ ଅଣାଯାଇ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ସର୍ବସାଧାରଣ ସ୍ଥାନରେ ମଦ୍ୟପାନ, ଉପଦ୍ରବ ଓ ଜନଶାନ୍ତି ଭଙ୍ଗ ଭଳି କାର୍ଯ୍ୟକଳାପକୁ ରୋକିବା ପାଇଁ ଗଜପତି ପୋଲିସ ପକ୍ଷରୁ ପାଟ୍ରୋଲିଂ ଓ ଯାଞ୍ଚକୁ ଆହୁରି ଜୋରଦାର କରାଯିବ ବୋଲି କୁହାଯାଇଛି। ସହରରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ପରିବେଶ ବଜାୟ ରଖିବାରେ ପୋଲିସକୁ ସହଯୋଗ କରିବା ସହ ସର୍ବସାଧାରଣ ସ୍ଥାନରେ ମଦ୍ୟପାନରୁ ବିରତ ରହିବାକୁ ଜନସାଧାରଣଙ୍କୁ ପୋଲିସ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# କଇଠପଦର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ



ପାରଳାଖେମୁଣ୍ଡି:-(ରାଜେନ୍ଦ୍ର କୁମାର ରଥଙ୍କ ରିପୋର୍ଟ) ରାୟଗଡ଼ ବ୍ଲକ ଅନ୍ତର୍ଗତ କଇଠପଦରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ପାଳିତ ହୋଇଯାଇଛି ।ଏହି ଅବସରରେ ଅତିଥି ଭାବେ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଗଜପତି ଜିଲ୍ଲା ପରିଷଦ ଅଧକ୍ଷ ଗାବରା ତିରୁପତି ରାଓ, ରାୟଗଡ଼ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦୟାମୟ ପାଢ଼ୀ, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ୱାଇ. କ୍ରିଷ୍ଣାରାଓ ପ୍ରମୁଖ ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ସମସ୍ତ ୭ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ/ଅଧକ୍ଷା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରତି ଉତ୍ସାହିତ କରିବା ସହ ନିଷ୍ଠା ଓ ପରିଶ୍ରମରେ ଅଧ୍ୟୟନ କରି ନିଜ ନିଜର ସୁନ୍ଦର ଭବିଷ୍ୟତ ଗଢ଼ିବା ସହ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ।

# ଚିତ୍ରଗୁପ୍ତ ସେବା ସମିତିର ସାଧାରଣ ସଭା : ନୂତନ କାର୍ଯ୍ୟନିର୍ବାହୀ କମିଟି ଗଠନ, ସଭାପତି ଦୟାସାଗର ଓ ସମ୍ପାଦକ ସନ୍ତୋଷ

ଟିଟିଲାଗଡ଼, ତା ୨୦/୦୯/୨୬ (ଭଗବାନ ମହାନ୍ତି):ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ସ୍ଥିତ ଚିତ୍ରଗୁପ୍ତ କଲ୍ୟାଣ ମଣ୍ଡପରେ କରଣ ସମାଜର ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ବସମ୍ମତିକ୍ରମେ ନୂତନ କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇଛି ।ଏହି କମିଟି ଆଗାମୀ ଦୁଇ ବର୍ଷ ପାଇଁ କାର୍ଯ୍ୟ କରିବା ସହ କରଣ ସମାଜ, ଟିଟିଲାଗଡ଼ର ପ୍ରଗତି, ବିକାଶ ଓ ସାମାଜିକ କଲ୍ୟାଣ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବ ।ନୂତନ କମିଟିର କର୍ମକର୍ତ୍ତାମାନେ ହେଲେ ସଭାପତିଦୟାସାଗର ପଟ୍ଟନାୟକ,ଉପ-ସଭାପତି ରାମନାରାୟଣ ବୋହିଦାର (ସୁଭାଷ),ସମ୍ପାଦକ ସନ୍ତୋଷ ମହାନ୍ତି,ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି,କୋଷାଧ୍ୟକ୍ଷ ଶ୍ରୀମତୀ ଶେଫାଳୀ ପଟ୍ଟନାୟକ ।କାର୍ଯ୍ୟନିର୍ବାହୀ ସଦସ୍ୟ ଚକ୍ରପାଣି ପଟ୍ଟନାୟକ, ଜିତେନ ପଟ୍ଟନାୟକ, ଦିବାକର ପଟ୍ଟନାୟକ (ଦେବୁ), ତାରକେଶ୍ୱର ପଟ୍ଟନାୟକ (ବଡ଼ବାବୁ), ଗଣେଶ ପ୍ରସାଦ ମହାନ୍ତି, ପ୍ରଶାନ୍ତ କୁମାର ପଟ୍ଟନାୟକ, ଚିନ୍ତାମଣି ପଟ୍ଟନାୟକ, ଗୌରୀଶଙ୍କର ପଟ୍ଟନାୟକ, ନିରୋଜ ପଟ୍ଟନାୟକ, ସୌମେନ୍ଦ୍ର ପଟ୍ଟନାୟକ (ଗାନୁ), ସନ୍ତୋଷ ପଟ୍ଟନାୟକ ।ପରାମର୍ଶଦାତା ଶଙ୍କର୍ଷଣ ପଟ୍ଟନାୟକ, ସୀତାରାମ ପଟ୍ଟନାୟକ, ଶଶିଧର ପଟ୍ଟନାୟକ ।ଆଇନ ପରାମର୍ଶଦାତା ପ୍ରଦୀପ ମହାନ୍ତି ଓ ମହେଶ କୁମାର ମହାନ୍ତି ।‘ଏକତା ଆମର ଶକ୍ତି, ସେବା ଆମର ସଙ୍କଳ୍ପ ଏବଂ ସମାଜର ପ୍ରଗତି ଆମର ଲକ୍ଷ୍ୟ’ ବୋଲି ନୂତନ କମିଟି ପ୍ରକାଶ କରିଛି ।କାର୍ଯ୍ୟକ୍ରମ ଶେଷରେ ଚିତ୍ରଗୁପ୍ତ ସେବା ସମିତିର ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



# ମାଡ଼ିଗଲାଣି ପ୍ଲାଷ୍ଟିକର ବିଷ ବଳୟ

## ବଜାରଘାଟରେ ହାଉଜାଉ, ପ୍ଲାଷ୍ଟିକମୁକ୍ତ ବଜାର ଧୂଆଁବାଣ



ଭୁବନେଶ୍ୱର : ପବିତ୍ର ଗାନ୍ଧୀ ଜୟନ୍ତୀରେ ଭୁବନେଶ୍ୱର ସମେତ ୫ ମହାନଗର ନିଗମରେ ପଲିଥିନ୍ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାରରେ ଓଡ଼ିଶା ସରକାର କଟକଣା ଲଗାଇଥିଲେ। ଲକ୍ଷ୍ୟ ଥିଲା, ପ୍ଲାଷ୍ଟିକ୍‌ର ବିଷ ବଳୟରୁ ଓଡ଼ିଶାକୁ ମୁକ୍ତ କରିବା। ଆରମ୍ଭରୁ ଏଥିପାଇଁ ଘନ ଘନ ଚଢ଼ଉ ହେଲା। ଦୋକାନ, ବଜାରରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ପଲିଥିନ୍ ଜବତ ହେଲା। କିନ୍ତୁ ସେ ଜାଣତରେ ହେଉ କି ଅଜାଣତରେ, ମୂଳରେ ପହଞ୍ଚିବାକୁ ଚେଷ୍ଟା କଲେନି ଟିମ୍। ଯେଉଁମାନେ ପଲିଥିନ୍ ଉତ୍ପାଦନ କରି ବଜାରକୁ ଛାଡୁଛନ୍ତି, ସେମାନଙ୍କୁ ଧରାଗଲାନି। ଏଣୁ କଟକଣାର ୭ ବର୍ଷ ପରେ ବି ସ୍ଥିତି ଯଥାପୂର୍ବଂ ତଥା ପରଂ। ଏହି କଟକଣା କେବଳ ଲୋକ ଦେଖାଣିଆ ହୋଇ ରହିଯାଇଛି। ଚଢ଼ଉ କୋହଳ ଥିବାରୁ ପୁଣି ବିପୁଳ ପଲିଥିନ୍ ବଜାରରେ ପ୍ରବେଶ କଲାଣି ଓ ବଜାରଘାଟ ଚାରିଆଡ଼େ ଅବାଧ ବ୍ୟବହାର ବଢ଼ିଗଲାଣି। ପାର୍ବଣରେ ଏହାର ବ୍ୟବହାର ଅଧିକ ବଢ଼ିଗଲାଣି। ଯାହା ହାତକୁ ଦେଖିଲେ, ନିଷିଦ୍ଧ ପଲିଥିନ୍।ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମରୁ ପ୍ରତିବର୍ଷ ୨୦ହଜାର ଟନ୍‌ରୁ ଅଧିକ ପ୍ଲାଷ୍ଟିକ ଆବର୍ଜନା ବାହାରୁଛି। ଯାହା ଭୁବନେଶ୍ୱର ମହାନଗର ନିଗମରୁ ସଂଗୃହୀତ ଆବର୍ଜନାର ପ୍ରାୟ ୬୦ ପ୍ରତିଶତ। ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମଗିରି ଓ ରାଉରକେଲା, ୫ ମହାନଗର ନିଗମ ଭିତରେ ଭୁବନେଶ୍ୱରରୁ ସର୍ବାଧିକ ପ୍ଲାଷ୍ଟିକ ଆବର୍ଜନା ବାହାରୁଛି।୨୦୧୯ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ରାଜ୍ୟର ଏହି ୫ ମହାନଗର ନିଗମରେ ପଲିଥିନ୍ ବ୍ୟବହାର ସଂପୂର୍ଣ୍ଣ ନିଷେଧ କରାଯାଇଥିଲା। ପୂର୍ବରୁ ମାଟିରେ ମିଶୁନଥିବା ୫୦ ମାଇକ୍ରନ୍ ପଲିଥିନ୍ ବ୍ୟବହାରରେ କେନ୍ଦ୍ର ସରକାର କଟକଣା ଲଗାଇଥିଲେ। ୨୦୨୧ରେ ନୂଆ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ନିୟମ ଆସିବା ପରେ ୨୦୨୨ ଡିସେମ୍ବରରୁ ୧୨୦ ମାଇକ୍ରନ୍ ପଲିଥିନ୍ ବ୍ୟବହାର ନିଷେଧ କରିଛନ୍ତି। ସେପଟେ ବିଭିନ୍ନ ସହରାଞ୍ଚଳରେ ବଜାରଘାଟକୁ ପ୍ଲାଷ୍ଟିକ ଫ୍ରି' କରିବାକୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ଅନୁଦାନ ମିଳୁଛି। କିନ୍ତୁ ଭୁବନେଶ୍ୱର ମହାନଗର ନିଗମରେ ଏହା ନିୟମକୁ ଆଖିଠାର ସଦୃଶ ହୋଇଛି।ଚଳିତବର୍ଷ ମାର୍ଚ୍ଚରେ ଭୁବନେଶ୍ୱର ମହାନଗର ନିଗମ ବିଭିନ୍ନ ହାଟରୁ ପ୍ଲାଷ୍ଟିକମୁକ୍ତ ଅଭିଯାନର ଶୁଭାରମ୍ଭ କରିଥିଲା। ଏହି ଅଭିଯାନ କେବଳ ବଡ଼ ବଡ଼ ହୋର୍ଡିଂ ଓ ସୂଚନା ଫଳକରେ ସୀମିତ ରହିଛି। ନିୟମ ତା' ବାଟରେ ଓ ପଲିଥିନ୍ ବ୍ୟବହାର ତା' ବାଟରେ। ସବୁଠୁ ଚିନ୍ତାଜନକ ସ୍ଥିତି ରାଜଧାନୀର ବଡ଼ ୟୁନିଟ୍-୧ ଓ ୟୁନିଟ୍-୪ ହାଟରେ। ଏଠାରେ ନିଷିଦ୍ଧ ପଲିଥିନ୍‌ର ଅବାଧ ବ୍ୟବହାର ହେଉଥିଲେ ବି ଏହା କେଉଁଠୁ ଆସୁଛି, ତାକୁ ଯାଞ୍ଚ କରିବାକୁ କେହି ନାହାନ୍ତି। ଏଣୁ ଏହି ପଲିଥିନ୍‌ର ବିଷୟ ବଳୟ ଭବିଷ୍ୟତ ପିଢ଼ିଙ୍କ ପାଇଁ ସତର୍କ ଘଣ୍ଟି ସାଜିଛି।

# ଷ୍ଟ୍ରିଟ ଲାଇଟ୍ ମରାମତି ପାଇଁ ବିଏମ୍‌ସି ବଦନାମ

ଭୁବନେଶ୍ୱର : ରାଜଧାନୀରେ ଷ୍ଟ୍ରିଟ୍ ଲାଇଟ୍ ରକ୍ଷଣାବେକ୍ଷଣକୁ ନେଇ ଏବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନାଚାର। ଏହି କାମପାଇଁ ଠିକା ନେଇଥିବା ସଂସ୍ଥା ବିଏମ୍‌ସିକୁ ଖାତିର କରୁନାହାନ୍ତି କିମ୍ବା ବିଏମ୍‌ସି ଯନ୍ତ୍ରୀଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଯେଉଁସବୁ ଅଞ୍ଚଳରୁ ଷ୍ଟ୍ରିଟଲାଇଟ୍ ମରାମତି ନେଇ ଲୋକେ ଅଭିଯୋଗ କରୁଛନ୍ତି ସେଠାରେ ସ୍ମାର୍ଟସିଟି କର୍ତ୍ତୃପକ୍ଷ କେବଳ ସମୟ ଗଡାଇ ଚାଲିଛନ୍ତି।ଏଭଳି ଏକ ଆସିଛି ନୀଳାଦ୍ରୀବିହାର ଅଞ୍ଚଳରୁ। ଏଠାରେ ଥିବା ବୁଦ୍ଧପାର୍କ ନିକଟରେ ଷ୍ଟ୍ରିଟ ଲାଇଟ୍ ଅଚଳ ହେବାପରେ ସ୍ଥାନୀୟ ଜଣେ ବରିଷ୍ଠ ନାଗରିକ ଏହାର ମରାମତି ପାଇଁ ସ୍ମାର୍ଟସିଟିର ଶୁଳ୍କମୁକ୍ତ ଟେଲିଫୋନ୍ ଅଭିଯୋଗ କରିଥିଲେ। ଅଭିଯୋଗ ଗ୍ରହଣ ସହିତ ତାଙ୍କୁ ଏ ସଂକ୍ରାନ୍ତୀୟ ଗୋଟିଏ ନମ୍ବର ମିଳିଥିଲା। ବରିଷ୍ଠ ନାଗରିକ ଜଣଙ୍କ ଭାବିଥିଲେ ସ୍ମାର୍ଟସିଟି କର୍ତ୍ତୃପକ୍ଷ ସ୍ମାର୍ଟବେଗରେ ଷ୍ଟ୍ରିଟଲାଇଟ୍‌ର ମରାମତି କରିଦେବେ।ହେଲେ ସେଭଳି କିଛି ହେଲାନାହିଁ। ବିଳମ୍ବ ସଂକ୍ରାନ୍ତରେ ବରିଷ୍ଠ ନାଗରିକ ଜଣଙ୍କ ଜାଣିବାରୁ ଚାହିଁବାରୁ ତାଙ୍କୁ ବିଭିନ୍ନ ବାହାନା ଦେଖାଗଲା। ଆଠ ଦଶ ଦିନ ଅପେକ୍ଷା ପରେ ଏ ସଂକ୍ରାନ୍ତରେ ବିଏମସିର ଯନ୍ତ୍ରୀଙ୍କ କାନରେ କଥାଟି ପକାଇଲେ। ଯନ୍ତ୍ରୀ ବି ତୁରନ୍ତ ମରାମତି ଦାୟିତ୍ୱରେ ଥିବା ସଂସ୍ଥାଙ୍କୁ ନିର୍ଦ୍ଦେଶ ଦେଲେ। ସମ୍ପୃକ୍ତ ସଂସ୍ଥାର କର୍ମଚାରୀମାନେ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିବା ସହିତ ଅଭିଯୋଗକାରୀଙ୍କ ସହିତ ଆଲୋଚନା କଲେ। ହେଲେ ସମସ୍ୟାର ସମାଧାନ ହୋଇପାରିଲା ନାହିଁ।ଅଭିଯୋଗ କରିବାର ୧୫ ଦିନପରେ ସ୍ମାର୍ଟସିଟି କର୍ତ୍ତୃପକ୍ଷ ସେହି ଅଭିଯୋଗର ନବୀକରଣ କରି ନୂଆ ନମ୍ବର ଓ ନୂଆ ତାରିଖ ଦେଇଛନ୍ତି। ଫଳରେ ଅଭିଯୋଗଟି ଆଉ ପୁରୁଣା ବୋଲି କେହି କହିପାରିବେନି। ଏହା ଦେଖି ଏବେ ଅଭିଯୋଗକାରୀ ଅବାକ ହୋଇଛନ୍ତି। ସାମାନ୍ୟ ଷ୍ଟ୍ରିଟ୍ ଲାଇଟ୍‌ଟିଏ ମରାମତି କରିବାକୁ ଯଦି ଏତେ ବିଳମ୍ବ ହେଉଛି ତେବେ ଅନ୍ୟାନ୍ୟ ଅଭିଯୋଗର ସମାଧାନ କିଭଳି ହେଉଥିବ ତାହାକୁ ନେଇ ଚିନ୍ତାବ୍ୟକ୍ତ କରାଗଲାଣି।ତେବେ ମିଳିଥିବା ସୂଚନା ଅନୁଯାୟୀ ରାଜଧାନୀର ଷ୍ଟ୍ରିଟ୍ ଲାଇଟ୍ ମରାତି କରିବାକୁ ବିଏମ୍‌ସି କେତେକ ସଂସ୍ଥାଙ୍କୁ ନିଯୁକ୍ତ କରିଛି। ସେମାନେ ଏଥିପାଇଁ ମୋଟା ଅଙ୍କର ଟଙ୍କା ନେଉଛନ୍ତି। ସ୍ମାର୍ଟସିଟିର ଦେୟମୁକ୍ତ ନମ୍ବର କିମ୍ବା ବିଏମସିର ନିକଟରେ ଅଭିଯୋଗ ହେଲେ ସେହି ଅଭିଯୋଗଟି ଛାଏଁ ଛାଏଁ ଠିକାସଂସ୍ଥା ନିକଟରେ ପହଞ୍ଚିବ ଏବଂ ଧାର୍ଯ୍ୟସମୟ ଭିତରେ ଅଭିଯୋଗଟି ସମାଧାନ ହେବାକଥା। ହେଲେ ଠିକାସଂସ୍ଥାଗୁଡିକର ମନମାନି ଯୋଗୁଁ ତାହା ହୋଇପାରୁ ନାହିଁ। ଫଳରେ ବିଏମସି ସହିତ ଗୃହ ଓ ନଗର ଉନ୍ନୟନ ବିଭାଗ ବଦନାମ ହେଉଛି।ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜଧାନୀରେ ଲୋକ୍ଙୁ ସ୍ମାର୍ଟସେବା ପ୍ରଦାନ ସଂକ୍ରାନ୍ତରେ ବିଏମସି ଠାରୁ ଆରମ୍ଭ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବ୍ୟାପକ ପ୍ରଚାର କରାଯାଉଛି। ସୋସିଆଲ ମିଡଆରେ ରଙ୍ଗୀନ ଫଟୋ ସହିତ ପ୍ରଶଂସାଗାନ ହେଉଛି। ଏ ବାବଦରେ ବି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ କ୍ଷେତ୍ର ସ୍ତରରେ କିନ୍ତୁ କାର୍ଯ୍ୟ କିଭଳି ଚାଲୁଛି ନୀଳାଦ୍ରୀ ବିହାରର ଷ୍ଟ୍ରିଟ ଲାଇଟ୍ ମରାମତି ଅଭିଯୋଗ ଏହାର ଏକ ଉଦାହରଣ ମାତ୍ର। ସହରର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିବାବେଳେ ତାହା ଅପରାଧୀଙ୍କୁ ବେଶ୍ ସୁହାଉଥିବା ଏବଂ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବାବେଳେ ବିଏମସିର ଏଭଳି ମନୋଭାବ ଏବେ ରାଜଧାନୀବାସୀଙ୍କୁ ଚିନ୍ତାରେ ପକାଇ ଦେଲାଣି।

# ଖୁବ୍ ଶୀଘ୍ର ପାଣ୍ଡରା ଆଧୁନିକ ମାଛ ବଜାର



ଭୁବନେଶ୍ୱର ୯ : ଭୁବନେଶ୍ୱର ମାଛ ବଜାରରେ ଆଉ ରହିବ ନାହିଁ ପୂତିଗନ୍ଧମୟ ପରିବେଶ। ଦୂର ହେବ ୟୁନିଟ୍-୪ ମାଛ ବଜାରରେ ଦେଖାଯାଉଥିବା ଭିଡ ଓ ଟ୍ରାଫିକ ସମସ୍ୟା। ଆସନ୍ତା ୨୦୨୮ ମାର୍ଚ୍ଚ ଶେଷ ସୁଦ୍ଧା ପାଣ୍ଡରା ଠାରେ ପ୍ରାୟ ୫.୪ ଏକର ଜମିରେ ପାଖାପାଖି ୫୧ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଥିବା ଅତ୍ୟାଧୁନିକ ମାଛ ବଜାର କାର୍ଯ୍ୟ ସମ୍ପନ୍ନ ହେବ।ଯେଉଁ ନୂଆ ବଜାର ନିର୍ମିତ ହେଉଛି ସେଠାରେ ୪୦ଟି ହୋଲସେଲ କାଉଣ୍ଟର ସମେତ ୧୦୦ଟି ପିଣ୍ଡି ରହିବ। ଆଜି ଉତ୍ତର ଭୁବନେଶ୍ୱରର ପାଣ୍ଡରା ଠାରେ ନିର୍ମାଣାଧୀନ ଆଧୁନିକ ହୋଲସେଲ୍ ମାଛ ବଜାର ପ୍ରକଳ୍ପର ସ୍ଥଳ ପରିଦର୍ଶନ କରିବା ପରେ ଏଭଳି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଅଞ୍ଚଳ ପରିଦର୍ଶନ ପରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଧୀରେ ଧୀରେ ଆକାର ନେଉଥିବା ଦେଖିବା ନିଶ୍ଚିତ ଭାବେ ଏକ ସ୍ୱପ୍ନ ସାକାର ହେବାର ଅନୁଭୂତି ଦେଉଛି ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ।ସୂଚନାଯୋଗ୍ୟ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସ୍ୱପ୍ନର ପ୍ରକଳ୍ପ ଭାବରେ ତାଙ୍କର ଲଗାତାର ପ୍ରୟାସ ପରେ ବିଏମସି ଦ୍ୱାରା ଏହି ପ୍ରକଳ୍ପର ଟେଣ୍ଡର କରାଯାଇ ଗତ ଏପ୍ରିଲ ୨୦୨୬ ମସିହାରୁ ସାଇଟ୍ ହସ୍ତାନ୍ତର କରାଯାଇଛି। ଏପରିକି ସାଂସଦଙ୍କ ପ୍ରତ୍ୟକ୍ଷ ପ୍ରୟାସରେ ବିଏମସି ପକ୍ଷରୁ ମାମଲା ମୁକ୍ତ ବା ଲିଟିଗେଶନ ଫ୍ରି ଜମି ହସ୍ତାନ୍ତର କାର୍ଯ୍ୟ ସମ୍ପନ୍ନ ହୋଇଛି। ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ ଆଧୁନିକ ହୋଲସେଲ୍ ଓ ରିଟେଲ୍ ମାଛ ବଜାର ପ୍ରତିଷ୍ଠା କରିବା ସହିତ ୟୁନିଟ୍-୪ ମାଛ ବଜାରରେ ବର୍ତ୍ତମାନ ଦେଖାଦେଉଥିବା ଭିଡ଼ ଓ ଟ୍ରାଫିକ୍ ସମସ୍ୟାର ସମାଧାନ କରିବା। ଏହି ପରିଦର୍ଶନ ସମୟରେ ସାଂସଦଙ୍କ ସହ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ବିଏମସି ଅଧିକାରୀମାନଙ୍କ ସହିତ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରିବା ସହ ପାଣ୍ଡରା ଗ୍ରାମବାସୀଙ୍କ ସହିତ ମଧ ଆଲୋଚନା କରିଥିଲେ।

## ରିକଭରି ଏଜେଣ୍ଟଙ୍କ ଦାଦାଗିରି, ଆକ୍ରମଣ କରି ଛଡେଇନେଲେ ଗାଡ଼ି

ଭୁବନେଶ୍ୱର ରିକଭରି ଏଜେଣ୍ଟଙ୍କ ଦାଦାଗିରି। ଭୁବନେଶ୍ୱର ସହିଦନଗର ରିକଭରି ଏଜେଣ୍ଟଙ୍କ ଦାଦାଗିରିର ଅଭିଯୋଗ ଆସିଛି। ଯାହାକୁ ନେଇ ସହିଦନଗର ଥାନାରେ ମାମଲା ରୁଜୁ ହୋଇଛି।ଖବର ଅନୁଯାୟୀ,ଭୁବନେଶ୍ୱରରେ ରିକଭରି ଏଜେଣ୍ଟଙ୍କ ଦାଦାଗିରି ଅଭିଯୋଗ। ରାସ୍ତା ଉପରୁ ଆକ୍ରମଣ କରି ଛଡେଇ ନେଲେ ଗାଡ଼ି। ଗାଡ଼ିରେ ଫାଇନାନ୍ସ ନଥାଇ ରାସ୍ତା ଉପରୁ ଗାଡି ଭିଡି ନେଲେ। ଥାର୍ ଗାଡ଼ି ଜବତ୍ ସହ ସମୁଦାୟ ୫ ଜଣଙ୍କୁ ଗିରଫ କରିଛି ସହିଦ୍ ନଗର। ସେଲ୍ଫ ଡ୍ରାଇଭରେ ନେଇଥିବା କମ୍ପାନୀ ନମ୍ବର୍ ପ୍ଲେଟ୍ ବଦଳାଇ ଚଳାଇଥିଲେ କାର୍। ଏନେଇ ସହିଦ୍ ନଗର ଥାନାରେ ଅଭିଯୋଗ କରିଥିଲେ ଗାଡ଼ି ମାଲିକାଣୀ ଇପାଞ୍ଜଳୀ ନାୟକ। ପରେ ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ସେଲ୍ଫ ଡ୍ରାଇଭ୍ କମ୍ପାନୀର ଦୁଇଜଣ ଓ ମହିନ୍ଦ୍ରା ଫାଇନାନ୍ସର ଡିଭିଜନାଲ୍ ମ୍ୟାନେଜର, ଏରିଆ ମ୍ୟାନେଜର ସମେତ ରିକଭରି ଏଜେଣ୍ଟ ଗିରଫ।

# ବରମୁଣ୍ଡା ଟ୍ରାଫିକ୍ ସମସ୍ୟା ଉତ୍କଟ



ଭୁବନେଶ୍ୱର : ଭୁବନେଶ୍ୱରର ଅନ୍ୟତମ ବ୍ୟସ୍ତବହୁଳ ଅଞ୍ଚଳ ବରମୁଣ୍ଡାରେ ଟ୍ରାଫିକ୍ ସମସ୍ୟା ଯୋଗୁ ଲୋକେ କଲବଲ ହେଉଛନ୍ତି। ବିଶେଷକରି ସନ୍ଧ୍ୟାରେ ଏହି ସମସ୍ୟା ଉତ୍କଟ ରୂପ ନେଉଛି। ବିଏସ୍‌ଏବିଟି ପାଖରୁ ଫାୟାର୍ଷ୍ଟେସନ୍ ଛକ ପର୍ଯ୍ୟନ୍ତ ସର୍ଭିସ୍ ରାସ୍ତାରେ ଗାଡ଼ିମାନଙ୍କର ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ରାସ୍ତାକଡ଼ ଜବରଦଖଲ ସାଙ୍ଗକୁ ରଙ୍ଗ୍‌ରୁଟ୍ ଗାଡ଼ିଚାଳନା ଏହି ସମସ୍ୟାର ମୁଖ୍ୟ କାରଣ ପାଲଟିଛି। ସେହିପରି ଅଟୋ ଓ ବେଆଇନ ଗାଡ଼ି ପାର୍କିଂ ସମସ୍ୟାକୁ ବଢ଼ାଉଛି। ଜାମ୍‌ରେ ଆମ୍ବୁଲାନ୍ସ ମଧ ଫସି ରହୁଛି। ମାତ୍ର ୪୦୦ ମିଟର ରାସ୍ତା ଅତିକ୍ରମ କରିବାକୁ ୨୦ମିନିଟ୍‌ରୁ ଅଧଘଣ୍ଟା ସମୟ ଲାଗିଯାଉଛି। ଅନ୍ତର୍ଜାତୀୟ ସ୍ତରର ବସ୍ ଟର୍ମିନାଲ୍ ଭିତରୁ ବାହାରିବା ପରେ ଏଭଳି ଟ୍ରାଫିକ୍ ସମସ୍ୟା ଦେଖି ଯେକେଣସି ଲୋକ ହତାଶ ହୋଇପଡ଼ିବ। ଏଠାରେ ଥିବା ଏନ୍‌ଏଚ୍ ଫ୍ଲାଏଓର୍ଭ ଡାଇଭର୍ସନ ନିକଟରେ ଖଣ୍ଡଗିରି ପଟୁ ଆସୁଥିବା ଗାଡ଼ି ଏବଂ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ତଥା ହାଉସିଂବୋର୍ଡ କଲୋନିରୁ ଓଭର୍‌ବ୍ରିଜ୍ ଉପରକୁ ଯାଉଥିବା ଗାଡ଼ି ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜୁଛି। ଅନୁରୂପ ଭାବେ ରାସ୍ତା ଉପରେ ବସ୍ ରଖି ଯାତ୍ରୀ ଉଠାଣ କରୁଥିବାରୁ ସମସ୍ୟା ବଢୁଛି। ଷ୍ଟାଣ୍ଡରୁ ବାହାରୁଥିବା ବସ୍‌ଗୁଡ଼ିକ ପଛକୁ ପଛ ଲମ୍ବି ରହିବାରୁ ରାସ୍ତା ସଂକୀର୍ଣ୍ଣ ହେବା ସହିତ ପଛ ପାର୍ଶ୍ୱରୁ ଆସୁଥିବା ଦୁଇଚକିଆ ମଧ ଏହାକୁ ଅତିକ୍ରମ କରିପାରୁନାହିଁ। ବିଶେଷ କରି ଅଫିସ୍ ସମୟ ପୂର୍ବାହ୍ନ ୯ଟାରୁ ୧୦ଟା ଓ ସନ୍ଧ୍ୟା ୫ଟାରୁ ୭ଟା ମଧରେ ଗାଡ଼ି ଗଡୁନି।ସେହିପରି ରାଜଧାନୀ କଲେଜ ଅର୍ଣ୍ଣପାସ୍ ପାଖ 'ଆମ ବସ୍ ଷ୍ଟପ୍' ନିକଟରେ ମଧ ଲୋକେ ଟ୍ରାଫିକ୍ ସମସ୍ୟାରେ ଛନ୍ଦି ହେଉଛନ୍ତି। ଟିକେ ଅନ୍ୟମନସ୍କ ହେଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। ଅନୁରୂପ ଭାବେ ଏହି ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ରାସ୍ତା ସଂକୀର୍ଣ୍ଣ ହୋଇପଡୁଛି। ଏନେଇ ବିଏମ୍‌ସି କିମ୍ବା ପରିବହନ ବିଭାଗ ତରଫରୁ କେଣସି ପଦକ୍ଷେପ ନିଆଯାଉନାହିଁ। କେଣସି ଦୁର୍ଘଟଣା ଘଟିଲେ କିମ୍ବା ଜଟିଳ ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ୍‌କୁ ନେବାକୁ ଫାୟାର୍ଷ୍ଟେସନ୍ ରାସ୍ତା ସହଜ ହେଉଥିଲେ ମଧ ଟ୍ରାଫିକ୍ ସମସ୍ୟା ଯୋଗୁ ଏହି ଜରୁରୀକାଳୀନ ଗାଡ଼ି ଅଟକି ରହୁଛି। ଏହା ସତ୍ତ୍ୱେ ଟ୍ରାଫିକ୍ ପ୍ରଶାସନ ତରଫରୁ ଜଣେ ହେଲେ କର୍ମଚାରୀ ଏଠାରେ ଉପସ୍ଥିତ ରହୁନାହାନ୍ତି। ଯିଏ ଯେଉଁ ବାଟେ ଚାହିଲା, ସେହି ବାଟରେ ଯାଉଛି। ସଡ଼କ ସୁରକ୍ଷାର ସମସ୍ତ ନିୟମକୁ ଏଠାରେ ଉଲ୍ଲଘଂନ କରାଯାଉଛି।

## ଦହିବରା ଖାଇ ୫୦ରୁ ଉର୍ଦ୍ଧ ରୋଗୀ ଆକ୍ରାନ୍ତ

ପୁରୀ : କାକଟପୁର ବ୍ଲକ ବାଙ୍ଗୁରୀଗାଁ ଅଞ୍ଚଳ ରେ ଖୋଲା ବଜାର ଖାଦ୍ୟ ଖାଇ ୫୦ ରୁ ଉର୍ଦ୍ଧ ରୋଗୀ ଝାଡ଼ା ବାନ୍ତି ରୋଗ ରେ ଆକ୍ରାନ୍ତ,ବାଙ୍ଗୁରୀଗାଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ରେ ଅନେକ ବ୍ୟବସ୍ଥା ଚିକିତ୍ସା ପାଇଁ ଥିବାବେଳେ କିନ୍ତୁ ଡାକ୍ତର ଙ୍କ ଅଭାବ, ଆଉଟଡୋର ରେ ଜଣେ ଡାକ୍ତର ଙ୍କ ନିକଟରେ ଶହେ ରୁ ଉର୍ଦ୍ଧ ରୋଗୀ ଧାଡି ରେ ଥିବାବେଳେ ଏପଟେ ଝାଡ଼ା ବାନ୍ତି ଙ୍କ ରୋଗୀ ଙ୍କ ସଂଖ୍ୟା କହିଲେ ନସରେ,ରାଜ୍ୟ ସରକାର ଙ୍କ ବିପୁଳ ଅର୍ଥ ରାଶି ରେ ନିର୍ମିତ ହୋଇଥିବା କାକଟପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ରେ ଯଦି ଗୋଟେ ବେଡ଼ ରେ ୨ ରୋଗୀ ଚିକିତ୍ସା ପାଇବେ ତାହେଲେ ଏହା ନିଶ୍ଚିନ୍ତ ଲଜ୍ୟାଜନକ କଥା, ଡାକ୍ତର ଜଣେ ରୋଗୀ ସେବା ବ୍ୟାହତ



ବୋଲି ରୋଗୀ ଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି,ବଜାର ରେ ମିଳୁଥିବା ଖାଦ୍ୟ କେତେ ସୁରକ୍ଷିତ ଆଉ ଏହା ଆମ ଶରୀର ପାଇଁ କେତେ ଉପଯୋଗୀ ବର୍ତ୍ତମାନ ସୁଦ୍ଧା ଖାଦ୍ୟ ନିରାପତ୍ତା ବିଭାଗ ର ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ, କିନ୍ତୁ ଅପର ପକ୍ଷ ରେ ଯଦିଓ ସାଧାରଣ ଲୋକ ଓ ଛାତ୍ରଛାତ୍ରୀ ଙ୍କ ପାଇଁ ଏହା ବିପଦ ସୃଷ୍ଟି ହେବ ତାହେଲେ ଏଥିପାଇଁ ଦାୟୀ କିଏ ହେବ, ଏ ବାବଦରେ ଉପସ୍ଥିତ ଡାକ୍ତର କହିଛନ୍ତି ଗତକାଲି ରାତିରୁ ଅନେକ ରୋଗୀ ଆସିଛନ୍ତି ସମସ୍ତେ ଚିକିତ୍ସା ପାଉଛନ୍ତି, ଆଉ ଏ ଘଟଣା ରେ ଆମେ ଉପରିସ୍ଥ ଅଧିକାରୀ ଙ୍କୁ ଜଣାଇବା ବୁ ଆବଶ୍ୟକ ହେଲେ ପୁରୀ ସ୍ଥାନାନ୍ତର କରିବୁ ।

# ମଲ୍, ହସ୍ପିଟାଲ୍ ଓ ହୋଟେଲ୍‌ରେ ସ୍ଥିତି ଯାଞ୍ଚ କଲା ଅଗ୍ନିଶମ ବିଭାଗ



ଭୁବନେଶ୍ୱର ରାଜ୍ୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ 'ସୁରକ୍ଷିତ ଓଡ଼ିଶା ବିକଶିତ ଓଡ଼ିଶା' ଅଭିଯାନ ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଛି। ପ୍ରଥମ ଦିନରେ ସିଏଫ୍‌ଓ ଦେବେନ୍ଦ୍ର କୁମାର ସ୍ୱାଇଁ(ଏସ୍‌ଏଜି)ଙ୍କ ନେତୃତ୍ୱରେ ଆଜି ଭୁବନେଶ୍ୱର ଅଗ୍ନିଶମ ବାହିନୀ ଏସପ୍ଲାନେଡ୍ ମଲ୍, ଆପୋଲୋ ହସ୍ପିଟାଲ୍ ଓ ଜିଞ୍ଜର୍ ହୋଟେଲ୍‌ରେ ଯାଞ୍ଚ କରିଥିଲା। ହଠାତ୍ ଅଗ୍ନିକାଣ୍ଡ ଲାଗିଲେ ଅଟୋମେଟିକ୍ ୱାଟର୍ ସ୍ପ୍ରିଙ୍କର୍ଲଠୁ ଆରମ୍ଭ କରି ଦିବ୍ୟାଙ୍ଗମାନଙ୍କ ପାଇଁ ଆଲାର୍ମ ବ୍ୟବସ୍ଥା, ଅଗ୍ନି ନିର୍ବାପକ ଯନ୍ତ୍ର, ସାଇନ୍‌ଏଜ୍, ୱାଟର୍ ଷ୍ଟୋରେଜ୍ ପ୍ରମୁଖ ଦିଗ ଉପରେ ନିରୀକ୍ଷଣ କରାଯାଇଥିଲା। ଏହା ସହ ଅଚଳ ଯନ୍ତ୍ରାଂଶକୁ ମରାମତି କରିବା ସହିତ ବିଭିନ୍ନ ତ୍ରୁଟି ବିଚ୍ୟୁତିକୁ ଚିହ୍ନଟ କରାଯାଇଛି। ସେଗୁଡ଼ିକୁ ସଜାଡ଼ିବା ପାଇଁ ଖୁବ୍‌ଶୀଘ୍ର ନୋଟିସ୍ ଜାରି କରାଯିବ ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି। ଆଜି ଦିନ ପ୍ରାୟ ୧୧ଟାରେ ସିଏଫ୍‌ଓଙ୍କ ନେତୃତ୍ୱରେ ୨ଟି ଫାୟାର୍ ଷ୍ଟେସନ୍‌ର ୧୫ଜଣିଆ ଟିମ୍ ପ୍ରଥମେ ଏସପ୍ଲାନେଡ୍ ମଲ୍‌ରେ ଯାଞ୍ଚ କରିଥିଲେ। ତଳ ମହଲାରୁ ଆରମ୍ଭ କରି ଅଧିକାରୀମାନେ ତୃତୀୟ ମହଲା ପର୍ଯ୍ୟନ୍ତ ଅଗ୍ନି ନିରାପତ୍ତା ସମୀକ୍ଷା କରିଥିଲେ। ଏହା ସହିତ୍ ୱାଟର୍ ଷ୍ଟୋରେଜ୍ ଓ ସ୍ପ୍ରିଙ୍କଲର୍ ଆଦି ଅନୁଧ୍ୟାନ କରିଥିଲେ। ଅପରାହ୍ନ ପ୍ରାୟ ୩ଟା ବେଳକୁ ଗଜପତିନଗରରେ ଥିବା ଆପୋଲ ହସ୍ପିଟାଲରେ ଆଗ୍ନିକ ଟିମ୍ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲା। ହସ୍ପିଟାଲର ପ୍ରବେଶ ଓ ପ୍ରସ୍ଥାନ ପଏଣ୍ଟ ବୁଲି ଦେଖିବା ସହିତ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଆଇସିୟୁ ୱାର୍ଡ ଓ ସେଠାରେ ଥିବା ଅଗ୍ନି ସୁରକ୍ଷା ବ୍ୟବସ୍ଥା ପରଖା ଯାଇଥିଲା। ପରେ ଜୟଦେବବିହାର ନିକଟସ୍ଥ ଜିଞ୍ଜର୍ ହୋଟେଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ହୋଇଥିଲା। ହୋଟେଲ୍ କର୍ମଚାରୀଙ୍କୁ ଅଗ୍ନିକାଣ୍ଡ ସମୟରେ ଭୟଭୀତ ନହୋଇ କିଭଳି ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରାଯିବ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର ଆଦି ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଯାଞ୍ଚ ପ୍ରକ୍ରିୟାରେ ସିଏଫ୍‌ଓଙ୍କ ସମେତ ଡେପୁଟି ଫାୟାର ଅଫିସର ନାରାୟଣ ଦାଶ, ଆସିଷ୍ଟାଣ୍ଟ ଫାୟାର୍ ଅଫିସର ଜିତେନ୍ଦ୍ର କୁମାର ଦାଶ, ଷ୍ଟେସନ୍ ଅଫିସର୍ ଗୋବିନ୍ଦ ଚନ୍ଦ୍ର ଜେନା ଓ ଜ୍ଞାନରଂଜନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

# ନାଲକୋ ଦାମନଯୋଡ଼ିରେ ୫୯ ତମ ଇଞ୍ଜିନିୟର୍ସ ଦିବସ ପାଳିତ

ଭୁବନେଶ୍ୱର : ଦି ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ), ସୁନାବେଡ଼ା ଲୋକାଲ୍ ସେଣ୍ଟର ପକ୍ଷରୁ ଦାମନଯୋଡ଼ି ଠାରେ ୫୯ ତମ ଇଞ୍ଜିନିୟର୍ସ ଦିବସ ଉତ୍ସାହ ଓ ଉଦ୍ଦୀପନା ର ସହ ପାଳିତ ହୋଇଯାଇଛି। ଭାରତର ବିଶିଷ୍ଟ ଇଞ୍ଜିନିୟର ତଥା ଭାରତ ରତ୍ନ ସାର୍ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟ ଙ୍କ ୧୬୫ତମ ଜନ୍ମଜୟନ୍ତୀ ଅବସରରେ ଏହି ଦିବସ ପାଳନ କରାଯାଇଥିଲା। ଆଇ ଇ ଆଇ, ସ୍ଥାନୀୟ କେନ୍ଦ୍ର, ସୁନାବେଡ଼ା ର ଅଧକ୍ଷ ଇଂ. ସଞ୍ଜୟ କୁମାର ବିଷୋୟୀ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଲକୋ ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଇଂ. ଏ. କେ. ମିଶ୍ର, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସୁନାବେଡା ସ୍ଥିତ ହାଲ ର ଇଡି,ଇଂ. ଏସ୍. ଏ. କୋଠେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ହାଲ ର ମହାପ୍ରବନ୍ଧକ,



ଇଂ.କେ. ଭଟ୍ଟାଚାର୍ଯ୍ୟ, ମହାପ୍ରବନ୍ଧକ, ଇଂ. ଏସ୍. କେ. ପଣ୍ଡା, ସିଜିଏମ୍ , ନାଲକୋ, ଇଂ. ପି. ମହନ୍ତ , ଇଂ. ଡି. କେ. ବାଗ, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଚଳିତ ବର୍ଷର ଉତ୍ସବର ମୁଖ୍ୟ ବିଷୟବସ୍ତୁ ଥିଲା।'ଏକ ସ୍ଥାୟୀ ଏବଂ ବୈଷୟିକ ଦୃଷ୍ଟିରୁ ସ୍ୱାଧୀନ ଭାରତ ପାଇଁ ଇଞ୍ଜିନିୟରିଂ କ୍ଷେତ୍ରରେ ଉତ୍କର୍ଷତା' କାର୍ଯ୍ୟକ୍ରମ ରେ ଇଞ୍ଜିନିୟରିଂ କ୍ଷେତ୍ରରେ ନବସୃଜନ, ଆଧୁନିକ ପ୍ରଯୁକ୍ତି, ସ୍ଥାୟୀ ବିକାଶ ଏବଂ ଭାରତର ପ୍ରଯୁକ୍ତିଗତ ସ୍ୱାବଲମ୍ବନ ଉପରେ ଆଲୋଚନା କରାଯାଇଥିଲା। ଦେଶର ଶିଳ୍ପ ଓ ସାମାଜିକ ବିକାଶରେ ଇଞ୍ଜିନିୟର ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ବକ୍ତାମାନେ ମତବ୍ୟକ୍ତ କରିଥିଲେ।ଏହି ଅବସରରେ ବହୁ ସଂଖ୍ୟକ ଇଞ୍ଜିନିୟର, ବୈଷୟିକ ବିଶେଷଜ୍ଞ, ଛାତ୍ରଛାତ୍ରୀ ଓ ବିଭିନ୍ନ ଅତିଥି ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଏହାର ସଫଳ ଆୟୋଜନରେ ସହଯୋଗ କରିଥିବା ନାଲକୋ କର୍ତ୍ତୃପକ୍ଷ , ଆଇ ଇ ଆଇ , ସୁନାବେଡ଼ା ଲୋକାଲ୍ ସେଣ୍ଟରର ସଦସ୍ୟ ବୃନ୍ଦ, ଇଞ୍ଜିନିୟର, ଛାତ୍ରଛାତ୍ରୀ ଓ ସମସ୍ତ ସହଯୋଗୀଙ୍କୁ ଆଇ ଇ ଆଇ ,ସୁନାବେଡ଼ା ଲୋକାଲ୍ ସେଣ୍ଟରର ସମ୍ପାଦକ ଇଂ. ମାନସ ରଞ୍ଜନ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।




# ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବନ୍ଦ ପାଇଁ ସଚେତନତା ଅଭିଯାନ

ପୁରୀ : ସିଙ୍ଗଲ୍ ବ୍ୟବହୃତ ପ୍ଲାଷ୍ଟିକ୍ ବନ୍ଦ ପାଇଁ ପୁରୀ ବେଳାଭୂମିରେ ଆଜି ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମିଶନ ଲାଇଫ୍ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟକ, ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କୁ ଥରେ ବ୍ୟବହାର ହୋଇପାରୁଥିବା ପ୍ଲାଷ୍ଟିକ୍ ବିରୋଧରେ ସଚେତନ କରାଯାଇଥିଲା।ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ସେଣ୍ଟର ଫ ଏନଭାଇର୍ଣ୍ଣମେଣ୍ଟ ଷ୍ଟଡିଜ୍‌ଏବଂ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ଏକ ସଚେତନତା ରଥ ପରିକ୍ରମା କରାଯାଇଥିଲା।ସେହିପରି ପ୍ଲାଷ୍ଟିକ୍ ବଦଳରେ କପଡ଼ା ବ୍ୟାଗ ବ୍ୟବହାର କରିବା ଲାଗି ବେଳାଭୂମିରେ ଥିବା ଲୋକମାନଙ୍କୁ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ପ୍ରଶ୍ନୋତ୍ତର, ଚିତ୍ରାଙ୍କନ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସମସ୍ତଙ୍କୁ ଏକକ ୟୁଜ୍ ପ୍ଲାଷ୍ଟିକ ବନ୍ଦ କରିବା ସହ ବିକଳ୍ପ ବ୍ୟାଗ୍ ବ୍ୟବହାର କରିବା, ପରିବେଶ ସଂରକ୍ଷଣ ଏବଂ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଯାଇଥିଲା।ପୁରୀ ସମେତ ବାରିପଦା, କେନ୍ଦ୍ରାପଡ଼ା ଓ କୋରାପୁଟରେ ମଧ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ୨୫ଶହରୁ ଅଧିକ ଅଂଶଗ୍ରହଣକାରୀ ଭାଗ ନେଇଥିଲେ।

PRINTED BY- PRASANTA KUMAR POTHAL AND OWNED,PUBLISHED AND EDITED BY **JYOTIRMAYA PANDA**, PRINTED AT- OMM PRINTERS PLOT NO-6709, NEAR RADHAKRUSHNA TEMPLE, MANCHESWAR INDUSTRIAL ESTATE, KHORDHA, ODISHA - 751010 AND PUBLISHED FROM-LB-58, BHIMATANGI HOUSING BOARD COLONY, KAPILPRASAD, BHUBANESWAR, KHORDHA, ODISHA - 751002

CHIEF EDITOR: SIMANCHAL PATTNAIK ମୁଖ୍ୟ ସଂପାଦକ : ସିମାଞ୍ଚଳ ପଟ୍ଟନାୟକ Email:-aamarprayas@gmail.com Mob:-9937020732 EDITOR : JYOTIRMAYA PANDA ସଂପାଦକ : ଜ୍ୟୋତିର୍ମୟ ପଣ୍ଡା